

ଅଭିଷେକଙ୍କ ବିସ୍ଫୋରକ ଶତକ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-294 ◆WEDNESDAY ◆22 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୯୪ ◆ବୁଧବାର ◆୨୨ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଐତିହାସିକ ବୁଝାମଣା ପାଇଁ ସୁଯୋଗ!

# ପାକିସ୍ତାନ ଯାଇପାରନ୍ତି ଟ୍ରମ୍ପ



ଆଜି ସରୁଛି ଯୁଦ୍ଧବିରତି

■ ୱାସିଂଟନ/ଇସଲାମାବାଦ, ୨୧।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ୧୫ ଦିନିଆ ଯୁଦ୍ଧବିରତିର ସମୟ ଆସନ୍ତାକାଲି ମଧ୍ୟରାତିରେ ଶେଷ ହେବାକୁ ଯାଉଛି। ଏହାପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଉଦ୍ୟମ ଚାଲିଛି। ଉଭୟ ଇରାନ ଓ ଆମେରିକା ପରସ୍ପର ବିରୋଧରେ ଯୁଦ୍ଧବିରତି ଉଲ୍ଲଂଘନ ଅଭିଯୋଗ କରୁଛନ୍ତି। ଆମେରିକାର କଠୋର ସର୍ତ୍ତ ଯୋଗୁଁ ଇରାନ ଆଲୋଚନା କରିବାକୁ ପ୍ରସ୍ତୁତ ନୁହେଁ। କିନ୍ତୁ ଯେକୌଣସି ଉପାୟରେ ଆଲୋଚନା ଜରିଆରେ ଚୁକ୍ତି କରାଇବାକୁ ଆମେରିକା ଉଦ୍ୟମ ଜାରି ରଖିଛି। ଏଥିପାଇଁ ଆମେରିକାର ପ୍ରତିନିଧି ଦଳ ଇସଲାମାବାଦ ଅଭିମୁଖେ ଯାତ୍ରା କରିଥିବା ବେଳେ ଇରାନ ଏବେ ବି ନିରବ ରହିଛି। ତାକୁ ମନାଇବା ଲାଗି ପାକିସ୍ତାନ ଜରିଆରେ ଉଦ୍ୟମ ଚାଲିଛି। ରାଷ୍ଟ୍ରପତି ଟ୍ରମ୍ପ ଗୋଟିଏ ପଟେ ଇରାନକୁ ଧମକାଉଥିବା ବେଳେ ଅନ୍ୟପଟେ ଏହାର ପ୍ରଶଂସା ମଧ୍ୟ କରୁଛନ୍ତି। ସେ ଶାନ୍ତି ବୁଝାମଣା ନେଇ ଆଶାବାଦୀ।

ଇତିମଧ୍ୟରେ ମିଳିଥିବା ରିପୋର୍ଟ ଅନୁଯାୟୀ, ଯଦି ଇରାନ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ନିଶ୍ଚିତ ହୁଏ, ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ୟକ୍ତିଗତ ଭାବେ ପାକିସ୍ତାନ ଗସ୍ତ କରିପାରନ୍ତି କିମ୍ବା ଭର୍ଚୁଆଲ୍ ଅର୍ଥାତ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇପାରନ୍ତି। ବୁଧବାର ଦିନ ଇସଲାମାବାଦରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାର ସମ୍ଭାବନା ରହିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଛି। ଏହି ସମୟ ସୀମା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ଉଭୟ ପକ୍ଷ ଚେଷ୍ଟା କରୁଛନ୍ତି। ହର୍ମୁଜ ପ୍ରଣାଳୀରେ ଆମେରିକା ଦ୍ୱାରା ଇରାନୀ ଜାହାଜ ଜବତ ହେବା ପରେ ତେହେରାନ ପ୍ରଥମେ ଆଲୋଚନାକୁ ବର୍ଜନ କରିବାକୁ ଧମକ ଦେଇଥିଲା। ତେବେ ସଦ୍ୟତମ ସୂଚନା ଅନୁଯାୟୀ, ଇରାନ ଏହି ଆଲୋଚନାରେ ଭାଗ ନେବା ପାଇଁ 'ସକାରାତ୍ମକ ସମୀକ୍ଷା' କରୁଛି। ଟ୍ରମ୍ପ ଚାହୁଁଛନ୍ତି ଯେ ଇରାନ କେବେବି ପରମାଣୁ ଅସ୍ତ୍ର ନିର୍ମାଣ ନକରୁ, ଯଦ୍ୱାରା ବିଶ୍ୱ ବଜାରରେ ତେଲ ଦର ସ୍ଥିର ରହିବ। ଅନ୍ୟପଟେ ଇରାନ ନିଜ ଉପରୁ ଆର୍ଥିକ କଟକଣା ହଟାଇବା ପାଇଁ ହର୍ମୁଜ ପ୍ରଣାଳୀ ଉପରେ ଥିବା ନିୟନ୍ତ୍ରଣକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ପାକିସ୍ତାନ ଏହି ହାଇ-ପ୍ରୋଫାଇଲ୍ ଆଲୋଚନା ପାଇଁ ମୁଖ୍ୟ ମଧ୍ୟସ୍ଥି ଭାବେ ଉଭା ହୋଇଛି।

ବୈଠକକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ଇସଲାମାବାଦରେ ପ୍ରାୟ ୨୦, ୦୦୦ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ମଙ୍ଗଳବାର ଦିନ ହିଁ ପାକିସ୍ତାନ ଅଭିମୁଖେ ବାହାରିଛନ୍ତି। ଯଦିଓ ଶାନ୍ତି ପାଇଁ ଉଦ୍ୟମ ଜାରି ରହିଛି, ଟ୍ରମ୍ପଙ୍କ ଚେତାବନୀ ପରିସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରି ରଖିଛି। ଟ୍ରମ୍ପ କହିଛନ୍ତି ଯେ ଯଦି ଇରାନ ସର୍ତ୍ତ ନମାନେ, ତେବେ ଆମେରିକା ଇରାନର ପ୍ରତ୍ୟେକ ବ୍ରିଜ୍ ଏବଂ ପାୱାର ପ୍ଲାଣ୍ଟକୁ ଧ୍ୱଂସ ▶ପୃଷ୍ଠା-୭

# ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

**୨୩ରେ ମତଦାନ**

**ଅଢ଼େଇ ଲକ୍ଷ କେନ୍ଦ୍ରୀୟ ସୁରକ୍ଷା ଯବାନ ମୁତୟନ**

**ପ୍ରତିବାଦ ଜଣାଇଲା ଟିଏମ୍‌ସି**

■ କୋଲକାତା, ୨୧।୪ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଚାର ଅଭିଯାନ ଆଜି ସନ୍ଧ୍ୟାରେ ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନରେ ମତଦାନ ହେବାକୁ ଯାଉଥିବା ବେଳେ ତିନି କୋଟି ୬୦ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି। ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୯ ତାରରିଖରେ ଅନୁଷ୍ଠିତ ହେବ। ନିର୍ବାଚନ କମିସନଙ୍କ ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଏହି ନିର୍ବାଚନ ଜିତିବା ଲାଗି ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମମତାଙ୍କ ତୃଣମୂଳ କଂଗ୍ରେସ ଏବଂ ବିଜେପି ସମସ୍ତ ଶକ୍ତି ଖଟାଇଛନ୍ତି। କ୍ରମାଗତ ଭାବେ ଚତୁର୍ଥ ଥର କ୍ଷମତାରେ ରହିବା ଲାଗି ମମତା ବାନାର୍ଜୀ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ କଡ଼ା ଟକ୍କର ଦେଉଥିବା ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଅଭିଯାନ ଏହି ନିର୍ବାଚନାରେ 'କର-ବା-ମର' ସ୍ଥିତି ସୃଷ୍ଟି କରିଛି। ଏଭଳି ନିର୍ବାଚନକୁ ନେଇ ସାରା ରାଜ୍ୟରେ ପରିସ୍ଥିତି ସରଗରମ ରହିଥିବା ବେଳେ ଯେକୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ବ୍ୟାପକ ସଂଖ୍ୟାରେ କେନ୍ଦ୍ରୀୟ ▶ପୃଷ୍ଠା-୭

# 'ଆପୋସ' ଭେଳିକି, ଟ୍ରିବ୍ୟୁନାଲ କ୍ଷୁବ୍ଧ

**ମହାନଦୀ ଜଳ ବିବାଦ** | **ମଇ ୨ ତାରିଖ ଓଡ଼ିଶା ପାଇଁ ଶେଷ ସୁଯୋଗ**

■ ଭୁବନେଶ୍ୱର, ୨୧।୪ (ସମିସ): ମହାନଦୀ ଜଳ ବିବାଦରେ ଛତିଶଗଡ଼ ସହ ଆପୋସ ବୁଝାମଣା ନେଇ ରାଜ୍ୟ ସରକାର ବାହାସ୍ଫୋଟ ମାରୁଛନ୍ତି। ଦୁଇ ରାଜ୍ୟ ମଧ୍ୟରେ ବୁଝାମଣା ସଂକ୍ରାନ୍ତରେ ସହମତି ହୋଇଥିବା ସଂକ୍ରାନ୍ତରେ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦମ୍ଭୋକ୍ତି ବାଢୁଛନ୍ତି। ମାତ୍ର ସୋମବାର ଶୁଣାଣିବେଳେ ମହାନଦୀ ବିବାଦ ଟ୍ରିବ୍ୟୁନାଲ ଦୁଇ ରାଜ୍ୟର ଆଭିମୁଖ୍ୟ ଓ କାର୍ଯ୍ୟପ୍ରକ୍ରିୟାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପରେ ବିବାଦର ସମାଧାନ ନେଇ ଓଡ଼ିଶାର ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠିଛି। ବାସ୍ତବରେ ରାଜ୍ୟ ସରକାର ଆପୋସ ବୁଝାମଣା ଚାହୁଁଛନ୍ତି ନା କେବଳ ସମୟ ଗଡ଼ାଇବାକୁ ଯୋଜନା କରିଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଗତକାଲି ମହାନଦୀ ଟ୍ରିବ୍ୟୁନାଲରେ ଜଳବିବାଦର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିଲା। ଜଷ୍ଟିସ ବେଲା ତ୍ରିବେଦୀଙ୍କ ସହ ଜଷ୍ଟିସ ରବି ରଞ୍ଜନ, ଜଷ୍ଟିସ ଇନ୍ଦରମିତ୍ କୌର କୋଚାର ଏହାର ଶୁଣାଣି କରୁଥିଲେ। ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ନେତୃତ୍ୱରେ

- **ଓଡ଼ିଶା ଦାଖଲ କରିପାରିଲାନି ବାର୍ଷିକ ଜଳ ଉପଲବ୍ଧତା ତଥ୍ୟ**
- **ଦୁଇ ରାଜ୍ୟର ଆଭିମୁଖ୍ୟ ଓ କାର୍ଯ୍ୟପ୍ରକ୍ରିୟାକୁ ନେଇ ଅସନ୍ତୋଷ**
- **ବିନା ତଥ୍ୟରେ ଟ୍ରିବ୍ୟୁନାଲରେ ଓଡ଼ିଶାର ୯ ଜଣିଆ ପଟୁଆର**

୭ ବରିଷ୍ଠ ଓକିଲ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିଲେ । ଛତିଶଗଡ଼ ପକ୍ଷରୁ ତାଙ୍କ ରାଜ୍ୟର ଆଡ଼ଭୋକେଟ ଜେନେରାଲଙ୍କ ନେତୃତ୍ୱରେ ୭ ଜଣ ବରିଷ୍ଠ ଆଇନଜୀବୀ, ମହାରାଷ୍ଟ୍ର ପକ୍ଷରୁ ୨ ଜଣ, ଝାଡ଼ଖଣ୍ଡ ପକ୍ଷରୁ ୩ ଜଣ ଆଇନଜୀବୀ ଶୁଣାଣିରେ ଯୋଗ ଦେଇଥିଲେ। ମାତ୍ର ଜଳ ଉପଲବ୍ଧତା ଓ ଅନ୍ୟାନ୍ୟ ତଥ୍ୟଦାଖଲ ପାଇଁ ଦୁଇ ରାଜ୍ୟକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଅନୁପାଳନ ହୋଇ ନ ଥିଲା। ଯାହାକୁ ନେଇ ଟ୍ରିବ୍ୟୁନାଲ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୨ ତାରିଖରେ ଏ ସଂକ୍ରାନ୍ତରେ ତଥ୍ୟ ଦାଖଲ ନ ହେଲେ ଟ୍ରିବ୍ୟୁନାଲ ଆଇନ ଅନୁସାରେ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇ ଦେଇଛନ୍ତି। ମହାନଦୀରେ ଜଳ ପ୍ରବାହ ହ୍ରାସ ଯୋଗୁଁ ପ୍ରଭାବିତ ହେଉଥିବା ଦୃଷ୍ଟିରୁ ଯେପରି ତତ୍ପରତା ଓଡ଼ିଶା ପ୍ରକାଶ କରିବା କଥା, ତାହା ପରିଦୃଶ୍ୟ ହେଉ ନ ଥିବା ଉପଲବ୍ଧି ହେଉଛି।

ମହାନଦୀରେ ବାର୍ଷିକ ଜଳ ଉପଲବ୍ଧତା ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିବା ନିମନ୍ତେ ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ଶୁଣାଣିରେ ଓଡ଼ିଶା ଓ ଛତିଶଗଡ଼ ଲିଖିତ ଭାବେ ଜଣାଇଥିଲେ। ଦୁଇ ରାଜ୍ୟର ଆଡ଼ଭୋକେଟ ଜେନେରାଲ ୨୦ ତାରିଖରେ ଜଳ ଉପଲବ୍ଧତା ସଂକ୍ରାନ୍ତ ରିପୋର୍ଟ ଉପସ୍ଥାପନ କରିବେ ବୋଲି ଟ୍ରିବ୍ୟୁନାଲ ନିକଟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୨୦ ତାରିଖରେ ଶୁଣାଣି ବେଳେ ଛତିଶଗଡ଼ ଏହି ତଥ୍ୟ ପ୍ରଦାନ କରି ନ ଥିଲା ଓ ଓଡ଼ିଶା ମଧ୍ୟ ଅନୁରୂପ ଭାବରେ ତଥ୍ୟ ପ୍ରଦାନରେ ବିଫଳ ହୋଇଥିଲା। ସେହିପରି ଉଭୟ ରାଜ୍ୟ ମଧ୍ୟରେ ଥିବା ବିଭିନ୍ନ ବିବାଦକୁ ହ୍ରାସ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ▶ପୃଷ୍ଠା-୭

**ଗୃହଗଣନା ଚାପ**

# ଶିକ୍ଷୟିତ୍ରୀ ନିଖୋଜ



**ଦୁଇଦିନ ପରେ ବାଲେଶ୍ୱରରୁ ଉଦ୍ଧାର**

■ ବାରିପଦା, ୨୧।୪ (ସମିସ): ଗୃହ ଗଣନା କାର୍ଯ୍ୟ ଚାପରେ ଅତିଷ୍ଠ ହୋଇ ଜଣେ ଶିକ୍ଷୟିତ୍ରୀ ସବୁ ଛାଡ଼ିଛୁଡ଼ି ଟ୍ରେନ୍‌ରେ ପାଖ ଷ୍ଟେସନ୍‌କୁ ପଳାଇବା ଓ ଯାତ୍ରୀ ବିଶ୍ରାମ କକ୍ଷରେ ଦୁଇ ଦିନ ବିତାଇବା ଘଟଣା ମୟୂରଭଞ୍ଜ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ସେ ହେଲେ, ଜ୍ୟୋସ୍ନାରାଣୀ ସାହୁ। ବାରିପଦା ସଦର ଥାନା ପୁଲିସ ୩ ଦିନ ପରେ ଆଜି ତାଙ୍କୁ ବାଲେଶ୍ୱର ଷ୍ଟେସନ୍‌ରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଜ୍ୟୋସ୍ନାରାଣୀ ବାରିପଦା ସଦର ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତର ଢେଙ୍କିନେଞ୍ଜିଆ ୟୁପିଟିଓ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ଗତ ୧୮ ତାରିଖ ସକାଳ ପ୍ରାୟ ୭ଟାରେ ସେ ଗୃହଗଣନା କାର୍ଯ୍ୟ କରିବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ଅପରାହ୍ଣ ସୁଦ୍ଧା ଘରକୁ ନ ଫେରିବାରୁ ଏବଂ ତାଙ୍କ ମୋବାଇଲ୍ ସ୍ୱିଚ୍-ଅଫ୍ ଥିବାରୁ ସେ ଭଡ଼ାରେ ରହୁଥିବା ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ▶ପୃଷ୍ଠା-୭

**୪୦ ଡିଗ୍ରୀ ଉପରେ ୧୮ ସହର**

# ଝାରସୁଗୁଡ଼ା ଦେଶର ପଞ୍ଚମ ଉତ୍ତପ୍ତ ସହର



**୨୫ ପର୍ଯ୍ୟନ୍ତ ପ୍ରବଳ ତାତି ଓ ଗୁଳୁଗୁଳି**

**କାଁ ଭାଁ କାଳବୈଶାଖୀ କମାଇପାରିବନି ତାତି**

■ ଭୁବନେଶ୍ୱର, ୨୧।୪ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ସାଙ୍ଗକୁ ଭୀଷଣ ଗୁଳୁଗୁଳି ଜାରି ରହିଛି। ଲଗାତାର ଭାବେ ତାତି ବୃଦ୍ଧି ଯୋଗୁଁ ଦିନ ୧୦ଟା ପରେ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି। ତାତିକୁ ଦୃଷ୍ଟିରେ ରଖି ରାଜ୍ୟର ଏକାଧିକ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା ହୋଇଯାଇଥିବା ବେଳେ ତାତିର ପ୍ରଭାବ ଅନ୍ୟ କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ପ୍ରଭାବ ପକାଇବାରେ ଲାଗିଛି। ମଙ୍ଗଳବାର ରାଜ୍ୟରେ ୧୮ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ତାତି ୪୩ ଡିଗ୍ରୀ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ପଞ୍ଚମ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ା ତଳକୁ ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ ଓ ସମ୍ବଲପୁରରେ ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ୪୨.୪, ବଲାଙ୍ଗିର ୪୨.୨ ଏବଂ ଅନୁଗୋଳରେ ୪୨.୧ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବାର ସମ୍ଭାବନା କମ୍ ରହିଛି। ଯଦିଓ ଏହି ସମୟରେ କିଛି କିଛି ସ୍ଥାନରେ କାଁ ଭାଁ କାଳବୈଶାଖୀ ଆଶଙ୍କା ରହିଛି, ମାତ୍ର ତାପମାତ୍ରା ହ୍ରାସ କରିବାରେ ଏହା ବିଶେଷ ସହାୟକ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି।

ଅନ୍ୟପଟେ, ବୁଧବାର ଅଧିକାଂଶ ଉପକୂଳବର୍ତ୍ତୀ ସ୍ଥାନରେ ଗୁଳୁଗୁଳିର ପ୍ରକୋପ ଅଧିକ ରହିବାକୁ ଥିବା ବେଳେ ଶୁକ୍ରବାରଠାରୁ ତାତିର ପରିମାଣ ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏଥିପାଇଁ ଶୁକ୍ରବାରଠାରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ହିଟ୍‌ୱେଭ୍ ଆଲର୍ଟ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବିଶେଷକରି ଟିଟିଲାଗଡ଼, ବଲାଙ୍ଗିର ଓ ଝାରସୁଗୁଡ଼ାରେ ତାପମାତ୍ରା ୪୫ଡିଗ୍ରୀ ଛୁଇଁବା ▶ପୃଷ୍ଠା-୭

# ରାଉରକେଲା କ୍ରୀଡ଼ା ଭିତ୍ତିଭୂମିକୁ ରାଷ୍ଟ୍ରପତିଙ୍କ ପ୍ରଶଂସା

**ଓଡ଼ିଶାକୁ ଗର୍ବିତ କରିଛି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଓ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ**



■ ରାଉରକେଲା, ୨୧।୪ (ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଉରକେଲାକୁ ଦିନିକିଆ ଗସ୍ତକରି ଏୟାରପୋର୍ଟ ଗ୍ରାଉଣ୍ଡରେ ବିଶାଳ ସମାବେଶ 'ଆଦି ପର୍ବ - ୨୦୨୬' ରେ ଯୋଗଦେଇ ୧୫୮ କୋଟିର ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ ରାଉରକେଲାକୁ କ୍ରୀଡ଼ାଭୂମି ବୋଲି ଅଭିହିତ କରି ନବୀନ ପଟ୍ଟନାୟକ ସରକାର ସମୟରେ ନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍, ବିର୍ସାମୁଣ୍ଡା ଆଥ୍‌ଲେଟିକ୍ସ ଷ୍ଟାଡିୟମ୍ ଏବଂ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମକୁ ଭୁରିଭୁରି ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ତାଙ୍କ ବକ୍ତବ୍ୟରେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ଏହି ସବୁ ଷ୍ଟାଡ଼ିଅମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ଏହାଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ହୋଇଛି ଓ ଏହା ଗର୍ବର ବିଷୟ ବୋଲି କହିଛନ୍ତି । ନବୀନ ପଟ୍ଟନାୟକ ସରକାର ସମୟରେ ମାତ୍ର ୧୫ ମାସ ସମୟ ମଧ୍ୟରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍ ରାଉରକେଲା ସହରରେ ନିର୍ମାଣ କରାଯାଇଥିଲା। ଅନେକ ଅନ୍ତର୍ଜାତୀୟ ହକି ମ୍ୟାଚ୍ ଏହି ଷ୍ଟାଡିୟମ୍‌ରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟତମ ଗର୍ବ

**୧୫୮ କୋଟିର ପ୍ରକଳ୍ପ ଲୋକାର୍ପିତ**

ହେଉଛି ଏହାର କ୍ରୀଡ଼ା ପରମ୍ପରା । ବିଶେଷ କରି ହକି କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲାର ଅବଦାନ ଅତୁଳନୀୟ। ସୁନ୍ଦରଗଡ଼କୁ ଭାରତୀୟ ହକିର ପ୍ରମୁଖ ସ୍ଥଳି କହିଲେ ଭୁଲ ହେବ ନାହିଁ। ସୁନ୍ଦରଗଡ଼ ଜିଲ୍ଲା ଲାଜାରୁସ ବାର୍ଲା, ଇଗ୍ନେଶ ତୀର୍କି, ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା, ନମିତା ଟପ୍ପୋ ପରି ଅମୂଲ୍ୟ ରତ୍ନଙ୍କୁ ଜନ୍ମ ଦେଇଛି। ସେମାନେ ରାଜ୍ୟ, ଜାତୀୟ ତଥା ଅଲମ୍ପିକ ଖେଳରେ ▶ପୃଷ୍ଠା-୭







## ଇରାନରୁ ଫେରିଲେ ୩୦୦ରୁ ଅଧିକ ଭାରତୀୟ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି କାରଣରୁ ଇରାନରେ ଅନେକ ଭାରତୀୟ ଫସି ରହିଛନ୍ତି। ଭାରତ ସରକାର ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଏଥିରେ ଇରାନରେ ଫସି ରହିଥିବା ୩୦୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଆଜରବୈଜାନ ଦେଇ ସ୍ଥଳପଥରେ ସୁରକ୍ଷିତ ଭାବେ ବାହାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଆର୍ମେନିଆ ଏବଂ ଆଜରବୈଜାନ ଦେଇ ପ୍ରାୟ ୨, ୪୨୩ ଜଣ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି। ସେମାନଙ୍କ ମଧ୍ୟରେ ୧,୦୯୧ ଜଣ ଛାତ୍ର ଏବଂ ୬୫୭ ଜଣ ମତ୍ସ୍ୟଜୀବୀ ରହିଛନ୍ତି। ଇରାନର ଆକାଶମାର୍ଗ ଆଂଶିକ ଭାବେ ବନ୍ଦ ଥିବାରୁ ଏହି ବିକଳ୍ପ ସ୍ଥଳପଥ ଗୁଡ଼ିକୁ ବ୍ୟବହାର କରାଯାଉଛି। ସମଗ୍ର ପଶ୍ଚିମ ଏସିଆ ଅଞ୍ଚଳରୁ ଭାରତ ସରକାର ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୧ ଲକ୍ଷରୁ ଅଧିକ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିସାରିଛନ୍ତି।

## ଦୁଇ ସନ୍ତାନଙ୍କ ସହ କୂଅକୁ ଡେଇଁଲେ ମହିଳା

ଲାଟୁର, ୨୧।୪(ଏଜେନ୍ସି): ମହାରାଷ୍ଟ୍ରର ଲାଟୁର ଜିଲ୍ଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାରିବାରିକ କଳହରୁ ଅତିଷ୍ଠ ହୋଇ ଜଣେ ୨୫ ବର୍ଷୀୟା ମହିଳା ନିଜର ଦୁଇ କୋମଳମତି ସନ୍ତାନଙ୍କ ସହ କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସୋମବାର ଅପରାହ୍ଣରେ ନିକଟସ୍ଥ ଏକ କୂଅରୁ ତିନିଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ମୃତ ମହିଳାଙ୍କୁ ନିକିତା ଅମରଦୀପ ଭୁରେ (୨୫) ବୋଲି ଚିହ୍ନଟ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ନିକିତା ଦୀର୍ଘ ଦିନ ଧରି ପାରିବାରିକ ସମସ୍ୟା ଦେଇ ଗତି କରୁଥିଲେ। ରବିବାର ସନ୍ଧ୍ୟାରେ ନିକିତା ଏବଂ ତାଙ୍କ ସ୍ୱାମୀ ଅମରଦୀପଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଭୀଷଣ ଯୁକ୍ତିତର୍କ ହୋଇଥିଲା ଓ ଏହା ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମ୍ରିୟମାଣ ହୋଇ ନିକିତା ବିଳମ୍ବିତ ରାତି ପ୍ରାୟ ୧:୩୦ ସମୟରେ ନିଜର ୫ ବର୍ଷର ଝିଅ ଶିବାନୀ ଏବଂ ୩ ବର୍ଷର ପୁଅ ଶିବାଂଶଙ୍କୁ ଧରି ଘରୁ ବାହାରି ଯାଇଥିଲେ। ସୋମବାର ସକାଳେ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ପାଇନଥିଲେ। ପରେ ଅପରାହ୍ଣରେ ଘର ନିକଟସ୍ଥ ଏକ କୂଅରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ କୂଅରୁ ମୃତଦେହଗୁଡ଼ିକୁ ବାହାର କରିଥିଲେ।

## ହସ୍ପିଟାଲରେ ଶରଦ ପାୱାର

ପୁଣେ/ମୁମ୍ବାଇ, ୨୧।୪(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିର ଭୀଷ୍ମ ପିତାମହ ତଥା ଏନସିପି (ଶରଦ ପାୱାର) ମୁଖ୍ୟ ଶରଦ ପାୱାର ପୁଣିଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ଉପ-ନିର୍ବାଚନ ପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପାୱାରଙ୍କ ଅସୁସ୍ଥତା ଦଳୀୟ କର୍ମୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଶରଦ ପାୱାରଙ୍କ କନ୍ୟା ତଥା ସାଂସଦ ସୁପ୍ରିୟା ସୁଲେଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ହସ୍ପିଟାଲରେ ତାଙ୍କର ବିଭିନ୍ନ ପ୍ରକାରର ପରୀକ୍ଷା ଚାଲିଛି। ରିପୋର୍ଟ ଆସିବା ପରେ ହିଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ମଧ୍ୟ ସେ ପୁଣେର ଏକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମଙ୍ଗଳବାର ବାରାମତୀ ଏବଂ ରାହୁରୀ ବିଧାନସଭା ଉପ-ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନ। ଏହି ଅବସରରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଦେଖିବାକୁ ମିଳିଛି। ଉପ-ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କ ଶେଷ ପ୍ରଚାର ରାଲିରେ ସୁପ୍ରିୟା ସୁଲେ ଯୋଗ ଦେଇପାରନ୍ତି। ଏହାକୁ ସେ ଏକ ରାଜନୈତିକ କାର୍ଯ୍ୟକ୍ରମ ଅପେକ୍ଷା 'ପାରିବାରିକ କର୍ତ୍ତବ୍ୟ' ବୋଲି ଅଭିହିତ କରିଛନ୍ତି। ସୁନେତ୍ରା ପାୱାରଙ୍କ ବ୍ୟକ୍ତିଗତ ନିମନ୍ତ୍ରଣ କ୍ରମେ ସେ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି।

## ରାହୁଲଙ୍କ ମାମଲାରୁ ଓହରିଲେ ହାଇକୋର୍ଟ ବିଚାରପତି

ପ୍ରୟାଗରାଜ/ଲକ୍ଷ୍ନୌ, ୨୧।୪(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱୈତ ନାଗରିକତା ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି। ଆଲାହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ଏହି ମାମଲାର ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୋସିଆଲ ମିଡିଆରେ କୋର୍ଟଙ୍କ ବିରୋଧରେ କରାଯାଇଥିବା କେତେକ ମନ୍ତବ୍ୟକୁ ନେଇ ବିଚାରପତି ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ସୋମବାର ଦିନ କହିଛନ୍ତି ଯେ, ଆବେଦନକାରୀଙ୍କ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ କୋର୍ଟଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଷ୍ଟିସ ବିଦ୍ୟାର୍ଥୀ ନିଜର ଆଦେଶରେ ଉଲ୍ଲେଖ କରିଛନ୍ତି ଯେ, ସୋସିଆଲ ମିଡିଆରେ ଆବେଦନକାରୀଙ୍କ ବାର୍ତ୍ତା ସୂଚାଉଛି ଯେ ସେ କୋର୍ଟଙ୍କ ଉପରେ ଆକ୍ଷେପ କରୁଛନ୍ତି ଏବଂ ଏହି କୋର୍ଟ ଉପରୁ ବିଶ୍ୱାସ ହରାଇଛନ୍ତି। ଏଭଳି ସ୍ଥିତିରେ ଏହି ମାମଲାର ଆଗକୁ ଶୁଣାଣି କରିବା ଉଚିତ୍ ମନେ କରୁନାହିଁ। ଗତ ଶୁକ୍ରବାର ଦିନ ବିଚାରପତି ପ୍ରାଥମିକ ଭାବେ ରାହୁଲଙ୍କ ବିରୋଧରେ ମାମଲା ରୁଜୁ ପାଇଁ ସଙ୍କେତ ଦେଇଥିଲେ, କିନ୍ତୁ ପରେ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପ୍ରଥମେ ନୋଟିସ୍ ଜାରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବିଳମ୍ବ ପାଇଁ ଆବେଦନକାରୀ କୋର୍ଟଙ୍କୁ ସମାଲୋଚନା କରିଥିଲେ। ଏହି ମାମଲାଟି କର୍ଣ୍ଣାଟକର ବିଜେପି କର୍ମୀ ଏସ୍ ବିଗ୍ନେଶ ଶିଶିରଙ୍କ ଦ୍ୱାରା ଦାଖଲ କରାଯାଇଛି। ତାଙ୍କର ମୁଖ୍ୟ ଅଭିଯୋଗଗୁଡ଼ିକ ହେଲା ରାହୁଲ ଗାନ୍ଧୀଙ୍କ ପାଖରେ ଭାରତ ସହିତ ବ୍ରିଟେନର ନାଗରିକତା ମଧ୍ୟ ରହିଛି, ଯାହା ଭାରତୀୟ ଆଇନ ଅନୁଯାୟୀ ବେଆଇନ। ୨୦୦୩ରେ ପଞ୍ଜିକୃତ ହୋଇଥିବା 'ବ୍ୟାକପ୍ସ ଲିମିଟେଡ୍' ନାମକ କମ୍ପାନୀର ରିଟର୍ଣ୍ଣ ଦାଖଲ ସମୟରେ ରାହୁଲ ନିଜକୁ ଜଣେ ବ୍ରିଟିଶ ନାଗରିକ ଭାବେ ଦର୍ଶାଇଥିଲେ ବୋଲି ଆବେଦନରେ ଦାବି କରାଯାଇଛି। ରାହୁଲଙ୍କ ବିରୋଧରେ ବିଏନ୍ଏସ୍, ସରକାରୀ ଗୋପନୀୟତା ଆଇନ ଏବଂ ପାସପୋର୍ଟ ଆଇନ ଅନୁଯାୟୀ ଏଫଆଇଆର ରୁଜୁ କରିବାକୁ ଆବେଦନକାରୀ ଦାବି କରିଛନ୍ତି।

# ତ୍ରିଶୁର ବାଣ କାରଖାନାରେ ବିସ୍ଫୋରଣ; ୧୩ ମୃତ

କେରଳ, ୨୧।୪(ଏଜେନ୍ସି): କେରଳର ପ୍ରସିଦ୍ଧ ତ୍ରିଶୁର ପୁରମ ପର୍ବ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ତ୍ରିଶୁରର ମୁଣ୍ଡାଥିକୋଡ ସ୍ଥିତ ଏକ ବାଣ କାରଖାନାରେ ଭୟାବହ ବିସ୍ଫୋରଣ ଘଟିଛି। ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୪୦ ଜଣ ଶ୍ରମିକ ଆହତ ହୋଇଛନ୍ତି। ଉତ୍ସବ ଉପଲକ୍ଷେ ତିରୁଭାମ୍ବାଡି ଗୋଷ୍ଠୀ ପକ୍ଷରୁ କାର୍ଯ୍ୟକ୍ରମ ପାଇଁ ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ଅନେକ ଦୂର ଯାଏଁ ଶୁଣାଯାଇଥିଲା ଏବଂ କାରଖାନାର ଭଙ୍ଗା ଅଂଶଗୁଡ଼ିକ ବହୁ ଦୂରକୁ ଛିଟିକି ପଡ଼ିଥିଲା। ଏହାପରେ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ସେହି ସମୟରେ ପୁଣି ଦ୍ୱିତୀୟ ବିସ୍ଫୋରଣ ଘଟିବାରୁ ସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା। କାରଖାନାକୁ ଯିବା ପାଇଁ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ଥିବାରୁ ଅଗ୍ନିଶମ ବାହିନୀକୁ କାନ୍ଥ ଭାଙ୍ଗି ଭିତରକୁ ପ୍ରବେଶ କରିବାକୁ ପଡ଼ିଥିଲା। ଆହତମାନଙ୍କୁ ତ୍ରିଶୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। କାରଖାନା ପାର୍ଶ୍ୱବର୍ତ୍ତୀ ପଡ଼ିଆରେ ବାଣଗୁଡ଼ିକ ଫୁଟୁଥିବାରୁ ସେହି ଅଞ୍ଚଳକୁ ଅତ୍ୟନ୍ତ ବିପଦସଙ୍କୁଳ ଘୋଷଣା କରାଯାଇ ପୁଲିସ, ଅଗ୍ନିଶମ ବାହିନୀ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ସମନ୍ୱୟ ରକ୍ଷା କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ସରକାରୀ କଳକୁ ହାଇ-ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।





# ବୁଝାମଣା ନହେଲେ ବୋମା ବର୍ଷିବ

■ ଟ୍ରମ୍ପଙ୍କ ଧମକର ଜବାବ ଦେଲା ଇରାନ
■ ପ୍ରତିଶୋଧ ପାଇଁ ନୂଆ ରଣନୀତି ପ୍ରସ୍ତୁତ

ୱାସିଂଟନ/ତେହେରାନ, ୨୧।୪(ଏଜେନ୍ସି): ବିଶ୍ୱ ରାଜନୀତିରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘେରିବାକୁ ଆରମ୍ଭ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ବାକ୍‌ଯୁଦ୍ଧ ତେଜିବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଶକ୍ତ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ନିଷ୍କର୍ଷ ନ ବାହାରେ, ତେବେ ପୁଣି ଥରେ ଭୀଷଣ ବୋମାମାଡ଼ ଆରମ୍ଭ ହେବ। ଚଳିତ ସପ୍ତାହରେ ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହି ଆଲୋଚନା ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ଅବଧି ବୃଦ୍ଧି ହେବାର ସମ୍ଭାବନା କମ୍। ପିବିଏସ୍ ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଛନ୍ତି, ଯଦି ବୁଝାମଣା ନହୁଏ, ତେବେ ପ୍ରବଳ ବୋମା ବିସ୍ଫୋରଣ ହେବ। ଆମେ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ସେମାନେ ନଆସିଲେ ଆମର କିଛି ଯାଏ ଆସେ ନାହିଁ।

ଇରାନର ସଂସଦ ବାଚସ୍ପତି ତଥା ମୁଖ୍ୟ ବୁଝାମଣାକାରୀ ମହମ୍ମଦ ବାଘେର ଗାଲିବାଫ୍ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ଧମକର ଛାୟାରେ ଇରାନ କେବେବି ଆଲୋଚନା କରିବ ନାହିଁ। ଯଦି ଯୁଦ୍ଧ ହୁଏ, ତେବେ ରଣକ୍ଷେତ୍ରରେ ଦେଖାଇବା ପାଇଁ ଇରାନ ପାଖରେ ନୂତନ କାର୍ଡ ବା ନୂଆ ରଣନୀତି ପ୍ରସ୍ତୁତ ଅଛି। ଗତ ସପ୍ତାହରେ ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକା ଏକ ଇରାନୀ ପତାକାଧାରୀ ଜାହାଜକୁ ଜବତ କରିବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଇରାନର ଅଭିଯୋଗ ଯେ, ଆମେରିକା ଅବରୋଧ ଜାରି କରି ଅସ୍ତ୍ରବିରତିର ଉଲ୍ଲଙ୍ଘନ କରୁଛି ଏବଂ ଆଲୋଚନା ଟେବୁଲକୁ ଆତ୍ମସମର୍ପଣର ଟେବୁଲରେ ପରିଣତ କରିବାକୁ ଚାହୁଁଛି। ଅନିଶ୍ଚିତତା ସତ୍ତ୍ୱେ ଆମେରିକା ନିଜର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପାକିସ୍ତାନ ପଠାଇବାକୁ ପ୍ରସ୍ତୁତ ହେଉଛି। ଏହି ଦଳରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ (ଦଳର ନେତୃତ୍ୱ ନେବେ), ଷ୍ଟିଭ୍ ୱିଟକଫ୍ (ମଧ୍ୟ ପ୍ରାଚ୍ୟ ପାଇଁ ସ୍ୱତନ୍ତ୍ର ଦୂତ), ଜାରେଡ୍ କୁଶନର୍ (ଟ୍ରମ୍ପଙ୍କ ଜାମାତା) ଅଛନ୍ତି। ପାକିସ୍ତାନୀ ମଧ୍ୟସ୍ଥିମାନେ ଉଭୟ ପକ୍ଷକୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରୁଛନ୍ତି। ପାକିସ୍ତାନ ଚାହୁଁଛି ଯେ ଏହି ଆଲୋଚନା ଉଭୟ ଦେଶ ପାଇଁ ଏକ 'ୱିନ୍ ୱିନ୍' ସ୍ଥିତି ସୃଷ୍ଟି କରୁ। ତେବେ ଆଗାମୀ ୨୪ ରୁ ୪୮ ଘଣ୍ଟା ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ହିଁ ସ୍ଥିର କରିବ ଯେ ମଧ୍ୟ ପ୍ରାଚ୍ୟରେ ଶାନ୍ତି ଫେରିବ ନା ଆଉ ଏକ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହେବ।

## ବଳି ପଡ଼ିବେ କି ଜେଡି ଭାନ୍ସ?



ୱାସିଂଟନ, ୨୧।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଓ ଅସ୍ତ୍ରବିରତି ମଧ୍ୟରେ ଏକ ନୂଆ ଆଭ୍ୟନ୍ତରୀଣ ରାଜନୈତିକ ବିତର୍କ ସୃଷ୍ଟି ହୋଇଛି। ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ବିଶେଷଜ୍ଞ ହର୍ଷ ଭି ପନ୍ତଙ୍କ ମତ ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଇରାନ ମାମଲାରେ ଏକ 'ବଳିର ବୋଦା' ଭାବେ ବ୍ୟବହାର କରିପାରନ୍ତି। ଯଦି ପାକିସ୍ତାନରେ ହେବାକୁ ଥିବା ଶାନ୍ତି ଆଲୋଚନା ବିଫଳ ହୁଏ, ତେବେ ଏହାର ସମସ୍ତ ଦୋଷ ଭାନ୍ସଙ୍କ ଉପରେ ଲଦି ଦିଆଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଇରାନ ସହ ଚାଲିଥିବା ୧୪ ଦିନିଆ ଅସ୍ତ୍ରବିରତି ଆସନ୍ତାକାଲି (୨୨ ଅପ୍ରେଲ) ଶେଷ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଟ୍ରମ୍ପ ନିଜର ପ୍ରତିନିଧି ଦଳର ନେତୃତ୍ୱ ଭାନ୍ସଙ୍କୁ ହସ୍ତାନ୍ତର କରିଛନ୍ତି। ହର୍ଷ ଭି ପନ୍ତ ପୂର୍ବତନ ଉପ-ରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ଟ୍ରମ୍ପଙ୍କ ଶୈଳୀ ହେଉଛି ସଫଳତାକୁ ନିଜ ନାମରେ କରିବା ଏବଂ ବିଫଳତା ପାଇଁ ଅନ୍ୟକୁ ଦାୟୀ କରିବା। ଇରାନ ସହ କଥାବାର୍ତ୍ତା ଠିକ୍ ଭାବେ ନଚାଲିଲେ ଟ୍ରମ୍ପ ସିଧାସଳଖ ଭାନ୍ସଙ୍କୁ ଦୋଷାରୋପ କରିପାରନ୍ତି ବୋଲି ସେ ମତ ଦେଇଛନ୍ତି। ଭାନ୍ସଙ୍କୁ ଏକ ଅତ୍ୟନ୍ତ କଠିନ କାର୍ଯ୍ୟ ଦିଆଯାଇଛି, ଯେଉଁଠାରେ ଇରାନର ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଆଲୋଚନା ପୂର୍ବରୁ ନୂଆ କାର୍ଡ ବା ନୂଆ ରଣନୀତି ଦେଖାଇବାର ଧମକ ଦେଇସାରିଛନ୍ତି। ଆଜି ସକାଳେ ଜେଡି ଭାନ୍ସ ନିଜର ଟିମ୍ ସହ ପାକିସ୍ତାନ ଅଭିମୁଖେ ବାହାରିଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଚୁକ୍ତି ନହେଲେ ପୁଣି ଥରେ ଭୀଷଣ ଆକ୍ରମଣ ହେବ। ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଭାନ୍ସଙ୍କ ପାଇଁ କୌଣସି ସକାରାତ୍ମକ ଫଳାଫଳ ଆଣିବା କଷ୍ଟକର ହୋଇପଡ଼ିଛି। ୪୧ ବର୍ଷୀୟ ଜେଡି ଭାନ୍ସଙ୍କୁ ୨୦୨୮ ନିର୍ବାଚନ ପାଇଁ ଟ୍ରମ୍ପଙ୍କ ଉତ୍ତରାଧିକାରୀ ଭାବେ ଦେଖାଯାଉଛି। କିନ୍ତୁ ବିଶେଷଜ୍ଞଙ୍କ ଅନୁଯାୟୀ, ଇରାନ ମାମଲାରେ ଯଦି ସେ ବିଫଳ ହୁଅନ୍ତି, ତେବେ ତାଙ୍କର ରାଜନୈତିକ ଭବିଷ୍ୟତ ବିପଦରେ ପଡ଼ିପାରେ। ଟ୍ରମ୍ପଙ୍କ ପ୍ରତି 'ସମ୍ପୂର୍ଣ୍ଣ ଆନୁଗତ୍ୟ' ପ୍ରଦର୍ଶନ କରିବାକୁ ଯାଇ ସେ ନିଜର ସ୍ୱତନ୍ତ୍ର ପରିଚୟ ହରାଇବାକୁ ବସିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଇସଲାମାବାଦରେ ହେବାକୁ ଥିବା ଆଲୋଚନା କେବଳ ଦୁଇ ଦେଶର ଭବିଷ୍ୟତ ନୁହେଁ, ବରଂ ଜେଡି ଭାନ୍ସଙ୍କ ରାଜନୈତିକ କ୍ୟାରିୟର ପାଇଁ ମଧ୍ୟ ଏକ ଅଗ୍ନିପରୀକ୍ଷା ସଦୃଶ। ଯଦି ଆଲୋଚନା ବିଫଳ ହୁଏ, ତେବେ ଟ୍ରମ୍ପ ନିଜକୁ ସୁରକ୍ଷିତ ରଖି ଭାନ୍ସଙ୍କୁ 'ବଳି' ଦେଇପାରନ୍ତି ବୋଲି ବିଶ୍ଳେଷକମାନେ ଅନୁମାନ କରୁଛନ୍ତି।

## ଟ୍ରମ୍ପଙ୍କୁ ଇରାନର 'ପ୍ରାଇଡ୍ ଆଣ୍ଡ ପ୍ରିଜୁଡିସ୍' ଶୈଳୀରେ ବାର୍ତ୍ତା

ୱାସିଂଟନ/ଇସଲାମାବାଦ, ୨୧।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧଂଦେହି ପରିସ୍ଥିତି ମଧ୍ୟରେ ଏକ ଅଭିନବ କୂଟନୈତିକ ବାର୍ତ୍ତାଳାପ ଦେଖିବାକୁ ମିଳିଛି। ପାକିସ୍ତାନରେ ହେବାକୁ ଥିବା ଶାନ୍ତି ଆଲୋଚନା ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବୋମାମାଡ଼' ଧମକର ଜବାବ ଦେଇ ଇରାନ ଏକ ସାହିତ୍ୟିକ ମୋଡ଼ ଦେଇଛି। ଜେନ୍ ଅଷ୍ଟିନଙ୍କ କାଳଜୟୀ ଉପନ୍ୟାସ 'ପ୍ରାଇଡ୍ ଆଣ୍ଡ ପ୍ରେଜୁଡିସ୍'ର ପ୍ରସିଦ୍ଧ ଶୈଳୀରେ ଇରାନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ପାକିସ୍ତାନରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ରେଜା ଆମିରି ମୋଘାଦାମ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ କରିଛନ୍ତି। ଉପନ୍ୟାସର ପ୍ରଥମ ଧାଡ଼ିକୁ ଅନୁସରଣ କରି ସେ ଲେଖିଛନ୍ତି, ଏହା ଏକ ସର୍ବଜନବିଦିତ ସତ୍ୟ ଯେ, ଏକ ବିଶାଳ ସଭ୍ୟତାର ଅଧିକାରୀ ଦେଶ କେବେବି ଧମକ ଏବଂ ବଳ ପ୍ରୟୋଗ ଆଗରେ ଆଲୋଚନା କରିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଇରାନର ଏହି ପ୍ରତିକ୍ରିୟା ଟ୍ରମ୍ପଙ୍କ ସେହି ବୟାନ ପରେ ଆସିଛି, ଯେଉଁଥିରେ ସେ କହିଥିଲେ ଯେ ମଙ୍ଗଳବାର ସୁଦ୍ଧା ଯଦି ଅସ୍ତ୍ରବିରତି ମଧ୍ୟରେ କୌଣସି ସମାଧାନ ନବାହାରେ, ତେବେ ପୁଣି ଥରେ ବୋମା ବର୍ଷିବ। ଆମେରିକାର 'ଅହଂକାର' (ପ୍ରାଇଡ୍) ଏବଂ ଇରାନର 'ପକ୍ଷପାତ' (ପ୍ରିଜୁଡାଇସ୍) ମଧ୍ୟରେ ଏହି ଯୁଦ୍ଧ ଏବେ ଏକ ଜଟିଳ ମୋଡ଼ରେ ପହଞ୍ଚିଛି। ସମଗ୍ର ବିଶ୍ୱ ଆଶା କରୁଛି ଯେ ଇସଲାମାବାଦରେ ହେବାକୁ ଥିବା ଆଲୋଚନା କେବଳ ଶବ୍ଦର ଲଢେଇରେ ସୀମିତ ନରହି ଏକ ସ୍ଥାୟୀ ସମାଧାନର ପଥ ପ୍ରଶସ୍ତ କରିବ। ବୁଧବାର ଦିନ ହେବାକୁ ଥିବା ବୈଠକ ହିଁ ସ୍ପଷ୍ଟ କରିବ ଯେ ମଧ୍ୟ ପ୍ରାଚ୍ୟରେ ଶାନ୍ତିର ସୂର୍ଯ୍ୟୋଦୟ ହେବ କି ନାହିଁ।

## ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ କହିନାହିଁ

ନୂଆଦିଲ୍ଲୀ/ଚେନ୍ନାଇ, ୨୧।୪(ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ଦେଇଥିବା ଏକ ମନ୍ତବ୍ୟ ଦେଶର ରାଜନୈତିକ ବାତାବରଣକୁ ଉଷ୍ମ କରିଦେଇଛି। ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' ବୋଲି ସମ୍ବୋଧନ କରିବା ପରେ ଖଡ଼ଗେ ଏହା ଉପରେ ନିଜର ସଫେଇ ଦେଇଛନ୍ତି। ଚେନ୍ନାଇରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଖଡ଼ଗେ ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ବିଜେପିର ମେଣ୍ଟକୁ ସମାଲୋଚନା କରୁଥିଲେ। ସେ କହିଥିଲେ ଏଆଇଏଡିଏମ୍‌କେ କିଭଳି ମୋଦୀଙ୍କ ସହ ହାତ ମିଳାଇପାରୁଛି? ସେ ଜଣେ ଆତଙ୍କବାଦୀ। ସେ ସମାନତା କିମ୍ବା ନ୍ୟାୟ ଉପରେ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ସହ ମିଶିବାର ଅର୍ଥ ହେଉଛି ଆମେ ଗଣତନ୍ତ୍ର ଏବଂ ଆମର ମହାନ ନେତା ପେରିୟାର, ଆନ୍ନାଦୁରାଇ ଓ ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶକୁ ଦୁର୍ବଳ କରୁଛୁ।

ଏହି ମନ୍ତବ୍ୟକୁ ନେଇ ବିବାଦ ବଢ଼ିବା ପରେ ଖଡ଼ଗେ କହିଛନ୍ତି ଯେ ତାଙ୍କ କହିବାର ତାତ୍ପର୍ଯ୍ୟ କିଛି ଅଲଗା ଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ, 'ମୁଁ ଏହି ଅର୍ଥରେ କହିଥିଲି ଯେ ମୋଦୀ ସବୁବେଳେ ଲୋକଙ୍କୁ ଧମକ ଦିଅନ୍ତି। ଇଡ଼ି, ସିବିଆଇ ଏବଂ ଆୟକର ବିଭାଗ ଭଳି ସଂସ୍ଥାଗୁଡ଼ିକ ତାଙ୍କ ହାତରେ ଅଛି। ସେ ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ ରାଜନୈତିକ ଦଳ ଓ ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରୁଛନ୍ତି, ସେଥିପାଇଁ



**ବିବାଦ**

ମୁଁ ସେହି ଶବ୍ଦର ପ୍ରୟୋଗ କରିଥିଲି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଳବୀୟ ଏହାକୁ ନେଇ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଏହା କଂଗ୍ରେସର ଶକ୍ତି ନୁହେଁ ବରଂ ସେମାନଙ୍କର ହତାଶା ଏବଂ ବିକଳ୍ପର ଅଭାବକୁ ଦର୍ଶାଉଛି। ନିର୍ବାଚନ ସମୟରେ ବ୍ୟକ୍ତିଗତ ଆକ୍ରମଣ ଏବଂ ଶବ୍ଦର ଲଢେଇ ନୂଆ କଥା ନୁହେଁ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଭଳି ସାମ୍ବିଧାନିକ ପଦବୀ ପାଇଁ 'ଆତଙ୍କବାଦୀ' ଶବ୍ଦର ବ୍ୟବହାର ରାଜନୈତିକ ସୌଜନ୍ୟତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଏହି ବିବାଦ ଭୋଟରଙ୍କ ଉପରେ କି ପ୍ରଭାବ ପକାଉଛି, ତାହା ମେ ୪ ତାରିଖରେ ସ୍ପଷ୍ଟ ହେବ।

## ପପୁ ଯାଦବଙ୍କ ମନ୍ତବ୍ୟକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ବିହାରର ପୂର୍ଣ୍ଣିଆରୁ ସ୍ୱାଧୀନ ସାଂସଦ ଭାବେ ନିର୍ବାଚିତ ହୋଇଥିବା ପପୁ ଯାଦବ ଆଉ ଏକ ଅତ୍ୟନ୍ତ ଆପତ୍ତିଜନକ ବୟାନ ଦେଇ ବିବାଦୀୟ ହୋଇପଡ଼ିଛନ୍ତି। ରାଜନୀତିରେ ମହିଳାମାନଙ୍କ ସ୍ଥିତି ଏବଂ ଶୋଷଣକୁ ନେଇ ସେ ଦେଇଥିବା 'ବେଡ୍ ରୁମ୍' ମନ୍ତବ୍ୟକୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ମହିଳା କମିଶନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଲୋକସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ (ମହିଳା ସଂରକ୍ଷଣ ସମ୍ପର୍କିତ) ଫେଲ୍ ହେବା ପରେ ପପୁ ଯାଦବ ଏହି ପ୍ରସଙ୍ଗରେ ନିଜର ମତ ରଖୁଥିଲେ। ସେ କହିଥିଲେ, ଭାରତରେ ମହିଳାମାନଙ୍କୁ ଦେବୀ କୁହାଯାଏ ସତ, କିନ୍ତୁ ସେମାନଙ୍କୁ ଏଠାରେ କେବେବି ସମ୍ମାନ ମିଳେନାହିଁ। କୌଣସି ରାଜନେତାଙ୍କ ବେଡ୍‌ରୁମ୍‌କୁ ନଗଲେ ୯୦ ପ୍ରତିଶତ ମହିଳା ରାଜନୀତିରେ ପ୍ରବେଶ କରିପାରିବେ ନାହିଁ। ସମାଜ ଓ ବ୍ୟବସ୍ଥାକୁ ନେଇ ସେ ସମାଲୋଚନା କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ମହିଳାମାନଙ୍କ ଉପରେ ହେଉଥିବା ହିଂସା ଏବଂ ଶୋଷଣ ପାଇଁ ରାଜନେତା ଓ ବ୍ୟବସ୍ଥା ଦାୟୀ। ମହିଳାମାନଙ୍କୁ ଶୋଷଣ କରିବାର ଏକ ସଂସ୍କୃତି ରାଜନୀତିରେ ଚେର ମଡ଼ାଇଛି। ପପୁ ଯାଦବଙ୍କ ଏହି ବୟାନକୁ ଚକିତ କଲା ଭଳି ବୋଲି ଅଭିହିତ କରି ବିଜେପି ନେତା ଶେହଜାଦ ପୁନାୱାଲା କହିଛନ୍ତି ଯେ, ଏହା ବିରୋଧୀ ଦଳର ମହିଳା ବିରୋଧୀ ମାନସିକତାକୁ ଦର୍ଶାଉଛି। ଦେଶ ଯେତେବେଳେ 'ନାରୀ ଶକ୍ତି'କୁ ଆଗକୁ ନେବାକୁ ଚେଷ୍ଟା କରୁଛି, ସେତେବେଳେ କଂଗ୍ରେସ ସମର୍ଥିତ ସାଂସଦ ଏଭଳି ଅପମାନଜନକ କଥା କହୁଛନ୍ତି। ବିଜେପି ପକ୍ଷରୁ ପପୁ ଯାଦବଙ୍କ କ୍ଷମା ପ୍ରାର୍ଥନା ଦାବି କରାଯାଇଛି। ଏହି ଘଟଣାରେ ବିହାର ରାଜ୍ୟ ମହିଳା କମିଶନ ନିଜ ଆଡ଼ୁ ମାମଲା ଗ୍ରହଣ କରିଛନ୍ତି। କମିଶନ ପପୁ ଯାଦବଙ୍କୁ ଏକ ନୋଟିସ୍ ଜାରି କରି ଏଭଳି ଅପମାନଜନକ ମନ୍ତବ୍ୟ ପାଇଁ ସ୍ପଷ୍ଟୀକରଣ ମାଗିଛନ୍ତି। ମହିଳାଙ୍କ ଆତ୍ମସମ୍ମାନକୁ କ୍ଷୁର୍ଣ୍ଣ କରୁଥିବା ଏହି ବୟାନ ପାଇଁ ଲୋକସଭା ବାଚସ୍ପତିଙ୍କୁ ତାଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ କାହିଁକି ସୁପାରିଶ କରାଯିବ ନାହିଁ, ସେ ନେଇ ପ୍ରଶ୍ନ କରାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ ନ କରିଥିବାରୁ କଂଗ୍ରେସ, ଡିଏମକେ, ଟିଏମସି ଏବଂ ସମାଜବାଦୀ ପାର୍ଟିକୁ 'ମହିଳା ବିରୋଧୀ' ବୋଲି ସମାଲୋଚନା କରିଥିଲେ। ଏହି ରାଜନୈତିକ ବାତାବରଣ ମଧ୍ୟରେ ପପୁ ଯାଦବଙ୍କ ଏହି 'ବେଡ୍‌ରୁମ୍' ମନ୍ତବ୍ୟ ନିଆଁରେ ଘିଅ ଢାଳିବା ଭଳି କାମ କରିଛି।



ନେତାଙ୍କ ବେଡ୍ ରୁମ୍‌କୁ ନ ଗଲେ ୯୦% ମହିଳା ରାଜନୀତି କରିପାରିବେ ନାହିଁ

# ନିର୍ବାଚନ ଗୋଟିଏ ଦିନ ପୂର୍ବରୁ ପଶ୍ଚିମବଙ୍ଗ ରାଜନୀତିରେ କମ୍ପନ

■ କେନ୍ଦ୍ରୀୟ ସଂସ୍ଥା ଚାପରେ ଆଇ-ପିଏସିର କାର୍ଯ୍ୟକଳାପ ସ୍ଥଗିତ
■ ଟିଏମ୍‌ସି ପାଇଁ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିଲା ସଂସ୍ଥା

କୋଲକାତା, ୨୧।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନର ଗୋଟିଏ ଦିନ ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ହଲଚଲ ଦେଖାଦେଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା ସଂସ୍ଥା 'ଇଣ୍ଡିଆନ୍ ପଲିଟିକାଲ୍ ଆକ୍ସନ୍ କମିଟି' (ଆଇ-ପିଏସି) ନିଜର କାର୍ଯ୍ୟକଳାପ ସାମୟିକ ଭାବେ ବନ୍ଦ କରିଥିବା ଖବର ହସ୍ତଗତ ହୋଇଛି। ବିଧାନନଗର ସ୍ଥିତ କାର୍ଯ୍ୟାଳୟ ଲଗାତାର ଦୁଇ ଦିନ ଧରି ବନ୍ଦ ରହିବା ପରେ ବିରୋଧୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ପଶ୍ଚିମବଙ୍ଗର ୧୫୨ଟି ଆସନ ପାଇଁ ଏପ୍ରିଲ ୨୩ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହାର ଠିକ୍ ୪୮ ଘଣ୍ଟା ପୂର୍ବରୁ ଆଇ-ପିଏସିର ଏଭଳି ନିଷ୍ପତ୍ତି ଟିଏମସି ପାଇଁ ଚିନ୍ତାର କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ, କାର୍ଯ୍ୟରେ ଅନୁପସ୍ଥିତ ଥିବା ପ୍ରାୟ ୧, ୩୦୦ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ମନି ଲଣ୍ଡରିଂ ମାମଲାରେ ଫସିଛି ଆଇ-ପିଏସି। କୋଇଲା ଚୋରା ଚାଲାଣ ସହ ଜଡ଼ିତ ପ୍ରାୟ ୨, ୭୪୨ କୋଟି ଟଙ୍କାର ଅର୍ଥ ହେରଫେର ମାମଲାରେ କେନ୍ଦ୍ରୀୟ ସଂସ୍ଥା ସିବିଆଇ ଏବଂ ଇଡ଼ି ଏହି କମ୍ପାନୀ ବିରୋଧରେ ତଦନ୍ତ କରୁଛନ୍ତି। ଅଭିଯୋଗ ହୋଇଛି ଯେ, ହାୱାଲା ଜରିଆରେ ପ୍ରାୟ ୨୦ କୋଟି ଟଙ୍କା ଆଇ-ପିଏଲସିକୁ ପଠାଯାଇଛି। ଚଳିତ ବର୍ଷ ଜାନୁଆରୀ ୮ ତାରିଖରେ ଏହି ମାମଲାରେ କମ୍ପାନୀର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା। ନିର୍ବାଚନ ପରିଚାଳନାରେ ଆଇ-ପିଏଲସିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସଂସ୍ଥା ଟିଏମସି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲା। ଏହି ସଂସ୍ଥା ୨୦୨୧ ଏବଂ ୨୦୨୪ ନିର୍ବାଚନର ଡାଟା ଆଧାରରେ ପ୍ରତ୍ୟେକ ବୁଥ୍‌ରେ ରଣନୀତି ପ୍ରସ୍ତୁତ କରିଥିଲା। ୯୩, ୦୦୦ ବୁଥ୍‌ରେ ପ୍ରାୟ ୧ ଲକ୍ଷ ଗୁପ୍ତ ଏଜେଣ୍ଟଙ୍କୁ ନିୟୋଜିତ କରି ସିଧାସଳଖ ଭୋଟରଙ୍କ ସହ ଯୋଗାଯୋଗ ରଖିବା। ଆଇ-ପିଏଲସିର ସର୍ଭେ ଆଧାରରେ ଟିଏମସି ଏଥର ପ୍ରାୟ ୩୩% ବସିଥିବା ବିଧାୟକଙ୍କୁ ଟିକେଟ୍ ଦେଇନାହିଁ।

ଏହି ଘଟଣାକୁ ନେଇ ସାଂସଦ ଡେରେକ୍ ଓ'ବ୍ରାୟନ୍ କହିଛନ୍ତି ଯେ, ଟିଏମସିର ନିର୍ବାଚନ ପ୍ରଚାର ସ୍ୱାଭାବିକ ଭାବେ ଚାଲିଛି ଏବଂ ପାର୍ଟି ପାଞ୍ଚଟି ଭିନ୍ନ ସଂସ୍ଥା ସହ କାମ କରୁଛି। ଅନ୍ୟପଟେ, ନିର୍ବାଚନ ସମୟରେ କେନ୍ଦ୍ରୀୟ ବାହିନୀ ପକ୍ଷରୁ ପାର୍ଟି ନେତାଙ୍କୁ ଗିରଫ କରାଯିବାର ଆଶଙ୍କା କରି ଟିଏମସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ନିର୍ବାଚନର ଠିକ୍ ମୁହାଁମୁହିଁ ସମୟରେ ଆଇ-ପିଏସି ଉପରେ ଇଡ଼ି ଓ ସିବିଆଇର କାର୍ଯ୍ୟାନୁଷ୍ଠାନ ତଥା ସଂସ୍ଥାର କାର୍ଯ୍ୟାଳୟ ବନ୍ଦ ରହିବା ପଶ୍ଚିମବଙ୍ଗର ରାଜନୈତିକ ପାଣିପାଗକୁ ଉଷ୍ମ କରିଦେଇଛି। ଏହି ସଂକଟ ଜନିତ ସମସ୍ୟା ଟିଏମସିର ଗ୍ରାଉଣ୍ଡ ଲେଭଲ୍ ଅପରେସନକୁ କେତେ ପ୍ରଭାବିତ କରୁଛି, ତାହା ମେ ୪ ତାରିଖର ନିର୍ବାଚନ ଫଳାଫଳରୁ ହିଁ ସ୍ପଷ୍ଟ ହେବ। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି।



ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବାରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଙ୍ଗଳବାର ଝାରସୁଗୁଡ଼ା ବିମାନବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଜୁଏଲ୍ ଓରାମ ସ୍ୱାଗତ କରୁଛନ୍ତି

# ବିଜେପିର ହୀନ ରାଜନୀତିର ପର୍ଦ୍ଦାଫାସ ହୋଇଛି: ବିଜେଡି

## ମହିଳା ସଂରକ୍ଷଣ ନୁହେଁ, ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ କରିବା ପ୍ରକୃତ ଉଦ୍ଦେଶ୍ୟ ଥିଲା

ଭୁବନେଶ୍ୱର,୨୧।୪(ସମିସ): ମହିଳାଙ୍କୁ ସଂରକ୍ଷଣ ଦେବା ବିଜେପିର ଉଦ୍ଦେଶ୍ୟ ନଥିଲା; ବରଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ ସଂସଦର ସିଟ୍ ସଂଖ୍ୟା ବୃଦ୍ଧି କରି ୨୦୨୯ ନିର୍ବାଚନକୁ ନିଜ ସପକ୍ଷରେ ନେବା ସେମାନଙ୍କର ପ୍ରକୃତ ଯୋଜନା ଥିଲା। ବିଜେପି ମହିଳା ସଂରକ୍ଷଣ ବିଲ ଆଳରେ ଡିଲିମିଟେସନ ବିଲ ପାରିତ କରିବାକୁ ଚାହୁଁଥିଲା। ବିଜେପି ମହିଳା ସଂରକ୍ଷଣକୁ ନେଇ କିପରି ହୀନ ରାଜନୀତି କରୁଛି, ଏହାର ପର୍ଦ୍ଦାଫାଶ ହୋଇଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତ ସିଂହାର।



ସେ କହିଛନ୍ତି ଯେ ବିଜେପି ଦେଶସାରା ବୁଲି ବୁଲି ବିରୋଧୀଙ୍କୁ ମହିଳା ବିରୋଧୀ ବୋଲି କହୁଛି; ମାତ୍ର ଏହା ସମ୍ପୂର୍ଣ୍ଣ ମିଥ୍ୟା। ମହିଳା ସଂରକ୍ଷଣ ବିଲ୍ ୨୦୨୩ରେ ପାରିତ ହୋଇଥିଲା। ଜନଗଣନା ଏବଂ ଡିଲିମିଟେସନ ସରିବା ପରେ ଏହି ବିଲ୍ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଲାଗୁ ହେବ। ଏହା ମଧ୍ୟରେ ୩ ବର୍ଷ ଚାଲିଗଲାଣି। ମାତ୍ର ବିଜେପି ଜନଗଣନା ସମ୍ପୂର୍ଣ୍ଣ କରି ଡିଲିମିଟେସନ କରି ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବାକୁ କୌଣସି ପଦକ୍ଷେପ ନେଲା ନାହିଁ। ଏବେ ହଠାତ୍ ସେମାନେ କହୁଛନ୍ତି ଯେ ବିନା ଜନଗଣନାରେ ସଂସଦରେ ଆସନ ସଂଖ୍ୟା ବୃଦ୍ଧି କରି ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବେ। ଯାହା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ତଥା ଅସାମ୍ବିଧାନିକ। ଯଦି ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବାର ଥିଲା ତାହେଲେ ପ୍ରଥମେ ପ୍ରଥମେ ଜନଗଣନା ସମ୍ପୂର୍ଣ୍ଣ କରି ସେହି ଅନୁସାରେ ଡିଲିମିଟେସନ କରି ସେହି ଅନୁଯାୟୀ ସଂରକ୍ଷଣ ପ୍ରଦାନ କରିଛଥାନ୍ତେ। ନଚେତ୍ ବିନା ଜନଗଣନାରେ ୨୦୨୩ରେ ମଧ୍ୟ ଏହି ବିଲକୁ ଲାଗୁ କରିପାରିଥାନ୍ତେ ।

### ବିଜେଡି ସବୁବେଳେ ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ଆସିଛି

ମହିଳା ସଂରକ୍ଷଣ ବିଲକୁ କେହିବି ବିରୋଧ କରୁନାହାନ୍ତି। ମାତ୍ର ଏହାକୁ ଡିଲିମିଟେସନ ସହ ଯୋଡ଼ିବା ଆଦୌ ଗ୍ରହଣୀୟ ନୁହେଁ। ବିଜେଡି ସବୁବେଳେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଆସିଛି। ମହିଳା ସଂରକ୍ଷଣକୁ ସମର୍ଥନ କରି ଆସିଛି। ସ୍ୱର୍ଗତଃ ବିଜୁବାବୁ ୧୯୯୨ ମସିହାରେ ପଞ୍ଚାୟତ ଓ ପୌରସଂସ୍ଥାରେ ପ୍ରଥମେ ୩୩ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ୨୦୨୩ ମସିହାରେ ଆମ ଦଳ ସଂସଦରେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ ମଧ୍ୟ କରିଥିଲା। ସେହିପରି ଆମ ଦଳର ନେତୃବୃନ୍ଦମାନେ ମଧ୍ୟ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ଦଳକୁ ଭେଟି ଏନେଇ ସହମତି ଆଣିବାକୁ ପ୍ରଚେଷ୍ଟା କରିଥିଲା। ୨୦୨୪ ମସିହାରେ ମଧ୍ୟ ୩୩ ପ୍ରତିଶତ ମହିଳାଙ୍କୁ ବିଜେଡି ଟିକଟ ଦେଇଥିଲା। ମହିଳାଙ୍କ ସୁରକ୍ଷା, ସମ୍ମାନ ତଥା ସ୍ୱାବଲମ୍ବିତା କ୍ଷେତ୍ରରେ ବିଜେଡିର ପ୍ରତିବଦ୍ଧତା ଉପରେ କେହି ପ୍ରଶ୍ନବାଚୀ ସୃଷ୍ଟି କରିପାରିବେ ନାହିଁ ବୋଲି ସେ କହିଛନ୍ତି।

# ସଂରକ୍ଷିତ ଜଙ୍ଗଲ ଜମିରେ ବହୁତଳ ପାର୍କିଂ ନିର୍ମାଣ ଉପରେ ସ୍ଥିତାବସ୍ଥା ଜାରି କଲେ ହାଇକୋର୍ଟ

କଟକ, ୨୧।୪ (ସମିସ): ଏକ ସଂରକ୍ଷିତ ଜଙ୍ଗଲ ଜମିରେ ବହୁତଳ ପାର୍କିଂ ନିର୍ମାଣ ଅଭିଯୋଗ ପ୍ରସଙ୍ଗକୁ ନେଇ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବାଲେଶ୍ୱର ନୀଳଗିରି ଶ୍ୟାମସୁନ୍ଦରପୁର ମୌଜାରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ଏହି ସ୍ଥାନରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପ୍ରଭାତ କୁମାର ପାଢ଼ୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି ରାଉତରାୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଶ୍ୟାମସୁନ୍ଦରପୁର ମୌଜାର ଖାତା ନମ୍ବର ୮୦୯ ଏବଂ ପ୍ଲଟ ନମ୍ବର ୧୦୩୮ ହେଉଛି ଏକ ସଂରକ୍ଷିତ ଜଙ୍ଗଲ ଜମି। ଏହା ଉପରେ ଏକ ବହୁତଳ ପାର୍କିଂ ନିର୍ମାଣ କାର୍ଯ୍ୟ କରାଯାଉଛି। ଓଟିଡିସି, ଜିଲ୍ଲା ଓ ତହସିଲ ପ୍ରଶାସନ ପକ୍ଷରୁ ସଂରକ୍ଷିତ ଜଙ୍ଗଲ ଜମିରେ ଏଭଳି ନିର୍ମାଣ କାର୍ଯ୍ୟ 'ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦'ର ଉଲ୍ଲଘଂନ କରୁଛି ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସମ୍ପୃକ୍ତ ଜମି କ୍ଷେତ୍ରରେ ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ସରକାରୀ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୧୧ ତାରିଖରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି।

# ନାରୀଶକ୍ତି ବନ୍ଦନ ନୁହେଁ, ବିଜେପିର କ୍ରନ୍ଦନ: କଂଗ୍ରେସ

ଭୁବନେଶ୍ୱର, ୨୧।୪ (ସମିସ): ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍ ମହିଳା ଶକ୍ତି ବିରୋଧରେ ବିଜେପି ଷଡ଼ଯନ୍ତ୍ର। ଏହି ବିଲ୍ କାଟ୍ ଖାଇବା ସହ ସଂସଦରେ ବିଜେପିର ପରାଜୟ ଫଳରେ ଏବେ ସେମାନେ ଘରକୁ ଘର ଯିବା କଥା କହି ମିଛ ପ୍ରଚାର ପ୍ରସାର କରୁଛନ୍ତି। ଏହି ବିଲ୍ ଆସିବାର ମାତ୍ର ୨୪ ଘଣ୍ଟା ପୂର୍ବରୁ ନାରୀ ଶକ୍ତି ବନ୍ଦନ ଆଇନ (ସଂଶୋଧନ) ବିଲ୍‌ର ଏକ ଡ୍ରାଫ୍ଟ ସାଂସଦମାନଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ମନଇଚ୍ଛା ସୀମା ନିର୍ଦ୍ଧାରଣ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହା କେବଳ ମହିଳା ସଶକ୍ତୀକରଣ ନାମରେ ବିଲକୁ ପାରିତ କରି କ୍ଷମତା ବଜାୟ ରଖିବାର ଏକ ଷଡ଼ଯନ୍ତ୍ର ଥିଲା। ଏବେ ନାରୀଶକ୍ତି ବନ୍ଦନ ନୁହେଁ, ଏଥିପାଇଁ ବିଜେପିର କ୍ରନ୍ଦନ ଚାଲିଛି ବୋଲି ଏଆଇସିସି ମୁଖପାତ୍ର ମହିମା ସିଂହ କହିଛନ୍ତି।

ମଙ୍ଗଳବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ସଂରକ୍ଷଣ ବିଲକୁ ନେଇ ଏଆଇସିସି ମୁଖପାତ୍ର ଶ୍ରୀମତୀ ସିଂହ ଗଣମାଧ୍ୟମକୁ କହିଛନ୍ତି, ନାରୀଶକ୍ତି ବନ୍ଦନ ଆଇନ ୨୦୨୩ ସର୍ବସମ୍ମତିକ୍ରମେ ପାରିତ ହୋଇ ୨୦୨୬



ଏପ୍ରିଲ ୧୬ରେ ଅଧିସୂଚିତ ହୋଇଥିଲା। କଂଗ୍ରେସ ସରକାର ସମୟରେ ୨୦୧୦ରେ ରାଜ୍ୟସଭାରେ ଏହି ବିଲ୍ ନିଃସର୍ତ୍ତ ପାସ୍ ହୋଇଥିବା ବେଳେ ଲୋକସଭାରେ ମଧ୍ୟ ଗୃହୀତ ହୋଇଥିଲା। ତାହାକୁ ବିଜେପି ସେତେବେଳେ ବିରୋଧ କରିଥିଲା। ତତ୍କାଳୀନ ବିଜେପି ସାଂସଦ ଯୋଗୀ ଆଦିତ୍ୟନାଥ ଏବଂ ଅନେକ ସାଂସଦ ବିଲ୍‌କୁ ବିରୋଧ କରିଥିଲେ। ୨୦୨୩ ମସିହାରେ ସମ୍ବିଧାନ ସଂଶୋଧନ କରି ଧାରା ୩୩୪(କ) ଯୋଡ଼ିଥିଲେ ଏବଂ

### ରାଜଧାନୀରେ ବର୍ଷିଲେ ଏଆଇସିସି ପ୍ରବକ୍ତା ମହିମା ସିଂ

ଜନଗଣନା ପରେ ସୀମା ନିର୍ଦ୍ଧାରଣ ଆବଶ୍ୟକ କରୁଥିବା ଏକ ବିଲ୍ ପାସ୍ କରିଥିଲେ। ତଥାପି, କଂଗ୍ରେସ ଏବଂ ସମଗ୍ର ବିରୋଧୀ ଏହାକୁ ସମର୍ଥନ କରିଥିଲେ ଏବଂ ୨୦୨୪ ନିର୍ବାଚନରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। କିନ୍ତୁ, ସରକାରଙ୍କ ଏପରି କରିବାର କୌଣସି ଉଦ୍ଦେଶ୍ୟ ନଥିଲା। ୨୦୨୪ରେ ୪୦୦ ସିଟ୍ ଅତିକ୍ରମ କରିବାର ବିଜେପିର ଅହଂକାରକୁ ଦେଶବାସୀ ୨୪୦ ସିଟ୍‌ରେ ସୀମିତ କରିଦେଇଥିଲେ। ସେମାନେ ଜାଣନ୍ତି, ୨୦୨୯ ମସିହାରେ ସେତକ ସିଟ୍ ବି ଅଧା ହୋଇଯିବ। ତେଣୁ, ବିଜେପି ମହିଳାଙ୍କୁ ଆଳ କରି ଏମିତି ଷଡ଼ଯନ୍ତ୍ର ରଚିଥିଲା। ସଂଶୋଧନ ନାମରେ ୨୦୨୩ ବିଲ୍ ସହିତ ହେରଫେର କରିବା ଅର୍ଥ ମହିଳା ଶକ୍ତି ସହ ବିଶ୍ୱାସଘାତ କରିବା ବୋଲି ସେ କହିଥିଲେ। ଦେଶର ଜନସାଧାରଣ ଚାହାନ୍ତି, "ଅବକି ବାର ବିଜେପି ସତ୍ତା ସେ ବାହାର" ବୋଲି ଶ୍ରୀମତି ସିଂହ ମତବ୍ୟକ୍ତ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଏବଂ ଓପିସିସି ମୁଖପାତ୍ରଙ୍କ ସହ ରାଜ୍ୟ ମହିଳା କଂଗ୍ରେସର ଉପ-ସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

**ରାତି ବିତାଇବାକୁ ମହିଳାଙ୍କୁ ଡାକିବା ଘଟଣା**

# ଛୁଟି ଦରଖାସ୍ତ ପଠାଇ ଏସ୍‌ଡିପିଓ ନିଖୋଜ

ନୟାଗଡ଼, ୨୧।୪ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଗ୍ରାମର ମହିଳା ରଶ୍ମିତା କହଁରଙ୍କୁ ରାତି ବିତାଇବା ପାଇଁ ଡାକିବା ଘଟଣାରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ନାମରେ ଗତକାଲି ମାମଲା ରୁଜୁ ହୋଇଥିଲା। ଫତେଗଡ଼ ଥାନାରେ ୧୧୮/୨୬ରେ ମାମଲା ରୁଜୁ କରାଯାଇଥିଲା। ଏହାସହ ଏସ୍‌ଡିପିଓଙ୍କୁ ତାଙ୍କ ପଦବୀରୁ ପ୍ରତ୍ୟାହୃତ କରାଯାଇଥିଲା। ତାଙ୍କ ସ୍ଥାନରେ ଡିଏସ୍‌ପି ସୁଦୀପ୍ତ କୁମାର ସାହୁଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଥିବା ନୟାଗଡ଼ ଏସ୍‌ପିଙ୍କ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ, ଆଜି ସମ୍ପୃକ୍ତ ମହିଳାଙ୍କର ବୟାନ ରେକର୍ଡ କରାଯାଇଛି। ନୟାଗଡ଼ ପୁଲିସ ମୁଖ୍ୟାଳୟରେ ୧୬୧ରେ ବୟାନ ରେକର୍ଡ କରାଯାଇଛି। ସେହିପରି, ଏସ୍‌ଡିପିଓ ଶ୍ରୀ ପ୍ରଧାନ ପୁଲିସ ମୁଖ୍ୟାଳୟରେ ଯୋଗ ନଦେଇ ଛୁଟି ଦରଖାସ୍ତ ପଠାଇ କେଉଁଆଡ଼େ ଚାଲି ଯାଇଥିବା ଜଣାପଡ଼ିଛି। ଏସ୍‌ଡିପିଓଙ୍କ କୌଣସି ଖୋଜଖବର ନଥିବା ସୂଚନା ମିଳିଛି।

ନୟାଗଡ଼ ଜିଲ୍ଲାରେ ପ୍ରଥମଥର ପାଇଁ ଜଣେ ନାରୀ ଶୋଷଣକାରୀ ପୁଲିସ ଅଧିକାରୀଙ୍କ ବିରୋଧରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସୋସିଆଲ ମିଡିଆରେ

- ପୀଡ଼ିତାଙ୍କ ବୟାନ ରେକର୍ଡ
- ଡିଏସ୍‌ପି ସୁଦୀପ୍ତଙ୍କୁ ଖଣ୍ଡପଡ଼ା ଦାୟିତ୍ୱ

ଏହି ଘଟଣାକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଘଟଣାକ୍ରମରେ, ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହି ଆସିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳପ, ହ୍ୱାଟସ୍-ଆପ ଚାଟ୍ ସାମ୍ନାକୁ ଆସିବା ପରେ ଏସ୍‌ଡିପିଓଙ୍କ କଳଙ୍କିତ ଚେହେରା ସାମ୍ନାକୁ ଆସିଛି।

ଏକ ମାମଲାର ସମାଧାନ କରିବା ବାହାନାରେ ଏସ୍‌ଡିପିଓ ତାଙ୍କୁ ହୋଟେଲକୁ ଡାକିବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀକୁ କୌଣସି ଏକ ମାମଲାରେ ଗିରଫ କରିବା ଧମକ ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି, ଏସ୍‌ଡିପିଓ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ-କ୍ଲିପ୍ ମଧ୍ୟ ମହିଳାଙ୍କଠାରୁ ମିଳିଛି। ଏହି ଘଟଣାକୁ ପୁଲିସ ବିଭାଗ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

**କଳାତାଲିକାଭୁକ୍ତ ସଂସ୍ଥାକୁ ଅନୁକମ୍ପା**

# ହଜାରେ କୋଟିର ଟେଣ୍ଡରରେ ଦୁର୍ନୀତି ଗନ୍ଧ

ଭୁବନେଶ୍ୱର,୨୧।୪(ସମିସ): ଓକାକରେ ହୋଇଛି ୧୦୦୦ କୋଟି ଟଙ୍କାର ଟେଣ୍ଡର ଦୁର୍ନୀତି। ଏହି ପ୍ରକ୍ରିୟାରେ କଳାତାଲିକାଭୁକ୍ତ ସଂସ୍ଥାଗୁଡ଼ିକୁ ଅହେତୁକ ଅନୁକମ୍ପା ଦେଖାଇ ଟେଣ୍ଡର ଦିଆଯାଇଛି। ଏଭଳି ଟେଣ୍ଡର ଦେବା ପଛରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବଙ୍କ ଭୂମିକା ରହିଛି ବୋଲି ଅଭିଯୋଗ କରି ଉଭୟଙ୍କ ସରକାରୀ ବାସଭବନ ଘେରିଛି ଯୁବ କଂଗ୍ରେସ ।

ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, 'ସେଲକନ ଇମପେକ୍ସ



ପ୍ରାଇଭେଟ ଲିମିଟେଡ' ଓଡ଼ିଶାର ୫୩୭୦ ସରକାରୀ ଓ ଅନୁଦାନ ପ୍ରାପ୍ତ ସ୍କୁଲରେ ଏଆଇ କ୍ଲାସ ରୁମ ପାଇଁ ଓକାକ ମାଧ୍ୟମରେ ୧୦୦୦ କୋଟି ଟଙ୍କାର ଟେଣ୍ଡର କରାଯାଇଛି। ଏହି ସଂସ୍ଥା ଏକ ଦୁର୍ନୀତିଗ୍ରସ୍ତ କମ୍ପାନୀ ଓ ତା ନାମରେ ନିଜର ଆର୍ଥିକ ସ୍ଥିତିକୁ ବଢ଼ାଚଢ଼ା କରି ଉପସ୍ଥାପନ କରିବାର ଅଭିଯୋଗ ରହିଛି। ଏହି କମ୍ପାନୀ ନାମରେ ଠକେଇ, ଜାଲିଆତି, ଆର୍ଥିକ ଅପରାଧ, ଭୟ ସୃଷ୍ଟିକାରୀ ଓ ଷଡଯନ୍ତ୍ର ଭଳି ମକଦ୍ଦମା ହାଇଦ୍ରାବାଦରେ ଥିବା ବେଳେ ଓଡ଼ିଶା ହାଇକୋର୍ଟରେ ମଧ୍ୟ ଏହି ଟେଣ୍ଡର ପ୍ରକ୍ରିୟାକୁ ଦୁର୍ନୀତିପୂର୍ଣ୍ଣ ଦର୍ଶାଇ କେସ ହୋଇଛି। ଏହା ସତ୍ତ୍ୱେ ସରକାର ଏହି ସଂସ୍ଥା ପ୍ରତି ନରମ ମନୋଭାବ ପୋଷଣ କରିଛନ୍ତି। ଏହା ବ୍ୟତୀତ 'ଆଇଏନପି ଟେକ୍ନୋଲୋଜିସ ଲିମିଟେଡ' ନାମକ ଏକ ସଂସ୍ଥା ଆଦର୍ଶ ବିଦ୍ୟାଳୟ ସଂଗଠନରେ ୧୨୮ ଟି କମ୍ପ୍ୟୁଟର ଲ୍ୟାବ ସ୍ଥାପନ ପାଇଁ ଓକାକ ମାଧ୍ୟମରେ ୭୦ କୋଟି ଟଙ୍କାର ଟେଣ୍ଡର ହାତେଇଛି। ଏହି କମ୍ପାନୀ ନାମରେ ବିନା ଅନୁମତିରେ 'ସବଜେକ୍ଟ ୱାର୍କସ' ବ୍ୟବହାର ଅଭିଯୋଗ ନେଇ ଦିଲ୍ଲୀ ହାଇକୋର୍ଟରେ ମାମଲା ରହିଛି। ପୁଣି ଏହି କମ୍ପାନୀକୁ କାର୍ଯ୍ୟାଦେଶ ନଦେବା ପାଇଁ ୨୦୨୩ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ତତ୍କାଳୀନ ପ୍ରକଳ୍ପ ନିର୍ଦ୍ଦେଶକ ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ ମଧ୍ୟ ଏହାକୁ ବେଖାତିର କରି ଆଇଏନପିକୁ କାର୍ଯ୍ୟାଦେଶ ଦିଆଯାଇଛି। ସମାନ ଭାବେ 'ଓମିନିଲିଙ୍କ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ' ନାମକ ଏକ ସଂସ୍ଥାକୁ ସମସ୍ତ ପୌରାଞ୍ଚଳ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ ଇନଫ୍ରାଷ୍ଟ୍ରଚର ସ୍ଥାପନ ପାଇଁ ୭୦ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। 'ପ୍ରିଣ୍ଟ ଲିଙ୍କ' ଏକ କଳା ତାଲିକାଭୁକ୍ତ ଠକ କମ୍ପାନୀଭାବେ ବଦନାମ ମୁଣ୍ଡାଇଲା ପରେ ଏହାର ନାମ ବଦଳାଇ ଏହି କମ୍ପାନୀର ନାମକୁ ଓମିନିଲିଙ୍କ ଭାବେ ନାମିତ କରାଯାଇଛି।

### ମନ୍ତ୍ରୀ ଓ ସଚିବଙ୍କ ବାସଭବନ ଘେରାଉ

କେନ୍ଦ୍ର ସରକାରଙ୍କର ଟେଲି କମ୍ୟୁନିକେସନ ପକ୍ଷରୁ 'ଫ୍ରିଟଲିଙ୍କ'କୁ ସଂପୂର୍ଣ୍ଣ ବ୍ୟବସାୟିକ ଡିଲିଂ ବ୍ୟାନ କରାଯାଇଛି। ଏହି କମ୍ପାନୀ ଏକ କଳା ତାଲିକାଭୁକ୍ତ କମ୍ପାନୀ ହୋଇଥିଲେ ବି ଆଇଟି ମନ୍ତ୍ରୀ ଓ ଆଇଟି ସଚିବଙ୍କ ନିକଟରେ ଏହା କିଭଳି ବିଶ୍ୱାସଭାଜନ ହୋଇପାରିଛି ବୋଲି ଯୁବ କଂଗ୍ରେସ ପ୍ରଶ୍ନ କରିଛି।

ସେହିପରି 'ଇସ୍କୋୟାର ସିଷ୍ଟମ ଆଣ୍ଡ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ' ସୁଭଦ୍ରା ଯୋଜନା ପାଇଁ ଏକ ୱେବସାଇଟ ଓ ଏକ ଆପ୍ ବା ପୋର୍ଟାଲ କରିଛି। ହେଲେ ଏହି ୱେବସାଇଡ୍ ଅତ୍ୟନ୍ତ ଦୁର୍ବଳ ଓ ଏହାଦ୍ୱାରା କାର୍ଯ୍ୟ ବହୁ ବାଧାପ୍ରାପ୍ତ ହେଉଛି। ଏହି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଧିରେନ୍ଦ୍ର କୁମାର ଖଣ୍ଡେଲୱାଲ ଅଛନ୍ତି। ତାଙ୍କ ବିରୋଧରେ ୨୦୧୬ ମସିହାରେ ଚିଟଫଣ୍ଡ ଠକେଇ ମାମଲା ଓଡ଼ିଶା ହାଇକୋର୍ଟରେ ଦାୟର ହୋଇଛି। କମ୍ପାନୀର ମାଲିକ ଏବେ ସୁଦ୍ଧା ବେଲରେ ଅଛନ୍ତି ଓ ତାଙ୍କ ବିରୋଧରେ ଓଡ଼ିଶା ସରକାରଙ୍କର ଇଓଡବ୍ଲୁର କେସ ଚାଲୁଛି। ଜଣେ ଚିଟଫଣ୍ଡ ମାଫିଆଙ୍କୁ ବିଜେପି ସରକାରଙ୍କର ପ୍ରେମ କାହିଁକି ବୋଲି ଦଳ ପ୍ରଶ୍ନ କରିଛି। ଏଭଳି ହରିଲୁଟର ବିଚାର ବିଭାଗୀୟ ତଦନ୍ତ ହେଉ ଏବଂ ଉପରୋକ୍ତ ଟେଣ୍ଡରଗୁଡ଼ିକ ତୁରନ୍ତ ବାତିଲ କରାଯାଉ ବୋଲି ଯୁବ କଂଗ୍ରେସ କହିଛି।




ସକାଳ
THE SAKALA



# ଏନ୍‌ଏଚ୍‌ଆର୍‌ସି ସଦସ୍ୟଙ୍କ କେନ୍ଦୁଝର ଜେଲ୍‌ରେ ଯାଞ୍ଚ



କେନ୍ଦୁଝର,୨୧।୪(ସମିସ): ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)ର ଜଣେ ସ୍ୱତନ୍ତ୍ର ସଦସ୍ୟ କେନ୍ଦୁଝର ଜିଲ୍ଲା କାରାଗାର ପରିଦର୍ଶନ କରିଛନ୍ତି। ଆୟୋଗର ନୂଆଦିଲ୍ଲୀର ସ୍ୱତନ୍ତ୍ର ସଦସ୍ୟ ଏସ.କେ. ଶତପଥୀ ମଧ୍ୟାହ୍ନରେ କେନ୍ଦୁଝର ଜେଲ ପରିଦର୍ଶନ କରି ଅନ୍ତେବାସୀଙ୍କ ସମସ୍ତ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାହା କଏଦୀଙ୍କୁ ପଚାରି ବୁଝିଥିଲେ। ଜେଲ ଭିତରେ କଏଦୀଙ୍କ ମାନବାଧିକାର ଉଲ୍ଲଙ୍ଘନ ହେଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ଏହି ସମସ୍ୟଙ୍କ ଗସ୍ତ ପୂର୍ବରୁ କେନ୍ଦୁଝର ଜିଲ୍ଲା କାରାଗାରକୁ ସ୍ୱଚ୍ଛ ଏବଂ ସଫେଇ କରାଯାଇଥିଲା। ଏନେଇ ସଦସ୍ୟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପୂର୍ବରୁ ଜେଲ ସଫାସୁତୁରା ସଠିକ୍ ଭାବେ ହେଉ ନଥିବାବେଳେ ଗତ ୩ ଦିନ ହେବ ଜେଲ ପରିସରକୁ ସଫାସୁତୁରା କରାଯାଇଥିଲା। ଜେଲ ପରିସରରେ କିଛି କଏଦୀ ଅଲଗା ଚୁଲା କରି ରୋଷେଇ କରୁଥିଲେ। ସେଗୁଡିକୁ ଜେଲ ପକ୍ଷରୁ ତରବରିଆ ଭାବେ ଭଙ୍ଗାଯାଇଥିଲା। ଜେଲ ଭିତରେ ଅଲଗା ରୋଷଇ କରୁଥିବା କଏଦୀଙ୍କୁ ଜେଲ କର୍ମଚାରୀ ପନିପରିବା ବିକ୍ରି କରୁଥିବା ନେଇ ସଦସ୍ୟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜେଲ ଭିତରେ କଏଦୀ ନିଶା ସାମଗ୍ରୀ ଖାଉଥିବା ଏବଂ କିଛି କଏଦୀ ଲକ୍ ଅପ୍ ସମୟ ପରେ ଜେଲ ଅଫିସରେ କାମ କରୁଥିବା ନେଇ କମିଟି ନିକଟରେ ଅଭିଯୋଗ ହୋଇଥିଲା। ଜେଲ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାକୁ ଦାବି ହୋଇଥିଲା। ଏନେଇ କମିଟି ସଦସ୍ୟଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେଇ ନଥିଲେ।

# କାନପୁର ପ୍ରକଳ୍ପ: ପାଣି କାଦୁଅରେ ଚାଲିଛି କଂକ୍ରିଟ କାମ



➤ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ
➤ ମନମାନି କରୁଛି ଠିକାସଂସ୍ଥା

ନାରଦପୁର,୨୧।୪(ସମିସ): ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପର ଏସକେଫ ଚାନେଲ ନିକଟରେ ଗାର୍ଡ଼ୱାଲ ନିର୍ମାଣ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ଅଧିକାରୀଙ୍କ ତଦାରଖ ଅଭାବରୁ କଂକ୍ରିଟ କାମ ଦୁର୍ବଳ ହେବା ଆଶଙ୍କା କରାଯାଇଛି। ପାଣି କାଦୁଅ ଉପରେ କଂକ୍ରିଟ କାମ ଚାଲୁଥିବାରୁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ମୁତାବକ, ଉକ୍ତ ଏସକେଫ ଚେନେଲରେ ଜଳଭଣ୍ଡାରରୁ ନଦୀଜଳକୁ ଛଡ଼ା ଯାଇଥିବା ବେଳେ ଗୋଟିଏ ପାର୍ଶ୍ୱରେ ଏକ ଠିକାସଂସ୍ଥା ଦ୍ୱାରା ତରବରିଆ ଭାବରେ ପାଣି କାଦୁଅ ଉପରେ ଏହି କଂକ୍ରିଟ ଗାଡର୍‌ୱାଲ ନିର୍ମାଣ ଚାଲିଛି। ନଦୀଜଳ ପ୍ରବାହିତ ହେଉଥିବାରୁ ପାଣି ଝରି କଂକ୍ରିଟ କାମରେ ମିଶି ଯାଉଛି। ଠିକାସଂସ୍ଥା ମନମାନି କରୁଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ନିର୍ମାଣ କରୁଥିବା ଠିକାସଂସ୍ଥାର ନାଁ କିମ୍ବା ବ୍ୟୟ ଅଟକଳର ସୂଚନା ଫଳକ ଦିଆଯାଇ ନାହିଁ। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପ୍ରକଳ୍ପ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଆନନ୍ଦପୁର ମହାବିଦ୍ୟାଳୟରେ ଏନ୍‌ସିସି କମାଣ୍ଡର



ଆନନ୍ଦପୁର, ୨୧।୪ (ସମିସ): ଆନନ୍ଦପୁର ମହାବିଦ୍ୟାଳୟକୁ ଏନସିସି କଟକ ଗ୍ରୁପ ଗ୍ରୁପ କମାଣ୍ଡର, କର୍ନଲ ଏସଜି ସୁଧାଂଶୁ ଶେଖର, ସପ୍ତମ ଓଡ଼ିଶା ବାଟାଲିୟନର କମାଣ୍ଡିଙ୍ଗ ଅଫିସର ଲେଫ୍ଟନେଣ୍ଟ କର୍ନଲ ଏସଏସ ରଘୁବଂଶୀ ଓ ଦ୍ୱିତୀୟ ଓଡ଼ିଶା ନାଭାଲ ୟୁନିଟର କମାଣ୍ଡିଙ୍ଗ ଅଫିସର ସୁଦିପ କୁମାର ସାହୁ ପରିଦର୍ଶନରେ ଆସି ସମର ଶିକ୍ଷାର୍ଥୀଙ୍କ କାର୍ଯ୍ୟକଳାପ ତଦାରଖ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଏନସିସି ତରଫରୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଗ୍ରୁପ କମାଣ୍ଡର ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ମିଶ୍ର, ଆଡମିନିଷ୍ଟ୍ରେଟିଭ ପ୍ରଫୁଲ୍ଲ କୁମାର ପଣ୍ଡା, ଏନସିସି ଅଧିକାରୀ ଲେଫ୍ଟନେଣ୍ଟ ରଘୁଦୀପ୍ତି ନାୟକ ଓ କେୟାର ଟେକିଙ୍ଗ ଅଫିସର ବିଶ୍ୱଜିତ ରାଉତ ଓ ସମସ୍ତ କ୍ୟାଡେଟଙ୍କ ସହିତ ଆଲୋଚନା କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଏନସିସି ୟୁନିଟ ବାଟାଲିୟନ ପୁରୁଣା ୟୁନିଟ ଭାବେ ଜାଣିଖୁସି ହୋଇ ପ୍ରଶଂସା କରିଥିଲେ।

# ଆମ୍ବଗାଡ଼ିଆ-ବୈତରଣୀ ନଦୀବନ୍ଧ ରାସ୍ତାକୁ ମଞ୍ଜୁରୀ

## ଦାବି କରିଥିଲେ ବ୍ଲକ୍ ଉପାଧ୍ୟକ୍ଷ ଓ ବିଧାୟକ

ହାଟଡିହୀ,୨୧।୪(ସମିସ): ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ଦାବି ପରେ ଆମ୍ବଗାଡ଼ିଆ-ବୈତରଣୀ ନଦୀବନ୍ଧ ରାସ୍ତା ଭାୟା ନାଇକ ସାହି ଓ ମାଉସୀ ମାଆ ମନ୍ଦିର ରାସ୍ତା ଅନୁମୋଦିତ ହୋଇଛି। ବିଶେଷ କରି ବଞ୍ଚୋ ବଡଦାଣ୍ଡରୁ ମାଉସୀ ମାଆ ମନ୍ଦିର ଯାଏଁ ଅଣଓସାରିଆ ରାସ୍ତା ଥିବାରୁ ରଥ ଯାତ୍ରା ସମୟରେ ନାନା ସମସ୍ୟା ସୃଷ୍ଟି ହେଉଥିଲା। ଏନେଇ ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଧାୟକ ଅଭିମନ୍ୟୁସେଠୀ ଗତ ୧୮/୭/୨୦୨୫ରେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ଆମ୍ବଗାଡ଼ିଆଠାରୁ ନାଇକସାହି ମାଉସୀମାଆ ମନ୍ଦିର ଦେଇ ବୈତରଣୀ ନଦୀବନ୍ଧ ପର୍ଯ୍ୟନ୍ତ ୬ କିଲୋମିଟର ରାସ୍ତା ନିର୍ମାଣ ଲାଗି ଦାବି କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସୁପାରିସ ପରେ ଏହି ରାସ୍ତାକୁ ଅନୁମୋଦନ କରାଯିବା ସହିତ ରାସ୍ତା ନିର୍ମାଣ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇଛି। ଏହାକୁ ନେଇ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ବିଧାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ରଥ ମହାରଣା ନୀଳମଣି ମହାରଣାଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର,୨୧।୪(ସମିସ): ଅକ୍ଷୟ ତୃତୀୟା ଉପଲକ୍ଷେ କେନ୍ଦୁଝର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ରଥକାଠ ଅନୁକୂଳ ହୋଇଛି। ଏହି ଅବସରରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥ ସମ୍ମୁଖରେ ରଥ ମହାରଣା ନୀଳମଣି ମହାରଣାଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଉପସଭାପତି ସନାତନ ମହାରଣା, ଯୁଗ୍ମସମ୍ପାଦକ ସୌରିନ୍ଦ୍ରନାଥ ମହାରଣା, କୋଷାଧ୍ୟକ୍ଷ ମନୋଜ କୁମାର ଓଝା, ସଂଯୋଜକ କିର୍ତ୍ତନ ବିହାରୀ ଓଝା ସମେତ ସମିତର ଅନ୍ୟାନ୍ୟ ସଦସ୍ୟ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ବଳଦେବଜୀଉ ମନ୍ଦିରର ସୁପରଭାଇଜର ପଞ୍ଚାନନ ସାହୁ, ବଡ଼ପଣ୍ଡା, ସେବାୟତଗଣ ସାମିଲ ଥିଲେ।

# ଓଁକାର ସେବାଶ୍ରମରେ ଦରମାକୁ କେନ୍ଦ୍ରକରି ଉତ୍ତେଜନା



ଆନନ୍ଦପୁର, ୨୧।୪ (ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଗୋଡିସାହିସ୍ଥିତ ଓଁକାର ସେବାଶ୍ରମରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ବାର ମାସର ବକେୟା ଦରମାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶିକ୍ଷକଶିକ୍ଷୟିତ୍ରୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ବଚସା ହେବାରୁ ପୁଲିସ ଉପସ୍ଥିତିରେ ଏହାର ସମାଧାନ ହୋଇଥିବା ଜଣାଯାଇଛି। ଆଜି ଦିନ ପ୍ରାୟ ଦୁଇଟା ସମୟରେ ଟ୍ରଷ୍ଟ ବୋଡର୍‌ର ଡୋନର ଚରଣଜିତ ସିଂ ଆସିବାକୁ ନେଇ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଅପେକ୍ଷା କରିଥିଲେ। ତାଙ୍କ ସହ ପୂର୍ବରୁ ଅନୁଷ୍ଠାନ ଦାୟିତ୍ୱରେ ଥିବା ସୁଦର୍ଶନ ସାହୁଙ୍କୁ ବାଳାଶ୍ରମ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଯାହାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀମାନେ ଉତ୍ତ୍ୟକ୍ତ ହେବାରୁ ଉଭୟଙ୍କ ମଧ୍ୟରେ ଠେଲାପେଲା ହେବା ସହ ଭିତରକୁ ଯିବାକୁ ଦେଇ ନଥିଲେ। ଖବର ପାଇ ଘଟଣାସ୍ଥଳରେ ସାଇଁକୂଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ପହଞ୍ଚି ଉଭୟ ପକ୍ଷଙ୍କ ସହ ଆଲୋଚନା ସହ ବୁଝାମଣା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପ୍ରଧାନଶିକ୍ଷକ ପୁରୁଷୋତ୍ତମ ସାହୁ, ଗୌରାଙ୍ଗ ବାରିକ୍, ସରୋଜ କୁମାର ନାୟକ, ସନାତନ ସେଠୀ, ସସ୍ମିତା ଜେନା, ସୁବାସଚନ୍ଦ୍ର କୁଅଁର, ମଧୁସୂଦନ ହୋତା, ଅମ୍ବୁଜ ବଲ୍ଲଭ ଶତପଥୀ, ସୁଦର୍ଶନ ବିଶ୍ୱାଳ, ମଧୁସୂଦନ ହୋତା, ଶିକ୍ଷୟିତ୍ରୀ କାମିନୀ ସାହୁ, ନିଲାନି ମିତାଶ୍ରୀ ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ଓ କର୍ମଚାରୀ ଦରମା ଆଜି ପର୍ଯ୍ୟନ୍ତ ପାଇ ନ ଥିବା ବେଳେ ଅନୁଷ୍ଠାନର ଡୋନର ଚରଣଜିତ୍ ସିଂ ଆଲୋଚନା କରି ଦରମା ଦେବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଛି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର, ୨୧।୪(ସମିସ): କେନ୍ଦୁଝର ସହରର ପ୍ରତିଷ୍ଠିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଚଳିତ ବର୍ଷ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା କାସଭି ଗ୍ରୁପ ଅଫ କମ୍ପାନିର ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଚଳିତବର୍ଷ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ଲାଭ କରିଛନ୍ତି। ୩୬ ଜଣ ଛାତ୍ରଛାତ୍ରୀ ୯୦% ରୁ ଊର୍ଦ୍ଧ୍ୱ, ୬୧ ଜଣ ଛାତ୍ରଛାତ୍ରୀ ୮୦%-୯୦% ମଧ୍ୟରେ ରଖି ବିଦ୍ୟାଳୟ ନିମନ୍ତେ ସଫଳତା ଆଣିଛନ୍ତି। ବିଦ୍ୟାଳୟର ଶତପ୍ରତିଶତ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଦ୍ୟାଳୟର ଛାତ୍ର ସୂର୍ଯ୍ୟାଂଶ ସାହୁ ୯୯.୨% ରଖି ବିଦ୍ୟାଳୟର ଟପ୍ପର ହେବା ସହ ଜିଲ୍ଲା ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ନିର୍ଣ୍ଣୟ କୁମାର ମହାନ୍ତ, ରାଜକରନ ମହାନ୍ତ, ଦେବାଶିଷ ମହାନ୍ତ, ସାଇ କସ୍ତୁରୀ ସେନାପତି ପ୍ରମୁଖ ଟପ୍ ଫାଇଭ ମଧ୍ୟରେ ରହି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଇଂ ବେହେରା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ତାଙ୍କ ସଫଳତା ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଛନ୍ତି।

# ନୂଆପଡ଼ା ପତିତପାବନ କ୍ଷେତ୍ରର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୧।୪ (ସମିସ): ନୂଆପଡ଼ାସ୍ଥିତ ପତିତପାବନ କ୍ଷେତ୍ର ଜଗନ୍ନାଥ ମନ୍ଦିରର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଉଦଯାପନୀ ଦିବସରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ "ଜଗନ୍ନାଥ ମୋ ଭରସା', ଯୁଗେ ଯୁଗେ ଜଗନ୍ନାଥ, ସମ୍ବଲପୁରୀ, ପଲ୍ଲୀ ନୃତ୍ୟ ଉପସ୍ଥାପନ କରିଥିଲେ। ହଜାର ହଜାର ଭକ୍ତଙ୍କ କରତାଳିରେ ମନ୍ଦିର ପ୍ରାଙ୍ଗଣ କମ୍ପି ଉଠିଥିଲା। ନୃତ୍ୟଶିଳ୍ପୀ ମୋନିକା ଦାଶ, ସାଇସ୍ମୃତି, କ୍ରିଷ୍ଟା ପ୍ରିୟଦର୍ଶିନୀ, ଦେବାହୁତି ପଟ୍ଟନାୟକ, ଅରଶ୍ମିତା ତ୍ରିପାଠୀ, ପରିଣତି ଚକ୍ର, ଇତୁଲୁ ସାଇନୁ, ଦିଶା ଦାଶ, ତେଜସ୍ୱିନୀ ରାଉତ, ସଂସ୍କୃତି ଦାଶ, ଜାନବୀ ସାହୁ ପ୍ରମୁଖଙ୍କ ସହ ଅନ୍ୟ କଳାକାରମାନେ ନୃତ୍ୟ କରିଥିଲେ। ମା'ର କାହାଣୀ ଉପରେ ଆଧାରିତ ନାଟକରେ ଦର୍ଶକ ବିଭୋର ହୋଇଥିଲେ। ପରେ ପରେ ଅମୂଲ୍ୟ ପହି ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରଥିଲେ। ମନ୍ଦିର ଟ୍ରଷ୍ଟ ତରଫରୁ ନୃତ୍ୟଗୁରୁ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ ଭକ୍ତିଭାବରେ ପାଳିତ



କେନ୍ଦୁଝର, ୨୧।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପାର୍କ ଲାଇନସ୍ଥିତ ଜିଲ୍ଲା ଅଡିଟୋରିୟମରେ ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ଆଜି ସନ୍ଧ୍ୟାରେ ଉତ୍ସାହ ଓ ଭକ୍ତିଭାବର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାର୍ଥକ ଅଭିନନ୍ଦନ ରାଏ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା କବି ସୁଧା ଦାଶ ଜୟଦେବଙ୍କ ସାହିତ୍ୟ ସୃଷ୍ଟି, ଓଡ଼ିଆ ଅସ୍ମିତା ଓ ନୂତନ ପିଢ଼ି ମଧ୍ୟରେ ସେଥିର ଜାଗରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଡ଼କ୍ଟର ଅରୁନ୍ଧତୀ ଓଝା ଜୟଦେବଙ୍କ ରଚନା ଓ ସଂସ୍କୃତ ସାହିତ୍ୟରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରୀ ମହନ୍ତ, ସୁଶ୍ରୀ ବିନତୀ ମାଝୀ ଓ ଦେବରାଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ସମୟଶ୍ରୀ ଚାଟର୍ଜୀ କରିଥିବା ବେଳେ, ସମାରୋପ ବକ୍ତବ୍ୟରେ ଅବିନାଶ ଦାସ ଓଡ଼ିଶାର ନାରୀ ଜାଗରଣ, ସଂସ୍କୃତ ଅଧ୍ୟନ ଓ ନୂତନ ପିଢ଼ିର 'ସ୍ୱ' ଜାଗରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁର ନିକେତନ ପକ୍ଷରୁ ଗୀତ ଗୋବିନ୍ଦ ପରିବେଷଣ କରାଯାଇଥିବା ବେଳେ, ଇନ୍ଦ୍ରଧନୁ ଓ ଓମଶାଇ ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗୀତ ଗୋବିନ୍ଦର ଅପୂର୍ବ ପ୍ରଦର୍ଶନ ହୋଇଥିଲା। ବଳଭଦ୍ରପୁର ଓ ନାଉପସୀର ସଂକୀର୍ତ୍ତନ ଦଳ ଦ୍ୱାରା ଭଜନ ପରିବେଷଣ କରାଯାଇ ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲା।

# ଶିରପୁର ପରିଚୟ ଗୃହରେ ୱାର୍ଡସଭା



ଚମ୍ପୁଆ, ୨୧।୪(ସମିସ): ଚମ୍ପୁଆ ସଦର ମହକୁମାରେ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ସହିତ ଲାଇବ୍ରେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ ନିମନ୍ତେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ୱାର୍ଡସଭା ସଫଳତାର ସହ ଶେଷ ହୋଇଛି। ୱାର୍ଡ ନଂ ୨ର ଶିରପୁର ପରିଚୟ ଗୃହଠାରେ ଅନୁଷ୍ଠିତ ଏହି ୱାର୍ଡସଭାରେ ଏନଏସି ଉପାଧ୍ୟକ୍ଷା ସୁମିତ୍ରା ବେହେରା, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ବିଜୟ କୁମାର ମିଶ୍ର, କେଏ ସାବିର, ଜୀବନେଶ୍ୱର ବେହେରା, ସତ୍ୟବାନ ନାଏକ ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍ଥାନିୟ ୱାର୍ଡବାସୀ ଯୋଗ ଦେଇଥିଲେ। ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ କାର୍ଯ୍ୟାଳୟ ନିମନ୍ତେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ଏହାସହିତ ପୂର୍ବରୁ ଏହି ବିଭାଗ କାର୍ଯ୍ୟାଳୟ ପାଇଁ ସ୍ଥାନ ଯୋଗାଇ ଦେବାକୁ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

# କେନ୍ଦୁଝରରେ ଖୋଲିଲା 'ହିମା ଏସ୍ଥେଟିକା'




କେନ୍ଦୁଝର,୨୧।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦୁଝର ଡିଏନ୍ ହାଇସ୍କୁଲ୍ ସମ୍ମୁଖରେ ଶରୀର ସୌନ୍ଦର୍ଯ୍ୟକରଣର ପ୍ରଥମ ସୋପାନ 'ହିମା ଏସ୍ଥେଟିକା' ଉଦ୍‌ଘାଟିତ ହୋଇଯାଇଛି। ଏହି ଏସ୍ଥେଟିକାରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଅତ୍ୟାଧୁନିକ ଉନ୍ନତ ଯନ୍ତ୍ରପାତି ଓ ପ୍ରଣାଳୀ ମାଧ୍ୟମରେ ସୌନ୍ଦର୍ଯ୍ୟ ଓ ଆତ୍ମବିଶ୍ୱାସ ବିକାଶ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଅଲଟ୍ରାମଡର୍ନ ମେସିନ୍ ଓ କମ୍ପ୍ୟୁଟର ମାଧ୍ୟମରେ ସ୍କିନ୍, ହେୟାର, ଦାନ୍ତ, ପ୍ଲାଷ୍ଟିକ ସର୍ଜେରୀ, ଲେଜର, ଫିଜିଓଥେରାପି, ଗାଇନିକ୍ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବ। ଏହାସହ ବୟସ୍ ବୃଦ୍ଧିର ଚିହ୍ନକୁ ମଧ୍ୟ ରୋକିବାର ବ୍ୟବସ୍ଥା ରହିଛି। ସ୍କିନ୍ ପାଇଁ ଲେଜର ରିଜୁଭେନେସନ୍, କେମିକାଲ ପିଲ୍ସ, ବ୍ରଣ ଓ ଦାଗ ଚିକିତ୍ସା, ବଟକ୍ସ, ଫିଲର୍ସ, ଥ୍ରେଡ୍ ଇତ୍ୟାଦି ଉପଲବ୍ଧ ଅଛି। ହେୟାର ପାଇଁ ପିଆରପି, ଜିଏଫସି, ମେସୋ ଥେରାପି, ଲେଜର ହେୟାର ରିଡକ୍ସନ୍ ଯୋଗାଯାଇଛି। ଗାଇନିକ୍ ବିଭାଗରେ ପିସିଓଡି, ପ୍ରସବ ପରବର୍ତ୍ତୀ ସମସ୍ୟା ଓ ରଜୋନିବୃତ୍ତି ଜନିତ ଅସୁବିଧା ପାଇଁ ଅତ୍ୟାଧୁନିକ ଲେଜର ଚିକିତ୍ସା କରାଯିବ। ପ୍ଲାଷ୍ଟିକ ସର୍ଜେରୀ ଦ୍ୱାରା ଦାଗ ଦୂର କରିବା, ବ୍ରେଷ୍ଟ, ନାକ, ଓଠର ସୌନ୍ଦର୍ଯ୍ୟକରଣ ଓ ହେୟାର ଟ୍ରାନ୍ସପ୍ଲାଣ୍ଟେସନ୍ କରାଯିବ। ଦାନ୍ତ ଧଳା କରିବା, ସ୍ମାଇଲ୍ ଡିଜାଇନ୍, ଆଲାଇନର୍ସ, ଭିନିଅର୍ସ ଇତ୍ୟାଦି ସୁବିଧା ମଧ୍ୟ ଉପଲବ୍ଧ ଅଛି। ଫିଜିଓଥେରାପି, ଯୋଗ ଓ ଧ୍ୟାନ ମାଧ୍ୟମରେ ବିଭିନ୍ନ ପ୍ରକାରର ବେଦନା ଜନିତ ରୋଗର ଚିକିତ୍ସା ମଧ୍ୟ କରାଯିବ। କେନ୍ଦୁଝର ଜିଲ୍ଲାରେ ପ୍ରଥମଥର ପାଇଁ ସ୍ଥାପିତ ଏହି ସେବାର ସୁବିଧା ନେବାକୁ ନିର୍ଦ୍ଦେଶିକା ଡାକ୍ତର ମମତାରାଣୀ ଜେନା ଅନୁରୋଧ କରିଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସୁଶ୍ରୀ ପ୍ରତିଭା ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ରହ୍ମକୁମାରୀ ବିନ୍ଦୁ ଓ ପୂର୍ବତନ ରୋଟାରୀ କ୍ଲବ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରଶ୍ମିରଞ୍ଜନ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଜଣାଇଥିଲେ।






ଇଂ. ମାୟାଧର ସ୍ୱାଇଁ


# ଅନନ୍ୟ ପୃଥିବୀ

**ବିଶ୍ୱ ହେଉଛି ଅନନ୍ତ ଓ ଅସୀମ । କୋଟି କୋଟି ଗାଲାକ୍ସିକୁ ନେଇ ଏହା ଗଠିତ ଏବଂ ପ୍ରତ୍ୟେକ ଗାଲାକ୍ସିରେ ଅସଂଖ୍ୟ ନକ୍ଷତ୍ର ରହିଛି । ଆମ ସୂର୍ଯ୍ୟ ହେଉଛି ଗୋଟିଏ ନକ୍ଷତ୍ର ଏବଂ ଆଠଟି ଗ୍ରହ, ଅନେକ ଉପଗ୍ରହ, ଗ୍ରହାଣୁ ଆଦିକୁ ନେଇ ଏହା ଏକ ଗ୍ରାହିକ ପଦ୍ଧତି ସୃଷ୍ଟି କରିଛି । ସେହିପରି ବିଶ୍ୱର ଅନ୍ୟ ନକ୍ଷତ୍ରରେ ମଧ୍ୟ ଗ୍ରହ ଗୁଡ଼ିଏ ତାହାକୁ ପରିକ୍ରମଣ କରୁଛନ୍ତି । ଆମ ସୌରଜଗତର ଆଠଟି ଗ୍ରହ ବ୍ୟତୀତ ବୈଜ୍ଞାନିକମାନେ ଏହା ବାହାରେ ପ୍ରାୟ ୬୫୦୦ ଟି ଗ୍ରହ ଆବିଷ୍କାର କଲେଣି । ଏତେ ସବୁ ଗ୍ରହ ଭିତରେ ଆମ ପୃଥିବୀର ସ୍ଥାନ ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ । ଏହା ହେଉଛି ଏକମାତ୍ର ଗ୍ରହ ଯେଉଁଠାରେ ଜୀବଜଗତ ଗଢ଼ି ଉଠିଛି । କୌଣସି ଗ୍ରହରେ ଜୀବଜଗତ ସୃଷ୍ଟି ହେବାର ଏକ ପ୍ରମୁଖ କାରଣ ହେଉଛି ଏହାର ଅବସ୍ଥିତି । ପୃଥିବୀ ସୂର୍ଯ୍ୟଠାରୁ ଏମିତି ଦୂରତାରେ ଅଛି ଯେଉଁଠାରେ ତାପମାତ୍ରା ଅତି ଅଧିକ କିମ୍ବା ଅତି କମ୍ ନୁହେଁ । ଫଳରେ ଏଠାରେ ତରଳ ଅବସ୍ଥାରେ ଜଳ ଉପଲବ୍ଧ ହେଉଛି । ଜୀବନ ପାଇଁ ଜଳ ଅତ୍ୟାବଶ୍ୟକ ।**

ପୃଥିବୀ ଯେଉଁ ଅଞ୍ଚଳରେ ରହିଛି, ତାକୁ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ' କୁହାଯାଏ । ଏଥିପାଇଁ ପୃଥିବୀରେ ଗଛଲତା, ପ୍ରାଣୀ, ନଦୀ, ସମୁଦ୍ର ଆଦି ସୃଷ୍ଟି ହୋଇଛି ଏବଂ ଏହା ଶସ୍ୟଶ୍ୟାମଳା ହୋଇପାରିଛି ।

ପୃଥିବୀ ହେଉଛି ଆମର ମାତା । ଏହା ଆମକୁ ଯଥେଷ୍ଟ ପ୍ରାକୃତିକ ସମ୍ପଦ ଦେଇଛି । ଏହାର ସୁସ୍ଥ ପରିବେଶ ଏଠାରେ ସଭ୍ୟତାର ବିକାଶରେ ସାହାଯ୍ୟ କରିଛି । ଏହାର ପ୍ରକୃତି, ଜଙ୍ଗଲ, ନଦନଦୀ, ଜୀବନ ଓ ସର୍ବୋପରି ମନୁଷ୍ୟକୁ ନେଇ ଏକ ସୁନ୍ଦର ପରିସଂସ୍ଥା ସୃଷ୍ଟି ହୋଇଛି । କିନ୍ତୁ ସେହି ମନୁଷ୍ୟକୁ ନେଇ ଆଜି ପୃଥିବୀର ସୁନ୍ଦର ପରିବେଶ ବିଷାକ୍ତ ହେଉଛି । ବର୍ତ୍ତମାନର ଏକ ମୁଖ୍ୟ ପାରିବେଶିକ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନ ଯାହା ଯୋଗୁଁ ପୃଥିବୀରେ ବନ୍ୟା, ବାତ୍ୟା ବୃଦ୍ଧି ପାଇଛି । ସମୁଦ୍ର ପତନ ବଢୁଛି ଓ ଅନେକ କ୍ଷୁଦ୍ର ଦ୍ୱୀପ ଜଳମଗ୍ନ ହେବାର ଆଶଙ୍କା ଦେଖାଦେଇଛି । ଜଳବାୟୁ ପରିବର୍ତ୍ତନର କାରଣ ହେଉଛି ବାୟୁମଣ୍ଡଳକୁ ନିର୍ଗତ ସବୁଜ ଗୃହ ଗ୍ୟାସ୍ । ଏହା ମଧ୍ୟରେ ଅଙ୍ଗାରକାମ୍ଳ ହେଉଛି ପ୍ରମୁଖ । ଯାହା କଳକାରଖାନା, ବିଦ୍ୟୁତ କେନ୍ଦ୍ର ଓ ଯାନବାହନର ଜୀବାଶ୍ମ ଇନ୍ଧନର ଦହନ ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ।

କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଯୋଗୁଁ ବାୟୁମଣ୍ଡଳ ଏବଂ ବର୍ଜ୍ୟଜଳ ନିଷ୍କାସନ ଯୋଗୁଁ ଜଳ ପ୍ରଦୂଷିତ ହେଉଛି । ଆଜି ଅନେକ ନଦୀର ଜଳ ଏଭଳି ପ୍ରଦୂଷିତ ହୋଇଛି ଯେ, ସେଗୁଡ଼ିକର ଜଳ ପାନୀୟଯୋଗ୍ୟ ନୁହେଁ । କେତେକ ମଧ୍ୟ ସ୍ନାନଯୋଗ୍ୟ ହୋଇନାହିଁ । ବାୟୁ ପ୍ରଦୂଷଣ ଯୋଗୁଁ ୨୦୨୩ ମସିହାରେ କେବଳ ଭାରତରେ କୋଡ଼ିଏ ଲକ୍ଷ ଲୋକ ପ୍ରାଣ ହରାଇଥିବାର ଏକ ଅଧ୍ୟୟନରୁ ଜଣାପଡ଼ିଛି । ପୃଥିବୀରୁ କ୍ରମଶଃ ଜଙ୍ଗଲ ପରିମାଣ ହ୍ରାସ ପାଇବାରେ ଲାଗିଛି, ଯାହା ବୃଷ୍ଟିପାତକୁ ପ୍ରଭାବିତ କରୁଛି । ଜଙ୍ଗଲ କ୍ଷୟ ଯୋଗୁଁ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଆସୁଛନ୍ତି । ଫଳରେ ମନୁଷ୍ୟ-ବନ୍ୟଜୀବ ସଂଘର୍ଷରେ ଅନେକ ଜନ୍ତୁ ସହିତ ଅନେକ ଲୋକ ମଧ୍ୟ ପ୍ରାଣ ହରାଉଛନ୍ତି । ପୃଥିବୀର ଅନ୍ୟ ଏକ ପରିବେଶଗତ ସମସ୍ୟା ହେଉଛି ପ୍ଲାଷ୍ଟିକ୍ । ପ୍ଲାଷ୍ଟିକ୍ ହେଉଛି ଗୋଟିଏ ଦରକାରୀ ପଦାର୍ଥ । ଅନେକ ବସ୍ତୁ ନିର୍ମାଣରେ ଏହା ବ୍ୟବହୃତ ହେଉଛି । ଶସ୍ତା ଓ ହାଲୁକା ହୋଇଥିବାରୁ ଏହା ଲୋକପ୍ରିୟ ହୋଇପାରିଛି । କିନ୍ତୁ ଏହା ଜୈବବିଘଟନକାରୀ ପଦାର୍ଥ ନୁହେଁ । ଏଣୁ ବର୍ଜ୍ୟ ପ୍ଲାଷ୍ଟିକ୍ ପରିବେଶରେ ଅନେକ ବର୍ଷ ପଡ଼ି ରହି ଏହାକୁ ପ୍ରଦୂଷିତ କରୁଛି । ଏପରିକି ମହାସାଗରରେ ଏହା ଜଳଚର ପ୍ରାଣୀଙ୍କ ପାଇଁ ବିପଦ ହୋଇଛି ।

ଏହିପରି ଅନେକ ପାରିବେଶିକ ସମସ୍ୟା ଦେଇ ପୃଥିବୀ ବର୍ତ୍ତମାନ ଗତି କରୁଛି । ଯଦି ଏହାକୁ ନିୟନ୍ତ୍ରଣ କରା ନ ଯାଏ, ତାହାହେଲେ ପୃଥିବୀରୁ ଜୀବଜଗତ ଲୋପ ପାଇଯିବାର ଆଶଙ୍କା ରହିଛି । ଅବଶ୍ୟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ଦେଶର କେତେକ ମିଳିତ କାର୍ଯ୍ୟକ୍ରମ ମଧ୍ୟ ଚାଲିଛି ।

ପରିବେଶ ସୁରକ୍ଷାର ସଚେତନତା ପାଇଁ ପ୍ରତିବର୍ଷ ଅପ୍ରେଲ ୨୨ ତାରିଖକୁ 'ବିଶ୍ୱ ପୃଥିବୀ ଦିବସ' ଭାବେ ସମଗ୍ର ପୃଥିବୀରେ ପାଳନ କରାଯାଉଛି । ଉଦ୍ଦେଶ୍ୟ ହେଉଛି, ପୃଥିବୀ ପ୍ରତି ପରିବେଶ ପ୍ରଦୂଷଣର କୁପ୍ରଭାବକୁ ଜନସାଧାରଣଙ୍କୁ ଜଣାଇବା ଏବଂ ଏହାର ବିହିତ ପ୍ରତିକାର କରିବାର ଉପାୟ ବାହାର କରିବା । ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ୍ ସଭ୍ୟ ଗେଲର୍ଡ ନେଲସନ୍ ଏବଂ ହାର୍ଭାଡ ବିଶ୍ୱବିଦ୍ୟାଳୟର ଛାତ୍ର ଡେନିସ୍ ହେୟସ୍ ପ୍ରଥମେ ୧୯୭୦ ମସିହା ଅପ୍ରେଲ ୨୨ ତାରିଖରେ 'ପୃଥିବୀ ଦିବସ' ପାଳନ କରିଥିଲେ । ଏଥିରେ ଆମେରିକାର ପ୍ରାୟ ଦୁଇ କୋଟି ଲୋକ ଭାଗ ନେଇଥିଲେ । ୧୯୯୦ ମସିହାରେ ସେମାନେ ଏହାକୁ ଜାଗତିକସ୍ତରରେ ପାଳନ କଲେ । ଏବେ ଏହା ସମସ୍ତ ଦେଶରେ ପାଳିତ ହେଉଛି ।

ଚଳିତ ବର୍ଷ 'ବିଶ୍ୱ ପୃଥିବୀ ଦିବସ' ପାଳନର ଚର୍ଚ୍ଚାର ବିଷୟ ହେଉଛି "ଆମ କ୍ଷମତା, ଆମ ଗ୍ରହ" । ଏଠାରେ 'କ୍ଷମତା' ଦୁଇଟି ଅର୍ଥକୁ ବୁଝାଉଛି । ପ୍ରଥମତଃ ଏହା ହେଉଛି ବିଦ୍ୟୁତ୍ ଶକ୍ତି ଯାହା ଆମକୁ ଆଲୋକ ପ୍ରଦାନ କରୁଛି, ଆମ କଳକାରଖାନାକୁ ଚଳାଉଛି ଏବଂ ଆମ ଜୀବନର ଏକ ଅପରିହାର୍ଯ୍ୟ ବସ୍ତୁରେ ପରିଣତ ହୋଇଛି । ବର୍ତ୍ତମାନ ପୃଥିବୀର ପ୍ରାୟ ଅଧା ବିଦ୍ୟୁତ୍ ତାପଜ କେନ୍ଦ୍ରରୁ ଉତ୍ପାଦିତ ହେଉଛି, ଯାହା ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ଏଣୁ ସମୟ ଆସିଛି ଆମକୁ ବିକଳ୍ପ ପରିଷ୍କାର ଶକ୍ତି ଉତ୍ସ ଉପରେ ନିର୍ଭର କରିବାକୁ ପଡ଼ିବ । ଜଳବିଦ୍ୟୁତ୍, ସୌର ବିଦ୍ୟୁତ୍ ଓ ପବନ ବିଦ୍ୟୁତ୍ ହେଉଛି ଏହାର ଉଦାହରଣ । ଆମକୁ ଏହାକୁ ଅଧିକ ବିକଶିତ କରିବାକୁ ପଡ଼ିବ ।

'କ୍ଷମତା'ର ଦ୍ୱିତୀୟ ଅର୍ଥ ହେଉଛି ବ୍ୟକ୍ତିଗତ କାର୍ଯ୍ୟ ଓ ପ୍ରଭାବ । ପ୍ରତ୍ୟେକ ଗୃହରେ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜ ଉଦ୍ୟମରେ ବୃକ୍ଷରୋପଣ କରେ, ନିଜ ଘରେ ସୌରଫଳକ ସ୍ଥାପନ କରି ବିଦ୍ୟୁତ୍ ବ୍ୟବହାର କରେ, ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନକରେ ଏବଂ ନିଜ ଘର ଚାରିପଟ ପରିଷ୍କାର ରଖେ, ତାହାହେଲେ ପରିବେଶ ସୁସ୍ଥ ରହିବ । ପୃଥିବୀ ମାତାର ଆଶୀର୍ବାଦ ଆମ ଉପରେ ରହିବ । ଏହା ନିଶ୍ଚିତ ଭାବରେ ଜଣେ ବ୍ୟକ୍ତିର କ୍ଷମତା ପରିସରରେ ଅଛି, ଖାଲି ତାକୁ ଚେଷ୍ଟା କରି ଏହି ସବୁ କାର୍ଯ୍ୟ କରିବାକୁ ପଡ଼ିବ । ଆମ ଗ୍ରହକୁ ରକ୍ଷା କରିବାକୁ ହେବ ।

ଯଥାର୍ଥରେ ବିଶ୍ୱରେ ପୃଥିବୀର ଅନନ୍ୟତାକୁ ରକ୍ଷା କରିବା ପାଇଁ 'ପୃଥିବୀ ଦିବସ' ହେଉଛି ଆମ ପାଇଁ ଏକ ଆହ୍ୱାନ ଏବଂ 'ଆମ କ୍ଷମତା, ଆମ ଗ୍ରହ' ସ୍ଲୋଗାନ ହେଉଛି ଏକ ଯଥୋଚିତ ପଦ । ■


ସମ୍ପାଦକ, ସାଇନ୍ସ ହୋରିଜନ,
୭୦, ଲକ୍ଷ୍ମୀବିହାର ଫେଜ୍-୧
ଭୁବନେଶ୍ୱର-୭୫୧୦୧୮
ମୋ: ୯୪୩୮ ୬୯୩୭୨୪


# ଉତ୍ତପ୍ତ ପରିବେଶ, ଉଦାସ ପୃଥିବୀ

**ଅନନ୍ତ ଅନ୍ତରୀକ୍ଷରେ ଆମର ପୃଥିବୀ ଏକମାତ୍ର ଗ୍ରହ ଯେଉଁଠି ଜୀବନ ସମ୍ଭବ ହୋଇଛି । ପୃଥିବୀରେ ଜୀବନ ବଞ୍ଚିବା ପାଇଁ କିଛି ଅନୁକୂଳ ପରିବେଶ ରହିଛି, ଯାହା ଅନ୍ୟ କୌଣସି ଗ୍ରହରେ ନାହିଁ । ପ୍ରଥମତଃ, ପୃଥିବୀର ତାପମାତ୍ରା ପରିସରରେ ଜୀବନ ନିମନ୍ତେ ମୁଖ୍ୟ ଆବଶ୍ୟକତା ଜଳ ନିଜର ସମସ୍ତ ତିନୋଟି ରୂପ ଯଥା କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ରହିପାରେ । ଦ୍ୱିତୀୟତଃ, ପୃଥିବୀର ଏକ ବାୟୁମଣ୍ଡଳ ଅଛି, ଯେଉଁଥିରେ ବିଭିନ୍ନ ଜୀବନ ରକ୍ଷାକାରୀ ଗ୍ୟାସ୍ ଉପଯୁକ୍ତ ଅନୁପାତରେ ଉପଲବ୍ଧ ଅଛନ୍ତି । ଆମ ବାୟୁମଣ୍ଡଳରେ ଥିବା ବିଭିନ୍ନ ସବୁଜଘର ବାଷ୍ପ ସୂର୍ଯ୍ୟର ତାପରଶ୍ମିକୁ ଶୋଷଣ କରିବା ଦ୍ୱାରା ପୃଥିବୀରେ ଜୀବନରକ୍ଷା ପାଇଁ ଆବଶ୍ୟକୀୟ ତାପମାତ୍ରା ସୃଷ୍ଟି ହୋଇଥାଏ । ଆମ ବାୟୁମଣ୍ଡଳର ଏହି ସବୁଜଘର ବାଷ୍ପଙ୍କ ବିନା ପୃଥିବୀର ହାରାହାରି ତାପମାତ୍ରା ଏବେକାର ୧୪ ଡିଗ୍ରୀ ସେଲସିୟସ୍ ପରିବର୍ତ୍ତେ –୧୮ ଡିଗ୍ରୀ ସେଲସିୟସ୍ ମୂଲ୍ୟରେ ପହଞ୍ଚି ଥାଆନ୍ତା, ଯେଉଁଥିରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ । ତୃତୀୟତଃ, ଆମ ପୃଥିବୀର ଊର୍ଦ୍ଧ୍ୱ ବାୟୁମଣ୍ଡଳରେ ଏକ ଓଜୋନସ୍ତର ରହିଛି, ଯାହା ଏକ କବଚ ଭଳି ସୂର୍ଯ୍ୟରୁ ଆସୁଥିବା ମାରାତ୍ମକ ଅତି ବାଇଗଣି ରଶ୍ମିକୁ ଶୋଷି ନେଇ ପୃଥିବୀପୃଷ୍ଠରେ ଜୀବଜଗତକୁ ରକ୍ଷା କରେ । ପ୍ରକୃତିରେ ଉପଲବ୍ଧ ଏହିସବୁ କାରଣରୁ ପୃଥିବୀର ଜଳ, ସ୍ଥଳ ଓ ବାୟୁରେ ଏକ ବିଶାଳ ବିବିଧତା ବିଶିଷ୍ଟ ଜୀବଜଗତର ଅଭ୍ୟୁଦୟ ଘଟିଛି ।**




ନିକୁଞ୍ଜ ବିହାରୀ ସାହୁ


ଘୋର ପରିତାପର ବିଷୟ ଯେ, ଆମ ପୃଥିବୀର ପୂର୍ବର ସେ ମାଧୁର୍ଯ୍ୟ ଓ ମାଦକତା ଏବେ ଆଉ ନାହିଁ । ପ୍ରକୃତି ସହିତ ମନୁଷ୍ୟର ହସ୍ତକ୍ଷେପ କାରଣରୁ ବିଶ୍ୱତାପନ ପ୍ରକ୍ରିୟା ଫଳରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି । ବିଶେଷକରି, କୋଇଲା, ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନ ଦହନରୁ ଉତ୍ପନ୍ନ କିଛି ସବୁଜଘର ବାଷ୍ପ ସୂର୍ଯ୍ୟର ବିକିରିତ ତାପରଶ୍ମିକୁ ଅତ୍ୟଧିକ ଶୋଷଣ ଦ୍ୱାରା ପୃଥିବୀର ତାପମାତ୍ରା କ୍ରମେ ବଢ଼ିବାରେ ଲାଗିଛି । ଏହା କୌଣସି ଅଞ୍ଚଳର ଏକ ସ୍ଥାନୀୟ ସମସ୍ୟା ନୁହେଁ, ବରଂ ଏକ ବୈଶ୍ୱିକ ସମସ୍ୟା । ଏହା ସାରା ବିଶ୍ୱର ବୃଷ୍ଟିପାତ, କୃଷି ଉତ୍ପାଦନ, କ୍ରାନ୍ତିମଣ୍ଡଳୀୟ ଝଡ଼ ତଥା ବନ୍ୟା ମରୁଡ଼ି ଭଳି ଚରମ ପାଣିପାଗ ଜନିତ ପରିଣାମର ସଂଖ୍ୟା ବୃଦ୍ଧି ଏବଂ ସାରା ବିଶ୍ୱର ପାଣିପାଗ ଜଳବାୟୁକୁ ପ୍ରଭାବିତ କରୁଥିବା ଏଲ୍-ନିନୋ ଶୃଙ୍ଖଳାକୁ ବିଶେଷ ପ୍ରଭାବିତ କରିଛି । ଆହୁରି ମଧ୍ୟ, ସମୁଦ୍ରର ଜଳରାଶି ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା ହେତୁ ଅମ୍ଳୀୟ ପାଲଟି ଯାଉଛି । ଏହାଦ୍ୱାରା ମାଛମାନଙ୍କ ଜନ୍ମସ୍ଥଳୀ ସମୁଦ୍ରର ପ୍ରବାଳ ପ୍ରାଚୀର ବିଶେଷ କ୍ଷତିଗ୍ରସ୍ତ ହେବା ଦ୍ୱାରା ବିଶ୍ୱସାରା ମତ୍ସ୍ୟ ଉତ୍ପାଦନ ଘୋର ବାଧାପ୍ରାପ୍ତ ହୋଇଛି ।



ଖରାଦିନର ତାପମାତ୍ରା ଏବେ ୪୫ ଡିଗ୍ରୀ ତାପମାତ୍ରା ଛୁଇଁବାକୁ ବସିଲାଣି । ମୌସୁମୀ ଆଜି ଅନିୟମିତ ଓ ଛନ୍ଦହରା। ବିଶ୍ୱତାପନର ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ତାପମାତ୍ରା ପ୍ରାକ-ଶିଳ୍ପ ବିପ୍ଳବ ସ୍ଥିତି ତୁଳନାରେ ୨.୭ ଡିଗ୍ରୀ ତାପମାତ୍ରା ଅଙ୍କ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଏ ଯାହା ନିରାପଦ ମୂଲ୍ୟଠାରୁ ଯଥେଷ୍ଟ ଅଧିକ । ଏହା ପ୍ରକୃତିର ମନୁଷ୍ୟର ମନମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ କ୍ରୁର ପ୍ରତିକ୍ରିୟା ନୁହେଁ ତ ଆଉ କ'ଣ !

ଜଳବାୟୁ ପରିବର୍ତ୍ତନ ବିଶ୍ୱସାରା ଲୋକମାନଙ୍କର ଜୀବନ ଜୀବିକାକୁ ବହୁଳ ଭାବେ ପ୍ରଭାବିତ କରିଛି । ଏହାଦ୍ୱାରା ବିଶ୍ୱର ବିକାଶଶୀଳ ଓ ଦ୍ୱୀପ ଦେଶସବୁରେ ବାସ କରୁଥିବା ମୂଳ ଅଧିବାସୀ ଓ ସମୁଦାୟମାନେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା ପ୍ରକାଶ କରାଯାଏ ଯେହେତୁ ସେମାନେ ଏକ ଚିରାଚରିତ ଜୀବନଶୈଳୀ ସହିତ କେଉଁ ଆବାହମାନ କାଳରୁ ଅଭ୍ୟସ୍ତ ଏବଂ ପ୍ରକୃତିର ଏହି ଆହ୍ୱାନର ମୁକାବିଲା କରିବା ନିମନ୍ତେ ସେମାନଙ୍କ ନିକଟରେ ଯଥେଷ୍ଟ ସମ୍ବଳ କିମ୍ବା ପ୍ରଯୁକ୍ତିଗତ ଜ୍ଞାନକୌଶଳ ଉପଲବ୍ଧ ନାହିଁ ।

ବିଶ୍ୱ ତାପନର ପ୍ରଭାବ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି । ଲଘୁଚାପ, ଘୂର୍ଣ୍ଣିଝଡ଼ ଏବଂ ଅବପାତ ଜନିତ ବୃଷ୍ଟିପାତ ଏବେ ଆମ ରାଜ୍ୟବାସୀଙ୍କ ପାଇଁ ଏକ ସାଧାରଣ ଘଟଣା ପାଲଟି ଗଲାଣି । ଅଦିନିଆ ଓ ଅନିୟମିତ ବୃଷ୍ଟିପାତ ଫଳରେ ଚାଷୀମାନେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି । ଲଗାଣ ବନ୍ୟା ଏବଂ ମରୁଡ଼ି ରାଜ୍ୟ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଥିଲାବେଳେ ଅଦିନିଆ ବର୍ଷା ଓ ଫସଲହାନି ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ପ୍ରକୃତି ଚିରଦିନ ମଧୁର ଓ ଉଦାର । ମାତ୍ର ପ୍ରକୃତି ସହିତ ହସ୍ତକ୍ଷେପ କଲେ ଏହା ପାଲଟି ଯାଏ ଉତ୍ତପ୍ତ ଓ ଉଦାସ । ତେବେ ଆଜିର ଏହି ବିପର୍ଯ୍ୟୟ ଓ ଅବକ୍ଷୟ ପ୍ରକୃତିର ମନୁଷ୍ୟ ପ୍ରତି ବିଦ୍ରୂପ ନୁହେଁ କି?

ଆମକୁ ମନେ ରଖିବାକୁ ହେବ ଯେ, ପୃଥିବୀର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ହେଲେ ଆମକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ଏଥିପାଇଁ କୌଣସି ରାଜନୈତିକ କିମ୍ବା ଭୌଗୋଳିକ ସୀମାବଦ୍ଧ ଭିତ୍ତିରେ କାର୍ଯ୍ୟ କଲେ ଚଳିବନି (ଯେହେତୁ ଆମ ପୃଥିବୀ ମଣିଷର ବାସସ୍ଥଳୀ ସମେତ ଏକ ଅବିଭକ୍ତ ଜୀବମଣ୍ଡଳ), ବରଂ ସାମଗ୍ରିକ ଭାବେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ବିଶ୍ୱ ପାଇଁ ଚିନ୍ତନ, ସ୍ଥାନୀୟ ଭାବେ ଉଦ୍ୟମ - ଏହା ଆମର ମନ୍ତ୍ର ହେବା ଉଚିତ । ସୁତରାଂ ଆମେ ଆମ ପୃଥିବୀର ସୁରକ୍ଷା ପାଇଁ ଏବେ ଯାହା କାର୍ଯ୍ୟ କରିବା, ତାହା ଆଗାମୀ ପିଢ଼ି ପାଇଁ ଆମ ଗ୍ରହରେ ଜୀବନର ମୂଳଦୁଆକୁ ଯେ ସୁଦୃଢ଼ କରିବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ । ■


ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର, ମୋ: ୮୯୧୭୬୩୭୯୭୪





ସକାଳ
THE SAKALA

# ଦକ୍ଷିଣ ଓଡ଼ିଶାକୁ ଉପେକ୍ଷା!

ଦକ୍ଷିଣ ଓଡ଼ିଶାର ଗଜପତି ଓ ମାଲକାନଗିରି ଜିଲ୍ଲାରେ ରାଜ୍ୟ ସରକାର ଦୁଇଟି ଆୟୁର୍ବେଦ ଭେଷଜ ମହାବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ଆର୍ଥିକ ବର୍ଷର ବଜେଟ୍ ଅଭିଭାଷଣରେ ସ୍ଥାନିତ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମେଡିକାଲ୍ କଲେଜ୍ ପାଇଁ ଜମି ଚିହ୍ନଟ କରିବାକୁ ସରକାର ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଇତିମଧ୍ୟରେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସରକାରଙ୍କ ତତ୍ପରତା ସ୍ୱାଗତଯୋଗ୍ୟ; କିନ୍ତୁ ଦୃଷ୍ଟିକୋଣ ସମ୍ପ୍ରସାରଣରେ ବାଧକଟିଏ ଦେଖାଯାଉଛି।

ଗଜପତି ଓ ମାଲକାନଗିରି କେବଳ ଆଦିବାସୀ ଅଧ୍ୟୁଷିତ ଓ ଗରିବ ଜିଲ୍ଲା ଭାବେ ପରିଗଣିତ ହେଉନାହିଁ; ଉପାନ୍ତ ଓ ଦୁର୍ଗମ ଅଞ୍ଚଳ ଭାବେ ଏହି ଦୁଇଟି ଜିଲ୍ଲାର ଭୌଗୋଳିକ ସ୍ଥିତି ଅତି ସମ୍ବେଦନଶୀଳ। ତେଣୁ ଏହି ଦୁଇଟି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପରି ମୌଳିକ ସୁବିଧାସୁଯୋଗର ସର୍ବାଧିକ ଆବଶ୍ୟକତା ରହିଛି। ଅଥଚ ଭେଷଜ ମହାବିଦ୍ୟାଳୟ ବା ଉଚ୍ଚ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଭଳି ଅନୁଷ୍ଠାନଠାରୁ ଏହି ଦୁଇ ଜିଲ୍ଲାବାସୀ ବହୁଦୂରରେ। କୌଣସି ଦୁରାରୋଗ୍ୟ କିମ୍ବା ଆପତ୍କାଳୀନ ଚିକିତ୍ସା ପାଇଁ ଗଜପତି ଓ ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ନିକଟତମ ଉନ୍ନତ ଚିକିତ୍ସା କେନ୍ଦ୍ରର ଏକମାତ୍ର ସାଧନ ହେଉଛି ବ୍ରହ୍ମପୁର ମେଡିକାଲ କଲେଜ୍। ତା' ନ ହେଲେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ହିଁ ବିକଳ୍ପ ଭରସା। ଏହାର ଫାଇଦା ନେଇ ଆନ୍ଧ୍ରପ୍ରଦେଶର ନର୍ସିଂହୋମ୍, ଘରୋଇ ଡାକ୍ତରଖାନାଗୁଡ଼ିକ ଓଡ଼ିଶାବାସୀଙ୍କଠାରୁ ମାତ୍ରାଧିକ ଶୋଷଣ କରୁଛନ୍ତି। ତେଣୁ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ଏହି ଦୁଇ ଜିଲ୍ଲାବାସୀଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଏକପ୍ରକାର ଦୁର୍ଲଭ ହୋଇପଡ଼ିଛି।

ଏହି ପୃଷ୍ଠଭୂମିରେ ସରକାର ଏହି ଦୁଇ ଜିଲ୍ଲାରେ ଆୟୁର୍ବେଦିକ ମହାବିଦ୍ୟାଳୟ ବଦଳରେ ଏଲୋପାଥିକ ମେଡିକାଲ୍ କଲେଜ୍ ଖୋଲିବା ଦିଗରେ ଦୃଷ୍ଟି ଦେଇଥିଲେ ଅନେକ ଦୃଷ୍ଟିରୁ ଉତ୍ତମ ହୋଇଥା'ନ୍ତା। ଆୟୁର୍ବେଦ ଆମ ଭାରତୀୟ ପ୍ରାଚୀନ ଚିକିତ୍ସା ଶାସ୍ତ୍ରର ଆଦି ଭିତ୍ତି ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ଅତ୍ୟାଧୁନିକ ରୋଗ ଚିକିତ୍ସାରେ ଏହା ତତ୍କାଳ ଫଳପ୍ରଦ ହୋଇପାରୁ ନ ଥିବାରୁ ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ତେଣୁ ଏଠାରେ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଖୋଲିଲେ ଯେ ଏହି ଦୁଇ ଜିଲ୍ଲାବାସୀ ଏହାର କୌଣସି ସୁଫଳ ପାଇପାରିବେ ସେ ଆଶା ଦେଖାଯାଉନାହିଁ। ଏହାଛଡ଼ା ଏହି ଦୁଇ ଜିଲ୍ଲାରେ ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ରୋଗ ମୃତ୍ୟୁ ହାର ତୁଳନାତ୍ମକ ଭାବେ ଅଧିକ ହୋଇଥିବାରୁ ଉନ୍ନତ ମାନର ଚିକିତ୍ସାଳୟର ଆବଶ୍ୟକତା ଉପକୂଳ ଓଡ଼ିଶା ତୁଳନାରେ ବହୁ ଅଧିକ। ଅଥଚ ମେଡିକାଲ୍ କଲେଜ୍ ପ୍ରତିଷ୍ଠାରେ ଏହି ଦୁଇ ଉପାନ୍ତ ଜିଲ୍ଲାକୁ ଉପେକ୍ଷା କରିବା ପଛରେ ସରକାରଙ୍କ ଉଦ୍ଦେଶ୍ୟ ଅବୁଝା ରହୁଛି।

ଜଙ୍ଗଲବହୁଳ ଏହି ଦୁଇ ଜିଲ୍ଲାରେ ଚେରମୂଳିର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ଯଦି ସେଠାରେ ସରକାର ଆୟୁର୍ବେଦିକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରିବାକୁ ଚାହୁଁଥିବେ ତେବେ ଭିନ୍ନ କଥା। ଉକ୍ତ ଦୁଇ ଜିଲ୍ଲାର ପ୍ରଚୁର ବିଶୁଦ୍ଧ କଞ୍ଚାମାଲ୍ ଉପଯୋଗରେ ଉନ୍ନତମାନର ଆୟୁର୍ବେଦ ଔଷଧ ଉତ୍ପାଦନର ସମ୍ଭାବନା ବହୁଳ। ତେଣୁ ସରକାର ସେଠାରେ ବରଂ ଆୟୁର୍ବେଦ ଔଷଧ ଶିଳ୍ପ ପ୍ରତିଷ୍ଠା ଦିଗରେ ଦୃଷ୍ଟି ଦିଅନ୍ତୁ। ଏହାଦ୍ୱାରା ସୁଲଭ ମୂଲ୍ୟରେ କଞ୍ଚାମାଲ୍ ସହିତ ଉନ୍ନତ ମାନର ଔଷଧ ଉତ୍ପାଦନ ଓ ରପ୍ତାନି ଜରିଆରେ ରାଜ୍ୟ ସରକାରଙ୍କ ରାଜକୋଷ ପୁଷ୍କଳ ହେବ। ସ୍ଥାନୀୟ ଲୋକଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ମିଳିବ ଏବଂ ସେମାନଙ୍କର ସାମାଜିକ-ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ ହେବ। ଏଥିରେ ସ୍ଥାନୀୟ ଜନସାଧାରଣଙ୍କୁ ଯେଭଳି ତତ୍କାଳ ଫାଇଦା ମିଳିବ ତାହା ଆୟୁର୍ବେଦିକ ମେଡିକାଲ୍ କଲେଜ୍ ସ୍ଥାପନାରେ ମିଳିପାରିବ ନାହିଁ।

ଗଜପତି ଓ ମାଲକାନଗିରି ଜିଲ୍ଲାରେ ନକ୍ସଲ୍ ଉପଦ୍ରବ ହ୍ରାସ ପାଇଥିଲେ ହେଁ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ଅପରପକ୍ଷରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଲୋଲୁପ ଦୃଷ୍ଟି ସବୁବେଳେ ଏହି ଦୁଇ ଜିଲ୍ଲାର ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧା ସୁଯୋଗର ଅଭାବ ଦର୍ଶାଇ ଆନ୍ଧ୍ରପ୍ରଦେଶ ଉପାନ୍ତ ଓଡ଼ିଶାବାସୀଙ୍କୁ ପ୍ରଲୋଭିତ କରିଚାଲିଛି। ତେଣୁ ସେଠାରେ ଦୁଇଦୁଇଟି ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେଲେ ସ୍ୱାସ୍ଥ୍ୟ ସେବା ପରି ମୌଳିକ ସୁବିଧା ସୁଯୋଗର ଉପଲବ୍ଧି ହାର ବଢ଼ିବ। ଆନ୍ଧ୍ରର ପ୍ରଭାବ ମଧ୍ୟ ହ୍ରାସ ପାଇବ। ଏହାଛଡ଼ା ଆଖପାଖ ଜିଲ୍ଲାର ଗରିବ ଅଧିବାସୀମାନେ ଉପକୃତ ହେବେ। ତେଣୁ ଆମର ଅନୁରୋଧ ସରକାର ବରଂ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ନିଷ୍ପତ୍ତି ଉପକୂଳ ଓଡ଼ିଶାକୁ ସ୍ଥାନାନ୍ତର କରନ୍ତୁ ଏବଂ ଉପାନ୍ତ ଜିଲ୍ଲାରେ ଏଲୋପାଥିକ ମେଡିକାଲ୍ କଲେଜ୍ ସ୍ଥାପନା ପାଇଁ ପୁନଃବିଚାର କରନ୍ତୁ। ଯଦି ସରକାରୀ ସ୍ତରରେ ଏହା ସମ୍ଭବ ନୁହେଁ ବୋଲି ସରକାର ଚିନ୍ତା କରୁଛନ୍ତି ତେବେ ପିପିପି(ସରକାରୀ-ଘରୋଇ ସହଭାଗିତା)ରେ ପ୍ରତିଷ୍ଠା ପାଇଁ ଉଦ୍ୟମ କରନ୍ତୁ। ରାଜଧାନୀ ଶୈଳୀରେ ସେହି ଦୁଇ ଜିଲ୍ଲାରେ ଘରୋଇ ମେଡିକାଲ୍ କଲେଜ୍ ସ୍ଥାପନା ପାଇଁ ସରକାରୀ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦେଲେ ଘରୋଇ ସଂସ୍ଥାମାନେ ଆଗ୍ରହ ପ୍ରକାଶ କରିବେ। ଉପାନ୍ତ ଅଞ୍ଚଳବାସୀଙ୍କ ଓଡ଼ିଶା ଶାସନ-ପ୍ରଶାସନ ପ୍ରତି ଭରସା ପୁନଃପ୍ରତିଷ୍ଠା ପାଇଁ ଏହା ଏକ ପ୍ରଭାବଶାଳୀ ସୁବର୍ଣ୍ଣ ସୁଯୋଗ।

ଆଞ୍ଚଳିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସବୁଠାରୁ ବଡ଼ ଯୋଗଦାନ ଓ ନିର୍ଣ୍ଣାୟକ ଭୂମିକା ରହିଛି ଅଞ୍ଚଳବାସୀଙ୍କର। ତେଣୁ ଗଜପତି ଓ ମାଲକାନଗିରି ଭଳି ଦୁର୍ଗମ ଓ ଉପାନ୍ତ ଜିଲ୍ଲାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ନିରନ୍ତର ଦୃଷ୍ଟି ଆକର୍ଷଣ ପାଇଁ ସମ୍ପୃକ୍ତ ଦୁଇ ଜିଲ୍ଲାବାସୀ ଉଦ୍ୟମ ଆରମ୍ଭ କରିବାର ଆବଶ୍ୟକ। କଥାରେ ଅଛି ଉଦ୍‌ଯୋଗ ବଳେ କାର୍ଯ୍ୟ ସିଦ୍ଧି। ତେଣୁ ଏବେଠାରୁ ସାମୂହିକ ଉଦ୍ୟମ ଜାରି ରହିଲେ ଈପ୍‌ସିତ ଲକ୍ଷ୍ୟ ହାସଲ ହୋଇପାରିବ, ଯେଉଁଥିରେ ସାମଗ୍ରିକ ଭାବେ ଦୁଇ ଉପାନ୍ତ ଜିଲ୍ଲାବାସୀଙ୍କ ସମେତ ଓଡ଼ିଶାବାସୀ ଉପକୃତ ହେବେ। ସରକାର ଏହି ପ୍ରସ୍ତାବକୁ ସମ୍ବେଦନଶୀଳତାର ସହ ଗ୍ରହଣ କରିବେ ବୋଲି ଆଶା।



## ସମ୍ପାଦକୀୟ



ନୂଆ ପ୍ରଶ୍ନ ଓ ନୂଆ ସମ୍ଭାବନାର ସନ୍ଧାନ ସବୁବେଳେ ସୃଜନାତ୍ମକ ଚିନ୍ତାଧାରାକୁ ଇଙ୍ଗିତ କରେ।
-ଆଲବର୍ଟ ଆଇନଷ୍ଟାଇନ୍

# ଶକ୍ତିସଙ୍କଟରେ ଭାରତର ଅସ୍ଥିର ଭବିଷ୍ୟତ

ଡ. ବିମଳ ଷଡ଼ଙ୍ଗୀ

୧୯୪୪ ମସିହାରେ ଜନ୍ମଗ୍ରହଣ କରିଥିବା ଚେକ୍ ରିପବ୍ଲିକ୍‌ର ପ୍ରସିଦ୍ଧ ଚିନ୍ତାନାୟକ ଭାକଲାଭ ସ୍ମାଇଲଙ୍କ ମତରେ, 'ଶକ୍ତି ହେଉଛି ସଭ୍ୟତାର ସାର୍ବଭୌମ ମୁଦ୍ରା'। ଏହି ଉକ୍ତିଟି କେବଳ ଗୋଟିଏ ଦାର୍ଶନିକ ସଂଜ୍ଞା ନୁହେଁ, ବରଂ ମାନବ ସଭ୍ୟତା ଇତିହାସ ଓ ଭବିଷ୍ୟତର ମୂଳ ଦର୍ଶନ। ଶକ୍ତି ବିନା ବିକାଶର କଳ୍ପନା ଅସମ୍ଭବ। ଶିଳ୍ପ, ବିଜ୍ଞାନ, ଅର୍ଥନୀତି ଓ ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହାର ଅଭିନ୍ନ ଭୂମିକା ରହିଛି।

ପ୍ରାଚୀନ କାଳରେ ଅଗ୍ନିର ଆବିଷ୍କାର ମାନବସଭ୍ୟତାର ପ୍ରଥମ ବିପ୍ଳବ ଥିଲା, ଯାହା ଖାଦ୍ୟ ପ୍ରକ୍ରିୟାକରଣ, ସୁରକ୍ଷା ଓ ଜୀବନ ରକ୍ଷାରେ ମୂଳ ଭୂମିକା ତୁଲାଇଥିଲା। ପରେ କୃଷି ଯୁଗରେ ପଶୁଶକ୍ତି ଓ ଜଳଶକ୍ତିର ବ୍ୟବହାର ମାନବ ଶ୍ରମକୁ ହ୍ରାସ କରି ଗ୍ରାମୀଣ ସଭ୍ୟତା ବିକାଶର ଆଧାର ଭାବେ ସ୍ଥାନିତ ହୋଇଥିଲା। ଶିଳ୍ପ ବିପ୍ଳବ ସମୟରେ କୋଇଲା ଓ ବାଷ୍ପ ଶକ୍ତି ଯାନ୍ତ୍ରିକ ଉତ୍ପାଦନର ଦ୍ରୁତବିକାଶ ସହିତ ରେଳପଥ, କାରଖାନା ଓ ଯାନବାହନର ବିକାଶ ମାନବ ସମାଜକୁ ନୂତନ ଦିଗଦର୍ଶନ ଦେଇଥିଲା। ପରେ ପେଟ୍ରୋଲିୟମ ଓ ବିଦ୍ୟୁତ ଶକ୍ତି ଆଧୁନିକ ଯୁଗର ଭିତ୍ତିଭୂମି ଦ୍ୱାରା ଇଣ୍ଟରନେଟ୍, କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା ସେଣ୍ଟର ଭଳି ସମସ୍ତ ବ୍ୟବସ୍ଥା କେବଳ ଶକ୍ତି ନିର୍ଭରଶୀଳ। ମୋଟାମୋଟି ଭାବରେ କହିବାକୁ ଗଲେ ଶକ୍ତି ହେଉଛି ମାନବ ସଭ୍ୟତା ବିକାଶର ମୂଳପିଣ୍ଡ।

ଭାରତ ବିଶ୍ୱର ଗୋଟିଏ ବୃହତ ମାନବ ସମ୍ବଳ ଅଧିକାରୀ ଏବଂ ତୃତୀୟ ସର୍ବାଧିକ ଶକ୍ତି ଉପଭୋକ୍ତାର ରାଷ୍ଟ୍ର ହେଲେ ମଧ୍ୟ ୮୫% ଅଶୋଧିତ ତୈଳ, ପ୍ରାୟ ୯୦% ଏଲପିଜି ଆମଦାନି ନିର୍ଭରଶୀଳତା, କୋଇଲା ଉପରେ ଅଧିକ ନିର୍ଭରଶୀଳତା, ନବୀକରଣ ଶକ୍ତିରେ କ୍ଷୀଣ ଉପଯୋଗିତା ରାଷ୍ଟ୍ର ପ୍ରଗତିରେ ସ୍ଥିରତାର ଅଭାବ ସୂଚିତ କରିଥାଏ। ଫଳରେ ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆମେ ଶକ୍ତିସୁରକ୍ଷା ଓ ଆତ୍ମନିର୍ଭରଶୀଳତାରେ ଏପର୍ଯ୍ୟନ୍ତ ଅସ୍ଥିର ଏବଂ ବାହ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ। ଯଦି କୌଣସି ରାଷ୍ଟ୍ର କୋଇଲା ଜାଳି ଶକ୍ତି ଉତ୍ପାଦନ କରେ ଆମେ ସଙ୍ଗେ ସଙ୍ଗେ କୋଇଲା ଜାଳି ଶକ୍ତି ବାହାର କରିବାରେ ଲାଗିପଡୁଛନ୍ତି। ଯଦି କେହି କୁହେ ଯେ କୋଇଲା ଜଳିଲେ ପରିବେଶ ନଷ୍ଟ ହୁଏ, ସୌରଶକ୍ତି ସବୁଠାରୁ ଭଲ ଶକ୍ତିର ଉତ୍ସ, ଆମେ କିଛି ନଭାବି ସୌର ଶକ୍ତି ଉତ୍ପାଦନରେ ଲାଗିପଡ଼ିବା। ଆଉ ଆସନ୍ତାକାଲି ଯଦି ଆଉ କେହି କହିବେ ଯେ ୨୫ ବର୍ଷ ପରେ ସୌରଶକ୍ତିରେ ବ୍ୟବହୃତ ସୌରପ୍ୟାନେଲଗୁଡ଼ିକ ଭାରତକୁ ଗୋଟିଏ ଡମ୍ପିୟାର୍ଡ କରିଦେବ, ଯାହା ମଧ୍ୟ ଯଥାର୍ଥ, ସେତେବେଳେ ଆମେ ନିଜର ବୁଦ୍ଧିକୁ ବିକଶିତ ନ କରି ସୌରଶକ୍ତି ବିନିଯୋଗକୁ ଗୁରୁତ୍ୱ ନଦେଇ ବାହାର ରାଷ୍ଟ୍ରରୁ ଖଣିଜ ତୈଳ କ୍ରୟ କରିବାରେ ଲାଗିପଡ଼ିବା। ଆମେ ନିଜକୁ ବା ଆମର ଭବିଷ୍ୟତ ପିଢ଼ିକୁ ସୁସ୍ଥ ଓ ସକ୍ଷମ ରଖିବା ପାଇଁ ନିଜର ବୁଦ୍ଧିକୁ ବିକଶିତ କରିବାରେ ଆଜିପର୍ଯ୍ୟନ୍ତ କାହିଁକି ଅକ୍ଷମ ତାହା ଆଜି ଚିନ୍ତାର ବିଷୟ। ପରନ୍ତୁ ଆମର ବୃହତ ମାନବ ସମ୍ବଳକୁ ନେଇ ଆମେ ବହୁତ ଗର୍ବିତ।

ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ତଥା ହର୍ମୁଜ୍ ପ୍ରଣାଳୀରେ ସଂଘର୍ଷ ଯୋଗୁଁ ଲିକୁଇଫାଏଡ ପେଟ୍ରୋଲିୟମ୍ ଗ୍ୟାସ, ଅଶୋଧିତ ତୈଳ, ଖାଇବା ତେଲ ଆଦିର ସଙ୍କଟ ଯୋଗୁଁ ଭାରତ ଚିରାଚରିତ ହତାଶାଜନକ ସଂଘର୍ଷ ଦେଇ ଗତିକରୁଛି। ଦରଦାମ ବୃଦ୍ଧି, ରୋଷେଇ ଗ୍ୟାସ ପାଇଁ ଲମ୍ବା ଲାଇନ, ଉଦ୍ୟୋଗଗୁଡ଼ିକର ଶକ୍ତିଜନିତ ସମସ୍ୟା ଓ ଶକ୍ତି ଆବଶ୍ୟକତା ନିମିତ୍ତ ଅନ୍ୟାନ୍ୟ ସମସ୍ୟା ଭାରତ ଭଳି ଗୋଟିଏ ବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରକୁ ଗଭୀର ଭାବରେ ଆଘାତ ଦେବା ଆରମ୍ଭ କରିଛି, ଯାହା ଆମର ଶକ୍ତି ସୁରକ୍ଷାର ଅକ୍ଷମତାକୁ ପ୍ରକାଶ କରେ। ଏଲପିଜି ସଙ୍କଟ ଘରୋଇ ଜୀବନ ସହିତ ଅର୍ଥନୀତିରେ ମଧ୍ୟ ଗଭୀର ସଙ୍କଟ ପକାଇଛି। ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ଆମର ପଥଚାରୀଙ୍କୁ ଖାଦ୍ୟ ଯୋଗାଉଥିବା ଅସଂଖ୍ୟ ରାସ୍ତାକଡ଼ ଢାବା ଓ ଭୋଜନାଳୟ ସହିତ ପ୍ରାୟ୩କୋଟି ଲୋକଙ୍କ ପାଇଁ ଗୋଟିଏ ଜୀବନରେଖା ପ୍ରଦାନ କରିଥାଏ। ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ଅସଂଗଠିତ କ୍ଷେତ୍ରରେ ନିଜର ଜୀବିକା ନିର୍ବାହ କରନ୍ତି।

ରୋଷେୟା, ସଫେଇ କର୍ମଚାରୀ, ବାସନ ସଫା କରୁଥିବା କର୍ମଚାରୀ ଓ ସହାୟକ, ଯେଉଁମାନେ ଗ୍ରାମାଞ୍ଚଳର ଦୁର୍ଦ୍ଦଶାରୁ ମୁକୁଳିବାର ଆଶା ନେଇ ସହରାଞ୍ଚଳକୁ ଧାଇଁ ଆସିଥିଲେ ସେମାନେ ଏବେ ଲକ୍ଷ ଲକ୍ଷ ସଂଖ୍ୟାରେ ଏଲପିଜି ଓ ଅନ୍ୟାନ୍ୟ ଗ୍ୟାସ ଅଭାବରୁ ନିଜ ଗ୍ରାମକୁ ଫେରିଯାଉଛନ୍ତି। ତଥ୍ୟ ଅନୁଯାୟୀ କେରଳରେ ଗତ ଦୁଇ ସପ୍ତାହ ମଧ୍ୟରେ ୧୭୦୦ରୁ ଅଧିକ ଭୋଜନାଳୟ ସେମାନଙ୍କର ବ୍ୟବସାୟ ବନ୍ଦ କରିଦେଇଛନ୍ତି। ମୁମ୍ବାଇରେ ପ୍ରାୟ ୪୫ ପ୍ରତିଶତ ହୋଟେଲର କାର୍ଯ୍ୟ ବନ୍ଦ ହୋଇଯାଇଛି। ଶ୍ରମିକମାନେ କେବଳ ସେମାନଙ୍କ କାର୍ଯ୍ୟ ହରାଇ ନାହାନ୍ତି, ବରଂ ସହରରେ ସେମାନଙ୍କର ରହିବା ସ୍ଥାନ ମଧ୍ୟ ହରାଇଛନ୍ତି। ପରିଣାମରେ ଆମେ ବର୍ତ୍ତମାନ ପୁଣିଥରେ କୋଭିଡ୧୯ ଭଳି ଆଭ୍ୟନ୍ତରୀଣ ନିର୍ବାସନର ଚିତ୍ରକୁ ଟିଭି ପରଦାରେ ବା ଅନ୍ୟ ଗଣମାଧ୍ୟମରେ ଦେଖିବାର ସୁଯୋଗ ପାଉଛନ୍ତି, ଯେଉଁଠାରେ ହଜାର ହଜାର ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ଫେରିବାକୁ ବାଧ୍ୟ କରାଯାଉଛି। ଭାରତୀୟ ଶ୍ରମର ଭବିଷ୍ୟତ ଭାବରେ ପ୍ରାୟତଃ ପ୍ରଚାରିତ ହେଉଥିବା ଗିଗ୍ ଅର୍ଥନୀତି ବର୍ତ୍ତମାନ ଏକପ୍ରକାର ପତନର ସ୍ଥିତିରେ। ଜମାଟୋ, ସ୍ୱିଗି ଭଳି ପ୍ଲାଟଫର୍ମର ମେରୁଦଣ୍ଡ୧.୨କୋଟିରୁ ଅଧିକ ଡେଲିଭରି ପାର୍ଟନର। ସେମାନଙ୍କର ଦୈନିକ ଅର୍ଡର ୬୦ ପ୍ରତିଶତ ପର୍ଯ୍ୟନ୍ତ ହରାଇଛନ୍ତି। ଦିନକୁ ଅତିକମରେ ୩୦ଟି ଅର୍ଡର ପରିଚାଳନା କରୁଥିବା ଜଣେ ଡେଲିଭରି କର୍ମୀ ବର୍ତ୍ତମାନ ପାଞ୍ଚଟି ଅର୍ଡର ପାଇବା କାଠିକର ପାଠ ହେଉଛି। ଏହା ହେଉଛି ଆମ ଭାରତର ବାସ୍ତବତା। ବର୍ତ୍ତମାନର ସ୍ଥିତି ହଜାର ହଜାର ଯୁବପିଢ଼ିଙ୍କ ଜୀବନରେଖାକୁ ସ୍ଥାଣୁ ଓ ବେକାରି ଦିଗକୁ ସୂଚିତ କରୁଛି।

ଅଦ୍ୟାବଧି ଭାରତ ଶକ୍ତିଗ୍ରାହକଙ୍କ ଗୋଟିଏ ମହାନ ରାଷ୍ଟ୍ର ହୋଇ ରହିଛି। ମାତ୍ର ପ୍ରତିବଦଳରେ ପ୍ରତ୍ୟେକ ଛାତକୁ ଗୋଟିଏ ବିଦ୍ୟୁତ୍ କେନ୍ଦ୍ରଭାବରେ ଗଢ଼ିବାର ସ୍ୱପ୍ନଠାରୁ ବହୁଦୂରରେ। ସୌର ପ୍ୟାନେଲଗୁଡ଼ିକର ପୁନଃ ବ୍ୟବହାର କୌଶଳ ଏବେଠାରୁ ପ୍ରସ୍ତୁତ କଲେ ଭବିଷ୍ୟତରେ ତାହାକୁ ବର୍ଜ୍ୟରୁ ବଞ୍ଚାଇ ପାରିବା। ୧୯୪୪ ମସିହାରେ ଜନ୍ମିତ ଜର୍ମାନର ରାଜନେତା, ପରିବେଶବିତ ତଥା ବିଖ୍ୟାତ ଲେଖକ ହରମାନ ସେର, ଯିଏକି ଜର୍ମାନରେ ସୌର ଶକ୍ତିର ବ୍ୟବହାରକୁ ଆଗେଇ ନେଇଥିଲେ ଏବଂ କହିଥିଲେ 'ସଭ୍ୟତାର ଭବିଷ୍ୟତ ପାଇଁ ନବୀକରଣଯୋଗ୍ୟ ଶକ୍ତିକୁ ଆପଣେଇବା ନିଶ୍ଚିତ'। ଜର୍ମାନୀ ଓ ନେଦରଲ୍ୟାଣ୍ଡ ଭଳି ଦେଶରେ ଏପରି ବିକେନ୍ଦ୍ରୀକୃତ ସମବାୟ ସଂସ୍ଥାଗୁଡ଼ିକ ପୂର୍ବରୁ ଗ୍ରୀଡ୍ ଓ ଶକ୍ତି ସ୍ୱାଧୀନତାକୁ ସ୍ଥିର କରିଆସୁଛନ୍ତି। ଭାରତ ବର୍ଷକରେ ପ୍ରାୟ ୨୮୫ ଦିନରୁ ଅଧିକ ସୌରଦିନ ପାଇଥାଏ, ଯାହା ଏହି ବିଶାଳ ଦେଶକୁ ଅନେକ ଥର ବିନ ପ୍ରଦୂଷଣରେ ବିଦ୍ୟୁତ୍ ପ୍ରଦାନ କରିପାରିବ। ତଥାପି ଆମେ ଆଜି ଯାଏଁ ଗୋଟିଏ ଅସ୍ଥିର ତୈଳ ବଜାରର ଦାସ ହୋଇ ରହିଛନ୍ତି। ହରିଆଣା, ପଞ୍ଜାବ, ଦିଲ୍ଲୀ ଆଦି ରାଜ୍ୟରେ କୃଷି କ୍ଷେତ୍ରର ନଡ଼ାପୋଡ଼ି ଓ ବଣପୋଡ଼ିରେ ଦେଶର କୋଟି କୋଟି ଟଙ୍କା ନଷ୍ଟ ହୋଇ ଅନେକ ସହର ଓ ଗ୍ରାମ ପ୍ରଦୂଷିତ ହେଉଛି। ମାତ୍ର ବଣରେ ଜମା ହେଉଥିବା ପତ୍ର, ଶୁଖିଲା କାଠ, କୃଷି କ୍ଷେତ୍ରର ନଡ଼ା ଆଦି ଶୁଖିଲା ଦ୍ରବ୍ୟକୁ ସଂଗ୍ରହକରି ଜୈବଜାଳେଣୀ ରୂପେ ବ୍ୟବହାରଯୋଗ୍ୟ କରିବାର ଇଚ୍ଛା ବା କୌଶଳ ଆମ ବୈଷୟିକ ଜ୍ଞାନଧାରୀ ବ୍ୟକ୍ତି ବା ଶାସନାଧୀଶଙ୍କ ଦୃଷ୍ଟିକୁ ଆସେନାହିଁ।

ଭୁବନେଶ୍ୱରଠାରେ ଥିବା ଭାରତ ସରକାରଙ୍କ ଆଇଆଇଏମଏମଟିରେ ବହୁ ଅର୍ଥ ବ୍ୟୟରେ ଗବେଷଣାରେ ସୀମିତ ଥିବା ପ୍ରାୟ ୬୦୦୦ରୁ ଅଧିକ ଚୁଲାରୁ ଗୋଟିକୁ ନେଇ ଯଦି ଜୈବିକ ଇନ୍ଧନ ବ୍ୟବହାରରେ ରୋଷେଇର ଆବଶ୍ୟକତାକୁ ପୂରଣ କରାଯାଇ ପାରନ୍ତା, ତେବେ ତାହା ଇନ୍ଧନ ସମସ୍ୟା ସହିତ ପ୍ରଦୂଷଣକୁ ବହୁମାତ୍ରାରେ ଲାଘବ କରିବାକୁ ସମର୍ଥ ହୋଇପାରନ୍ତା। ସେହିପରି ବର୍ଜ୍ୟବସ୍ତୁର ପରିଚାଳନା ଓ ଶକ୍ତି ସଂଗ୍ରହ ଆଜି ରାଷ୍ଟ୍ରର ଆଉ ଗୋଟିଏ ନୂତନ ସମ୍ଭାବନାକୁ ସୃଷ୍ଟି କରିପାରେ। ତେଣୁ ଆମର ବୈଷୟିକ ଜ୍ଞାନକେନ୍ଦ୍ର ପ୍ରତିଷ୍ଠାତା ଓ ନୀତିପ୍ରଣେତାମାନେ ଯଥାକ୍ରମେ କାଗଜ ଡିଗ୍ରୀ ତଥା ଆତ୍ମପ୍ରଚାର ନକରି ସର୍ବିଆନଆମେରିକାନ ଉଦ୍ଭାବକ ନିକୋଲା ଟେସଲାଙ୍କ ଉକ୍ତି ଅନୁସାରେ 'ବ୍ରହ୍ମାଣ୍ଡର ରହସ୍ୟ ବୁଝିବାକୁ ଶକ୍ତି, ତରଙ୍ଗ ଓ କମ୍ପନରେ ଚିନ୍ତା କର' ଭଳି ଉଚ୍ଚ ଚିନ୍ତା ଓ କର୍ମ ଆଧାରରେ ଆଗେଇ ଗଲେ ହୁଏତ ଆତ୍ମନିର୍ଭର ଭାରତକୁ ସାକାର କରାଯାଇପାରନ୍ତା। ପ୍ରଦୂଷଣ ମୁକ୍ତ ରାଷ୍ଟ୍ର ନିର୍ମାଣ, ଯୁବକଙ୍କୁ କର୍ମ ସଂସ୍ଥାନ, ବନ ସଂରକ୍ଷଣ, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜୈବ ବିବିଧତା ରକ୍ଷା କରାଯାଇପାରନ୍ତା।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ତେଲଆଭିଭ୍‌ରୁ ତେହେରାନ୍

ବିଧାନ ଚନ୍ଦ୍ର ସାମଲ

ତେଲଆଭିଭ୍‌ରୁ ତେହେରାହନ ଏକ ସୁଦୀର୍ଘ ପ୍ରାଚୀନ ଇତିହାସ, ଯାହାର ନିର୍ବାକ ମୂକସାକ୍ଷୀ ସିରିଆର ଦିଗନ୍ତବିସ୍ତାରୀ ବାଲୁକାରାଶି ଓ ଅଦ୍ୟାବଧି ଦଣ୍ଡାୟମାନ କାଳଭାରୀ ପର୍ବତମାଳା। ପ୍ରାଚୀନ କାଳର ଲୁଣ୍ଠନକାରୀ ହବିର ଜାତି ପରବର୍ତ୍ତୀ ପର୍ଯ୍ୟାୟର ଯାଯାବରୀ ହିବ୍ରୁ ଓ ଆଜିର ନବଗଠିତ ଇସ୍ରାଏଲ ରାଜ୍ୟର ଅତି ବିଚକ୍ଷଣ କର୍ମତତ୍ପର, ବୁଦ୍ଧିମାନ୍, ପରମପରାକ୍ରମୀ ଦୁର୍ଦ୍ଧର୍ଷ ଇହୁଦି ଜାତି, ଯାହାର ଅତୀତ ଖାଲି ଯେ ବୈଦେଶିକ ଆକ୍ରମଣର ଏକ ଧାରାବାହିକ ଇତିହାସ ତାହା ନୁହେଁ, ବରଂ ଇହୁଦିଜାତି ପାଇଁ ଦାରୁଣ ନିର୍ଯାତନାର ଏକ କଳଙ୍କିତ ଇତିହାସ।

ଏକଦା ଅତ୍ୟାଚାରୀ ମିଶର ସମ୍ରାଟ ଫାରୋ ରାଜ୍ୟର ସର୍ବହରା ହିବ୍ରୁଦାସ, ଯେକି ମୋଜେସଙ୍କ ନେତୃତ୍ୱରେ ଦାସତ୍ୱ ପରିତ୍ୟାଗ କରି ସ୍ୱାଧୀନ ରାଜ୍ୟ ସନ୍ଧାନରେ ବାହାରିଥିଲା, ସେହି ଜାତି ତରୁଣ ଯେଶୋଆ ନେତୃତ୍ୱରେ ପାଲେଷ୍ଟାଇନ୍ ଭୂଖଣ୍ଡରେ ପାଦ ଦେଲା। ପାଲେଷ୍ଟାଇନ୍‌ର ମୂଳ ଅଧିବାସୀ କାନାନାଇଟ୍ସଙ୍କ ସହ ଦୀର୍ଘ ସଂଘର୍ଷ ଓ ପରବର୍ତ୍ତୀ ପର୍ଯ୍ୟାୟରେ ବୈବାହିକ ସମ୍ପର୍କାଦି ସ୍ଥାପନ କରି ଇହୁଦିମାନେ ଯେଉଁ ସ୍ୱାଧୀନ ସହାବସ୍ଥାନର ସୁନେଲି ସ୍ୱପ୍ନରେ ବିଭୋର ଥିଲେ, ତାହା ନିଷ୍ଠୁର ଏସିରିଆ ଶାସକଙ୍କ ଲୋଲୁପ ଦୃଷ୍ଟିରୁ କ୍ଷାନ୍ତ ପାଇଲା ନାହିଁ। ଏସିରିଅମାନଙ୍କ ବର୍ବରୋଚିତ ଆକ୍ରମଣ ଫଳସ୍ୱରୂପ ସେମାନଙ୍କୁ ସୁଦୂର ବେବିଲୋନିଆରେ ବନ୍ଦୀ ଭାବେ ନିର୍ବାସନ ଦଣ୍ଡ ତାଙ୍କ ଭାଗ୍ୟର ବିଡ଼ମ୍ବନାମାତ୍ର। ନିଷ୍ଠୁର ଏସିରିଅମାନଙ୍କ ପରେ ନିର୍ମମ ଚାଲଡିୟ ସମ୍ରାଟ ନେବୁଚାଦନାଜାରଙ୍କ ଦୀର୍ଘ ନିର୍ଯାତନାର କଳଙ୍କମୟ ଇତିହାସ ଇହୁଦିଜାତିର ଭାଗ୍ୟ ପ୍ରତି ଉପହାସ ମନେହୁଏ।

ଚାଲ୍‌ଡିୟ ସାମ୍ରାଜ୍ୟର ପତନ ଓ ପାରସ୍ୟରେ ଏକିମୋନେଡ୍ ସାମ୍ରାଜ୍ୟର ଉତ୍‌ଥାନ ଘଟନ୍ତେ ମହାମହିମମୟ ମହାନୁଭବ ପାରସ୍ୟ ସମ୍ରାଟ ସାଇରସ ଇହୁଦିମାନଙ୍କୁ ମୁକ୍ତି ଦେଲେ ସତ, ହେଲେ ସ୍ୱାଧୀନତା ଇହୁଦି ଜାତିର ଭାଗ୍ୟକୁ ଉପହାସ କଲା। ଗ୍ରୀକ୍‌ବୀର ଆଲେକଜାଣ୍ଡାରଙ୍କ ବିଶ୍ୱବିଜୟ ଅଭିଯାନରୁ ପାଲେଷ୍ଟାଇନ୍ ନିସ୍ତାର ପାଇଲା ନାହିଁ। ଦୀର୍ଘ ନିର୍ଯାତନାର କଳଙ୍କମୟ ଇତିହାସ ବହନ କରି ବଞ୍ଚି ରହିଥିବା ଇହୁଦିଜାତି ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେଲା ସେତେବେଳେ, ଯେତେବେଳେ ପ୍ରବଳ ପ୍ରତାପୀ ରୋମ୍ ସମ୍ରାଟ ଭେସପାସିଆନଙ୍କ ପୁତ୍ର ଟାଇଟସ୍‌ଙ୍କ ରାଜତ୍ୱକାଳରେ ଧ୍ୱଂସ ପାଇଲା ଜେରୁଜେଲମ୍। ଲୋପ ପାଇଲା ସ୍ୱାଧୀନ ପାଲେଷ୍ଟାଇନ୍‌ର ସ୍ୱାଭିମାନ। ଇହୁଦିମାନେ ପୁନର୍ବାର ପାଲଟିଗଲେ ପୂର୍ବ ମିଶରସମ୍ରାଟ ଫାରୋଙ୍କ ଦୁର୍ଦ୍ଦଶାଗ୍ରସ୍ତ ପ୍ରଜା ଭଳି।

ଏଭଳି ଦାରୁଣ ପରିସ୍ଥିତିର କରୁଣ ଇତିହାସ ବହନ କରି ବିକ୍ଷିପ୍ତଭାବେ ବିଭିନ୍ନ ଅଞ୍ଚଳରେ ସୌଭାଗ୍ୟକ୍ରମେ ବଞ୍ଚି ରହିଥିବା ଇହୁଦିଜାତି ଜର୍ମାନୀର ଶୌର ଶାସକଙ୍କ ବିଷ ଦୃଷ୍ଟିରୁ ବାଦ ପଡ଼ିଲା ନାହିଁ। ଦ୍ୱିତୀୟ ମହାସମରର ମହାନାୟକ ଆଡଲଫ ହିଟଲର ଇହୁଦିଜାତିକୁ ଦେଶଦ୍ରୋହୀ ଭାବେ ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ପରାଜୟ କାରଣ ଦର୍ଶାଇ ଚରମ ଘୃଣାରାବ ପ୍ରଦର୍ଶନପୂର୍ବକ ଏକ ଇହୁଦିବିହୀନ ଜର୍ମାନୀ ଗଢ଼ିବାର ସ୍ୱପ୍ନ ଦେଖିଲେ। ଇତିହାସ ବହନକଲା ବହୁ ଚର୍ଚ୍ଚିତ ଗ୍ୟାସଚାମ୍ବର ହତ୍ୟାକାଣ୍ଡ ଏବଂ ହିଟଲର ପାଲଟିଗଲେ ପୃଥିବୀର ଶ୍ରେଷ୍ଠ ନିରହନ୍ତା। ହିଟଲରଙ୍କ ବିଜୟ ନିଶାଣ ଯେତେଦୂର ଯାଏଁ ପରିବ୍ୟାପ୍ତ ହେଲା, ସେସବୁ ଅଞ୍ଚଳରେ ଇହୁଦୀମାନଙ୍କ ଚରମ ଦୁର୍ଦ୍ଦଶା କହିଲେ ନସରେ। ସେତେବେଳେ ମନେହେଲା ସତେଯେଭଳି ଇହୁଦି ଏକ ଉଦ୍‌ବାସ୍ତୁ ସର୍ବହରା ଲାଂଛିତ ଜାତି।

ଇତିହାସ ପୃଷ୍ଠାରେ ଏକ ଦୀର୍ଘ ନିର୍ଯାତିତ, ଅବହେଳିତ, ଅପମାନିତ, ଲାଞ୍ଛିତ ତଥା ରାଜ୍ୟହୀନ ଜାତି ରୂପେ ବଞ୍ଚି ଆସିଥିବା ଇହୁଦିଜାତି ଭୂଗୋଳ ସୃଷ୍ଟି କରିବାକୁ ଆଗ୍ନେୟ ଶପଥ ନେଇ ଚାଇମ୍‌ୱେଜମାନଙ୍କୁ ଅସ୍ଥାୟୀ ରାଷ୍ଟ୍ରପତି ଓ ଡେଭିଡବେନ୍‌ଗୁରିଆନଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଉପସ୍ଥାପିତ କରି ୧୯୪୮ ମସିହା ମେ' ମାସ ୧୫ ତାରିଖ ନିଶାର୍ଦ୍ଧରେ ତେଲଆଭିଭ୍‌କୁ ଇହୁଦି ଜାତିର ରାଜଧାନୀ ଓ ଇହୁଦି ଜାତି ପାଇଁ ଇସ୍ରାଇଲ୍ ରାଷ୍ଟ୍ରର ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରନ୍ତେ ପଶ୍ଚିମ ଏସିଆରେ ଶାନ୍ତି ପ୍ରତି ସତର୍କ ଘଣ୍ଟି ବାଜିଉଠିଲା। ତତ୍‌କ୍ଷଣାତ୍ ରୁଷ୍, ଆମେରିକା ଓ ଇଂଲଣ୍ଡ ନୂତନ ରାଷ୍ଟ୍ରକୁ ସ୍ୱାଗତ କରନ୍ତେ ସେହି ମୁହୂର୍ତ୍ତରେ ଟ୍ରାନ୍ସଜୋଡାନ, ମିଶର, ସିରିଆ, ଲେବାନନ ଓ ଇରାକକୁ ନେଇ ଜନ୍ମ ନେଲା ଦୁର୍ଦ୍ଧର୍ଷ ଆରବିଲିଗ୍।

ଇହୁଦି-ଆରବ ସଂଘର୍ଷରେ ରକ୍ତରଞ୍ଜିତ ହୋଇଉଠିଲା ପରମକାରୁଣିକ ଯୀଶୁଙ୍କ ପବିତ୍ର ଭୂଇଁ ଜେରୁଜେଲମ୍। ପ୍ରାରମ୍ଭରୁ ସୂଚନା ମିଳିଥିଲା ନବଗଠିତ ଇସ୍ରାଏଲ୍ ରାଜ୍ୟ ଅଚିରେ ଧ୍ୱଂସ ପାଇ ଇହୁଦି ଏକ ଅଭିସଂପାଦିତ ଜାତି ପାଲଟିଯିବେ। ଆରବମାନଙ୍କ ପ୍ରବଳ ଆକ୍ରମଣକୁ ଇସ୍ରାଏଲ ଧୈର୍ଯ୍ୟର ସହ ମୁକାବିଲା କରି ଇହୁଦି ଜାତି ପାଇଁ ସୃଷ୍ଟି କରିଥିବା ଭୂଗୋଳ ପଛରେ ଆମେରିକାର ପ୍ରଚ୍ଛନ୍ନ ହାତ ରହିଲା।

ପ୍ରାରମ୍ଭରୁ ଇହୁଦିମାନଙ୍କ ସହ ଶାନ୍ତିରେ ସହବସ୍ଥାନ କରୁଥିବା ଆରବ ମୁସଲମାନ ଆଜି ଇହୁଦିମାନଙ୍କ ଚିରଶତ୍ରୁ। ମଧ୍ୟପ୍ରାଚ୍ୟ ଆଜି ପାଲଟି ଯାଇଛି ଏକ ସୁପ୍ତ ଆଗ୍ନେୟଗିରି। ଜନ୍ମ ନେଇଛି ହିଜବୁଲ୍ଲା, ହୁତି ଓ ହାମସ୍ ଭଳି ଦୁର୍ଦ୍ଧର୍ଷ ଜାତୀୟତାବାଦୀ ଆତଙ୍କବାଦୀ ସଂଗଠନ। ଧର୍ମକୁ ଆଧାର କରି ଲାଗିଥିବା ଯୁଦ୍ଧର ପରିଣତି ଅତି ଭୟଙ୍କର। ବିଶ୍ୱଶାନ୍ତି ପ୍ରତି ବିପଦ ଘନେଇ ଆସୁଛି। ହେଲେ ଜାତିସଂଘ? ମରୁଦ୍ୟାନରେ ଗୋଲାପର ସହର ଆଜି ମିଶାଇଲ ବର୍ଷାର ତାଣ୍ଡବରେ ଭସ୍ମୀଭୂତ। ଖ୍ରୀ.ପୂ ୫୫୦ରେ ମହାନୁଭବ ସାଇରସଙ୍କ ପ୍ରାଚୀନ ପାରସ୍ୟ ଲୋପ ପାଇ ସପ୍ତମ ଶତାବ୍ଦୀରେ ଆରବଦେଶରେ ଇସଲାମ ଧର୍ମ ବିସ୍ତାର ଲାଭ କରିଛି। ୧୯୩୫ ମସିହାରେ ପାରସ୍ୟ ଧ୍ୱଂସ ପାଇ ହୋଇଛି ଆଧୁନିକ ଇରାନ୍ ରାଷ୍ଟ୍ର। ୧୯୭୯ ମସିହାରେ ଆୟାତୁଲ୍ଲା ରୋହଲା ଖୋମିନ୍ ହେଲେ ଇରାନ୍‌ର ଭାଗ୍ୟବିଧାତା। ପ୍ରାଚୀନ ପାରସ୍ୟ ସାମ୍ରାଜ୍ୟ କଙ୍କାଳ ଉପରେ ଛିଡ଼ାହୋଇଛି ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍। ଲିଭିଯାଇଛି ଅତୀତର ସ୍ମୃତି। ସୃଷ୍ଟି ହେଲା ବିଦ୍ରୋହ, ବିପ୍ଳବ ଓ ଧାର୍ମିକ ଆନ୍ଦୋଳନ। ପରମାଣୁ ଅସ୍ତ୍ର ନିର୍ମାଣର ନିଶାରେ ଆଜି ଆଧୁନିକ ଇରାନ୍ ପାଉଁଶରେ ପରିଣତ।

କେନ୍ଦ୍ରାପଡ଼ା, ମୋ: ୯୪୩୭୪୭୦୭୦୦

# ଚତୁର୍ଦ୍ଧାମୂର୍ତ୍ତିରେ ଶ୍ରୀସୁଦର୍ଶନ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାନ ବିଷ୍ଣୁଭକ୍ତ ରାଜା ଅମ୍ବରୀଶ ବାର ମାସରେ ଚବିଶ ଏକାଦଶୀ ନିର୍ଜଳା ଉପବାସରେ ରହି ଦ୍ୱାଦଶୀ ଦିନ ବିଷ୍ଣୁ ପୂଜା କରି ବ୍ରତ ଭାଙ୍ଗୁଥିଲେ। ଦିନେ ଦ୍ୱାଦଶୀ ଦିନ ବ୍ରତ ଉଜେଇଁବା ପୂର୍ବରୁ ତାଙ୍କ ପ୍ରାସାଦରେ ମହର୍ଷି ଦୁର୍ବାସା ପହଞ୍ଚିଲେ। ରାଜା ତାଙ୍କୁ ଯଥୋଚିତ ଆତିଥେୟତା ପ୍ରଦାନ କଲେ। ଋଷି ରାଜାଙ୍କର ଆତିଥେୟତା ସ୍ୱୀକାର କରି ସ୍ନାନ ତର୍ପଣ ନିମିତ୍ତ ନଦୀକୁ ଚାଲିଗଲେ। ଋଷି ସ୍ନାନ କରି ଆସିବା ଆଗରୁ ରାଜା ବ୍ରତ ଭାଙ୍ଗିବା କାର୍ଯ୍ୟକ୍ରମ ସାରି ଦେଇ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଲେ। ତେଣୁ ବିଷ୍ଣୁ ଆରାଧନା କରି ସେ ଏକ ଗଣ୍ଡୁଶ(ହାତକୁ ଠୋଲା କଲେ ହାତରେ ଯେତିକି ଜଳ ରହେ) ଜଳ ପାନ କରି ବ୍ରତ ଉଜେଇଁଲେ ଓ ଋଷିଙ୍କୁ ଅପେକ୍ଷା କଲେ। ତେଣେ ଋଷି ନିଜର ତପ ବଳରେ ଏହା ଜାଣିପାରି ରାଜାଙ୍କୁ ଅଭିଶାପ ଦେବା ପାଇଁ ଉଦ୍ୟତ ହେଲେ।

ରାଜା ଅମ୍ବରୀଶ ଅନନ୍ୟ ବିଷ୍ଣୁଭକ୍ତ ହୋଇଥିବାରୁ ମହାପ୍ରଭୁ ତାଙ୍କୁ ଚକ୍ରରାଜ ସୁଦର୍ଶନଙ୍କ ସୁରକ୍ଷା ବଳୟ ଭିତରେ ରଖିଥିଲେ। ଋଷି ରାଜାଙ୍କର କିଛି ଅନିଷ୍ଟ କରିବା ଆଗରୁ ସୁଦର୍ଶନ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ। ଏହା ଦେଖି ଋଷି ପ୍ରାଣ ବିକଳରେ ପଳାୟନ କଲେ; ଚକ୍ରରାଜ ତାଙ୍କ ପଛେପଛେ ଗୋଡ଼େଇଲେ। ପ୍ରଜାପତି ବ୍ରହ୍ମା ଏବଂ ଦେବଦେବ ମହାଦେବଙ୍କ ଶରଣାପନ୍ନ ହୋଇ ନିରାଶ ହେବା ପରେ ଶେଷରେ ଋଷି ଦୁର୍ବାସା ଭଗବାନ ବିଷ୍ଣୁଙ୍କର ଶରଣାଗତ ହେଲେ। ବିଷ୍ଣୁ କହିଲେ, 'ମହର୍ଷି! ଆପଣ କ୍ରୋଧର ବଶବର୍ତ୍ତୀ ହୋଇ ତପବଳର ଅପପ୍ରୟୋଗ କରି ଚାଲିଛନ୍ତି। ମୁଁ ନିଜେ ସୁଦର୍ଶନଙ୍କୁ ମୋର ଭକ୍ତର ସୁରକ୍ଷା ଦାୟିତ୍ୱ ପ୍ରଦାନ କରିଛି। ସେ ତାଙ୍କର କର୍ତ୍ତବ୍ୟ ନିର୍ବାହନ କରୁଛନ୍ତି। ନିଜ କର୍ତ୍ତବ୍ୟରୁ ନିବୃତ୍ତ ହେବା ପାଇଁ ମୁଁ ତାଙ୍କୁ ନିର୍ଦ୍ଦେଶ ଦେଇପାରିବି ନାହିଁ। ଆପଣ ରାଜା ଅମ୍ବରୀଶଙ୍କ ଶରଣକୁ ଯାଆନ୍ତୁ। ସେ ଚାହିଁଲେ ଆପଣଙ୍କୁ ସୁଦର୍ଶନଙ୍କ ରୋଷରୁ ରକ୍ଷା କରିପାରନ୍ତି।' ଋଷି ରାଜାଙ୍କ ପାଖକୁ ଯାଇ କ୍ଷମା ପ୍ରାର୍ଥନା କରି ସୁଦର୍ଶନଙ୍କ ରୋଷରୁ ରକ୍ଷା କରିବାକୁ ଅନୁରୋଧ କଲେ। ରାଜାଙ୍କ ଅନୁରୋଧରେ ସୁଦର୍ଶନ ଶାନ୍ତ ହେଲେ।

ଏ ଘଟଣା ପରେ ଦିନେ ସୁଦର୍ଶନ ଚିନ୍ତା କଲେ - 'ଯେଉଁ ଋଷିଙ୍କ କ୍ରୋଧ ଓ ଅଭିଶାପକୁ ଦେବତାମାନେ ମଧ୍ୟ ଭୟ କରନ୍ତି ସେ ମୋ ଭୟରେ ତିନିଭୁବନ ଦୌଡ଼ିଲେ। ତାଙ୍କୁ ମୋ କବଳରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ମଧ୍ୟ ରକ୍ଷା କରି ପାରିଲେ ନାହିଁ। ତା' ହେଲେ ଏହି ତିନି ଦେବତାଙ୍କଠାରୁ କୋଡ଼ିଗୁଣରେ ମୁଁ କମ!' ଅନ୍ତର୍ଯାମୀ ମହାପ୍ରଭୁ ସୁଦର୍ଶନଙ୍କ ମନ କଥା ଜାଣିପାରିଲେ। ଗର୍ବଗଞ୍ଜନ ମହାବାହୁ ସୁଦର୍ଶନଙ୍କ ଗର୍ବ ଖର୍ବ କରିବା ପାଇଁ ଉପାୟ ପାଞ୍ଚିଲେ। ତହୁଁ ହନୁମାନଙ୍କୁ ଡାକି ଆଣିବା ପାଇଁ ପ୍ରଭୁ ସୁଦର୍ଶନଙ୍କୁ ଆଦେଶ ଦେଲେ। ସୁଦର୍ଶନ ଭାବୁଥିଲେ, ମୋ ପରି ଜଣେ ପରାକ୍ରମୀ ଯୋଦ୍ଧାକୁ ଗୋଟେ ସାମାନ୍ୟ ମାଙ୍କଡ଼କୁ ଡାକିବାକୁ ପଠାଉଛନ୍ତି! ତଥାପି ସେ ଗଲେ। ସେତେବେଳେ ହନୁମାନ ଧ୍ୟାନମଗ୍ନ ଥିଲେ। ବିଷ୍ଣୁ ଡକେଇଛନ୍ତି ବୋଲି ସୁଦର୍ଶନ ବାରମ୍ବାର କହିବା ସତ୍ତ୍ୱେ ହନୁମାନ ଆଖି ଖୋଲିଲେ ନାହିଁ। ସୁଦର୍ଶନ ଫେରି ଯାଇ ବିଷ୍ଣୁଙ୍କ ଆଗରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ମହାପ୍ରଭୁ ପୁଣି କହିଲେ, 'ଆଚ୍ଛା ଆଉ ଥରେ ଯାଅ, ଏଥର ରାମଚନ୍ଦ୍ର ଡାକିଛନ୍ତି ବୋଲି କହିବ।' ଇଚ୍ଛା ନ ଥିଲେ ବି ସୁଦର୍ଶନ ପୁଣି ଯାଇ ହନୁମାନଙ୍କୁ କହିଲେ, 'ପ୍ରଭୁ ଶ୍ରୀରାମ ଆପଣଙ୍କୁ ଡକେଇଛନ୍ତି।' ରାମନାମ ଶୁଣି ହନୁମାନ ଆଖି ଖୋଲିଲେ। ମହାପ୍ରଭୁ ଯାହା ଚାହୁଁଥିଲେ ସେ ଧ୍ୟାନ ବଳରେ ଜାଣିପାରିଲେ। ସେ ସୁଦର୍ଶନଙ୍କୁ ମୋଡ଼ି ଖମ୍ବାକାର କରିଦେଲେ।

କ୍ରୋଧ, ଭୟ, ଦୁଃଖ ଓ ଅପମାନର ଏକ ଫେଣ୍ଟାଫେଣ୍ଟି ଭାବର ଗ୍ଲାନି ନେଇ ସୁଦର୍ଶନ ମହାପ୍ରଭୁଙ୍କ ପାଖକୁ ଫେରିଗଲେ। ମହାପ୍ରଭୁ ସୁଦର୍ଶନଙ୍କ ଅବସ୍ଥା ଦେଖି କହିଲେ, 'ସୁଦର୍ଶନ! ତମର ଏ ଅବସ୍ଥା କିଏ କଲା?' ସୁଦର୍ଶନ କହିଲେ, 'ମହାପ୍ରଭୁ! ଆପଣ ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ। ଆପଣଙ୍କ ଅନୁଗ୍ରହରୁ ପ୍ରାପ୍ତ ସ୍ୱଳ୍ପ ଶକ୍ତିକୁ ନେଇ ମୁଁ କରିଥିବା ଗର୍ବ ଓ ଅହଙ୍କାରର ପରିଣାମ ଏହା। ଆପଣ କରୁଣା ବରୁଣାଳୟ, ଏ ଅକିଂଚନର ଦୋଷ ମାର୍ଜନା କରିବା ହୁଅନ୍ତୁ।' କରୁଣାସାଗର ପ୍ରଭୁ କହିଲେ, 'ଭକ୍ତର ସମର୍ପଣ ଭାବ ମୋତେ ଯେତିକି ଆନନ୍ଦ ଦିଏ, ତା'ର ଅହଙ୍କାର ମୋତେ ତା'ଠାରୁ ବେଶି ବ୍ୟଥିତ କରେ। ତୁମର ଅନୁତାପ ପାଇଁ ତୁମେ ପୁରସ୍କୃତ ହେବ। କଳିଯୁଗରେ ମୁଁ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଦାରୁ ସ୍ୱରୂପରେ ନୀଳାଚଳରେ ବିରାଜମାନ କରିବି। ତୁମେ ମୋ ସହ ଖମ୍ବାକାର ଦାରୁ ସ୍ୱରୂପରେ ମୋର ବାମ ପାର୍ଶ୍ୱରେ ବିଜେ କରିବ। ଆମେ ରତ୍ନବେଦୀ ଉପରେ ଚତୁର୍ଦ୍ଧାବିଗ୍ରହ ରୂପେ ଆରାଧିତ ହେବ। ତୁମେ ମୋର ଚାରି ସ୍ୱରୂପରୁ ଗୋଟିଏ ସ୍ୱରୂପ ରୂପେ ଗୃହୀତ ହେବ।'

ମୋ: ୯ ୯୦୦୦୮ ୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ନେତ୍ରୀଙ୍କ ନାବାଳକ ପୁଅକୁ ହାଣି ଫିଙ୍ଗିଦେଲେ

ଭଦ୍ରକ, ୨୧।୪ (ସମିସ): ଭଦ୍ରକ ସହର ୬ନମ୍ବର ୱାର୍ଡ ମଠସାହି ଅଞ୍ଚଳର ବିଜେପି ନେତ୍ରୀ ସୁମିତ୍ରା ପାଣିଙ୍କ କଲେଜ ପଢୁଆ ନାବାଳକ ପୁଅକୁ ଅପହରଣ ପରେ ମରଣାନ୍ତକ



ଆକ୍ରମଣ ହୋଇଛି। ଗୁରୁତର ନାବାଳକକୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ଏବଂ ସେଠାରୁ ଭୁବନେଶ୍ୱରର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣା ପଛର ରହସ୍ୟ ଖୁବ୍‌ଶୀଘ୍ର ଖୋଲିବ ବୋଲି ଏସ୍‌ପି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି।

■ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି
■ ୩ ଅଟକ, ପୁଲିସର ତଦନ୍ତ ଜାରି

ବିଜେପି ନେତ୍ରୀ ଶ୍ରୀମତୀ ପାଣି ଗଣମାଧ୍ୟମକୁ ଦେଇଥିବା ସୂଚନାନୁସାରେ, ସେ ଭଦ୍ରକର ମୋଟେଲ ଛକ ନିକଟ ମଠସାହି ଅଞ୍ଚଳରେ ରହୁଛନ୍ତି। ତାଙ୍କ ବଡ଼ ପୁଅ ଯୁକ୍ତ ୨ ବିଜ୍ଞାନରେ ପଢ଼ନ୍ତି। ସୋମବାର ସନ୍ଧ୍ୟାଠାରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ରାତିରେ ସେ ଘରକୁ ନ ଫେରିବାରୁ ପରିବାରଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ତେବେ ମଙ୍ଗଳବାର ସକାଳ ପ୍ରାୟ ୬ଟା ବେଳକୁ ସୁମିତ୍ରାଙ୍କୁ ଏକ ଫୋନ୍ ଆସିଥିଲା। ତାଙ୍କ ପୁଅକୁ କେହି ଆକ୍ରମଣ କରି ମୁମୂର୍ଷୁ ଅବସ୍ଥାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନାଳଙ୍ଗ କେନାଲ ରାସ୍ତାରେ ଫିଙ୍ଗି ଦେଇଛି ବୋଲି ଫୋନ୍ କରିଥିବା ବ୍ୟକ୍ତିଜଣଙ୍କ ତାଙ୍କୁ ସୂଚନା ଦେଇଥିଲା। ସୁମିତ୍ରା ଆମ୍ବୁଲାନ୍ସ ଡକାଇ ଘଟଣାସ୍ଥଳକୁ ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କ ପୁଅକୁ ଉଦ୍ଧାର କରି ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହି ନିଛାଟିଆ କେନାଲ ବନ୍ଧରେ ତାଙ୍କ ନାବାଳକ ପୁଅକୁ କେହି ହାଣି ଫିଙ୍ଗି ଦେଇଛି ବୋଲି ସୁମିତ୍ରା ଅଭିଯୋଗ କରିଛନ୍ତି। ତାଙ୍କ ପୁଅର ମୁଣ୍ଡ ଓ ଦେହରେ ୧୦ରୁ ଅଧିକ ସ୍ଥାନରେ କ୍ଷତଚିହ୍ନ ରହିଛି। ଆଇଫୋନ୍, ସୁନାଚେନ୍ ଓ ବ୍ରେସ୍‌ଲେଟ୍ ସହ ଅନ୍ୟାନ୍ୟ ଜିନିଷକୁ ଆକ୍ରମଣକାରୀମାନେ ଲୁଟି ନେଇଯାଇଛନ୍ତି। ଏଭଳି ଅପହରଣ ଓ ମରଣାନ୍ତକ ଆକ୍ରମଣ ଘଟଣାର ଅସଲ କାରଣ କ'ଣ ତାହା ସ୍ପଷ୍ଟ ହୋଇନି। ଏହି ଘଟଣାରେ ଗ୍ରାମାଞ୍ଚଳ ପୁଲିସ ୩ ଜଣଙ୍କୁ ଅଟକ ରଖିଛି। ଆକ୍ରମଣରେ ବ୍ୟବହୃତ ଛୁରୀକୁ ପୁଲିସ ଜବତ କରିବା ସହ ଏକ ମାମଲା(ନଂ-୩୨୭/୨୬) ରୁଜୁ କରିଛି।

## ଛାତ୍ରଙ୍କ ପ୍ୟାଣ୍ଟରେ ବିଛୁଆତି ଲଗାଇ ପ୍ରଧାନ ଶିକ୍ଷକ ନିଲମ୍ବିତ

କାଳିଆପାଣି, ୨୧।୪(ସମିସ): ସ୍କୁଲ ଛାତ୍ରଙ୍କ ପ୍ୟାଣ୍ଟରେ ବିଛୁଆତି ପୂରାଇବା ଅଭିଯୋଗରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ କାଳିଆପାଣି କ୍ଲଷ୍ଟର୍ ସାରୁଆବିଲ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ଦେହୁରୀଙ୍କୁ ନିଲମ୍ବିତ କରାଯାଇଛି। ସୁକିନ୍ଦା ବିଇଓ ନାରାୟଣ ଦାସ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ଶ୍ରୀ ଦେହୁରୀ ଗତ ୧୯ତାରିଖରେ ସ୍କୁଲ ପରିସରରେ ୧୦ରୁ ଅଧିକ ଛାତ୍ରଙ୍କ ପ୍ୟାଣ୍ଟରେ ବିଛୁଆତି ଡାଳ ପୂରାଇ ଦେଇଥିଲେ। ଛାତ୍ରମାନେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପ୍ରଧାନଶିକ୍ଷକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସକାଳ ସାଢ଼େ ୭ଟାରୁ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ କାଳିଆପାଣି ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ ସ୍କୁଲରେ ପହଞ୍ଚି ଆପୋସ ସମାଧାନ ଉଦ୍ୟମ କରିଥିଲେ। ବିଇଓ ଶ୍ରୀ ଦାସଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ସଞ୍ଜୟ କୁମାର ସାମଲ ତଦନ୍ତ କରିଥିଲେ।

## ବଜ୍ରାଘାତରେ ବୃଦ୍ଧାଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୧।୪(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ବ୍ଲକ୍‌ର ବଣକାଟି ପଞ୍ଚାୟତ ଅନ୍ତର୍ଗତ ବାଲିଆଡ଼ିପା ଗ୍ରାମରେ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ବଜ୍ରାଘାତରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଗତକାଲି ଝିପିଝିପି ବର୍ଷା ହୋଇଥିବା ବେଳେ ବିଜୁଳି ଚଡ଼କରେ ବୃଦ୍ଧାଙ୍କ ଜୀବନ ଯାଇଥିବା ସନ୍ଦେହ କରାଯାଉଛି। ସେ ହେଲେ, ବଣକାଟି ପଞ୍ଚାୟତର ବାଲିକଟା ଗ୍ରାମର ସୁମି ସୋରେନ। ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି।

## ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଲୁଣ ଭାତ ଦେଇ ଶିକ୍ଷକ ନିଲମ୍ବିତ

ତୁମୁଡିବନ୍ଧ, ୨୧।୪(ସମିସ): କନ୍ଧମାଳ ତୁମୁଡିବନ୍ଧ ବ୍ଲକ୍ ଅନ୍ତର୍ଗତ ଶିମିଳିପଦର ପ୍ରାଥମିକ ବିଦ୍ୟାଳୟରେ କୋମଳମତି ବିଦ୍ୟାର୍ଥୀଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ ଲୁଣ ଖାଇବାକୁ ଦିଆଯିବା ଘଟଣାରେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ଗତ ୧୮ତାରିଖରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ତୁମୁଡିବନ୍ଧ ଆଞ୍ଚଳିକ ସାଧନ ସଂଯୋଜକ (ସିଆରସିସି) ଭାସ୍କର ଚନ୍ଦ୍ର ସଂଗ୍ରାମ ସିଂ,



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ତଥା ମଧ୍ୟାହ୍ନଭୋଜନ ନୋଡାଲ ଅଫିସର ଡମ୍ବୁରୁଧର ସାହୁ ପ୍ରମୁଖ ଅଧିକାରୀ ଉକ୍ତ ଶିମିଳିପଦର ପ୍ରାଥମିକ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ସାରି ଫେରିଥିଲେ। ତଦନ୍ତର ସବିଶେଷ ରିପୋର୍ଟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନକ୍ରମେ ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକଙ୍କ ବିରୋଧରେ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସ୍ପଷ୍ଟ ହୋଇଛି। ପ୍ରଧାନଶିକ୍ଷକ ମୋହନ ମୁରାରୀ ସିଂଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ ରହି ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଅବହେଳା କାରଣରୁ ଡ୍ରାଫ୍ଟ ଚାର୍ଜ କରି ଗୋଟିଏ ଇନ୍‌କ୍ରିମେଣ୍ଟ ବନ୍ଦ କରାଯାଇଥିବା ବେଳେ ବିଦ୍ୟାଳୟରେ ଉପସ୍ଥିତ ରହି କର୍ତ୍ତବ୍ୟରେ ଅବହେଳା ଯୋଗୁଁ ସହକାରୀ ଶିକ୍ଷକ ସୁଶାନ୍ତ କହଁରଙ୍କୁ ନିଲମ୍ବନ କରାଯାଇଛି।

## ଯାଜପୁରରେ ଆସନ୍ତା ୪ ଦିନ ସ୍କୁଲ ଛୁଟି

ଯାଜପୁର, ୨୧।୪(ସମିସ): ଯାଜପୁର ଜିଲ୍ଲାରେ ଜାରି ରହିଛି ଗ୍ରୀଷ୍ମଲହରୀ। ଏଥିପାଇଁ ଆସନ୍ତାକାଲି ଅର୍ଥାତ ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡିକ ବନ୍ଦ ରହିବ। ଆଜି ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି (୪୯୮୮) ପ୍ରକାଶ ପାଇଛି। ପାଣିପାଗରେ ପରିବର୍ତ୍ତନ ଆସିବା ପରେ ବିଦ୍ୟାଳୟ ଖୋଲାଯିବା ନେଇ ନିଷ୍ପତି ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ବିଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଜଗତସିଂହପୁର,୨୧।୪(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯୋଗଧାରୀ ଓ୍ୟାର ହାଉସ ଛକ ନିକଟସ୍ଥ ବିଲରୁ ଆଜି ସନ୍ଧ୍ୟାରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବତୀଙ୍କ ନାମ ସସ୍ମିତା ଦାସ (୨୪) ଏବଂ ତାଙ୍କ ଘର ନିକଟସ୍ଥ କାଠିଆପଡ଼ା ଗ୍ରାମରେ ବୋଲି ସୂଚନା ମିଳିଛି। ଦୁଇଦିନ ତଳେ ସସ୍ମିତାଙ୍କ ବିବାହ ପାଇଁ ନିର୍ବନ୍ଧ ହୋଇଥିଲା। ତେବେ ଆଜି ସନ୍ଧ୍ୟାରେ ତାଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ସସ୍ମିତାଙ୍କୁ ହତ୍ୟା କରିଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସହିତ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସସ୍ମିତାଙ୍କ ଶବକୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ବୁଧବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ଦୁଇଦିନ ତଳେ ବିବାହ ପାଇଁ ହୋଇଥିଲା ନିର୍ବନ୍ଧ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଶ୍ଚିମବଙ୍ଗରେ...

ନିରାପତ୍ତା ବାହିନୀର ଯବାନମାନଙ୍କୁ ମୁତୟନ କରାଯାଇଛି। ପ୍ରଥମ ପର୍ଯ୍ୟାୟ ଲାଗି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସର ୨୪୦୦ କଂପାନୀ ଅର୍ଥାତ ଅଢ଼େଇ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି। ସ୍ୱାଧୀନ ଭାରତର ନିର୍ବାଚନ ଇତିହାସରେ କୌଣସି ରାଜ୍ୟରେ କେବେହେଲେ ଏତେ ସଂଖ୍ୟକ କେନ୍ଦ୍ରୀୟ ଯବାନ ମୁତୟନ ହୋଇନାହାନ୍ତି। ଏଥିରେ ସିଆରପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି ଏବଂ ଏସଏସବି ଭଳି ।।କେନ୍ଦ୍ରୀୟ ସଶସ୍ତ୍ର ବାହିନର ଯବାନ ରହିଛନ୍ତି। ବିଭିନ୍ନ କେନ୍ଦ୍ରୀୟ ବାହିନୀ ଯବାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଦୁଇ ଦିନ ତଳେ କୋଲକାତାରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ୟୁନିଟ୍ ମୁଖ୍ୟମାନଙ୍କର ବୈଠକ ଯୁଦ୍ଧ ପରିସ୍ଥିତିର ଭ୍ରମ ସୃଷ୍ଟି କରିଥିଲା। ଟିଏମ୍‌ସିର ଗଡ଼ କୁହାଯାଉଥିବା ମୁର୍ଶିଦାବାଦ ଜିଲ୍ଲାରେ ସର୍ବାଧିକ ୩୧୬ କଂପାନୀ ମୁତୟନ କରାଯାଇଛି। ଏତେ ସଂଖ୍ୟାରେ କେନ୍ଦ୍ରୀୟ ବାହିନୀ ମୁତୟନ ନେଇ ପ୍ରତିବାଦ କରିଛି ଟିଏମ୍‌ସି। ଟିଏମ୍‌ସି ସାଂସଦ ମହୁଆ ମୈତ୍ର ଅଭିଯୋଗ କରିଛନ୍ତି ଯେ ବିଜେପି ଏବଂ ମୁଖ୍ୟ ନିର୍ବାଚନ କମିସନର ସାମରିକ ଶୈଳୀରେ ବେଙ୍ଗଲ ଦଖଲ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପାର୍ଟିର ଅନ୍ୟତମ ନେତା ସାକେତ ଗୋଖଲେ କହିଛନ୍ତି ଯେ ଭୋଟରଙ୍କୁ ଡରାଇବା ଲାଗି ଚକ୍ରାନ୍ତ ଚାଲିଛି। ମଣିପୁରରେ ହିଂସା ଚରମ ସୀମାରେ ପହଞ୍ଚିଥିବା ସମୟ।।ରେ ସେଠାରେ ୨୯ ହଜାର କେନ୍ଦ୍ରୀୟ ଯବାନଙ୍କୁ ମୁତୟନ କରାଯାଇଥିବା ବେଳେ ପଶ୍ଚିମ ବଙ୍ଗରେ ଏତେ ସଂଖ୍ୟକ ଯବାନ ମୁତୟନର କାରଣ କଣ ବୋଲି ସେ ପ୍ରଶ୍ନ କରିଛନ୍ତି। ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ଆଜି ପ୍ରଚାର ଅଭିଯାନ ଶେଷ ହୋଇଛି। ୨୩୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ପାଇଁ ଆସନ୍ତା ୨୩ ତାରିଖରେ ମତଦାନ ହେବ।

### ପାକିସ୍ତାନ ଯାଇପାରନ୍ତି...

କରିଦେବ। ଏହାର ଜବାବରେ ଇରାନ ମଧ୍ୟ ପଡୋଶୀ ଆରବ ଦେଶଗୁଡ଼ିକରେ ଥିବା ପାୱାର ଷ୍ଟେସନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ଆସନ୍ତାକାଲି ଅର୍ଥାତ୍ ବୁଧବାରର ଆଲୋଚନା କେବଳ ଆମେରିକା କିମ୍ବା ଇରାନ ନୁହେଁ, ବରଂ ସମଗ୍ର ବିଶ୍ୱର ଅର୍ଥନୀତି ଓ ଶାନ୍ତି ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ ହେବ। ଟ୍ରମ୍ପଙ୍କ ସମ୍ଭାବ୍ୟ ପାକିସ୍ତାନ ଗସ୍ତ ଏହି ଚୁକ୍ତିର ଗୁରୁତ୍ୱକୁ ଦର୍ଶାଉଛି।

### 'ଆପୋସ' ଭେଳିକି...

ପ୍ରସ୍ତାବ ଆନୁଷ୍ଠାନିକ ଭାବେ ଦାଖଲ ହୋଇ ପାରି ନ ଥିଲା । ଯାହାକୁ ନେଇ ଟ୍ରିବ୍ୟୁନାଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଯେଉଁଭଳି ଭାବେ ଉଭୟ ରାଜ୍ୟ ଆବଶ୍ୟକ ପ୍ରକ୍ରିୟାର ଅନୁସରଣ କରି ଆଲୋଚନା କରିବା କଥା, ସେଭଳି କରାଯାଉ ନାହିଁ ବୋଲି ଉଲ୍ଲେଖ କରି ଟ୍ରିବ୍ୟୁନାଲ କ୍ଷୋଭ ପ୍ରକାଶ କରିଛନ୍ତି। ବିବାଦର ସମାଧାନ କ୍ଷେତ୍ରରେ ଉଭୟ ରାଜ୍ୟ ଯେପରି ପ୍ରକ୍ରିୟା ଆପଣେଉଛନ୍ତି, ସେଥିରେ ଆମେ ଆଦୌ ସନ୍ତୁଷ୍ଟ ନୁହେଁ ବୋଲି କଡ଼ା ମନ୍ତବ୍ୟ ଦେଇଛନ୍ତି ଟ୍ରିବ୍ୟୁନାଲ। ଆସନ୍ତା ୨ ତାରିଖରେ ଏ ସଂକ୍ରାନ୍ତରେ ଶେଷ ଶୁଣାଣି ପାଇଁ ଦୁଇ ରାଜ୍ୟକୁ ସୁଯୋଗ ଦେବା ସହ ଉଭୟ ରାଜ୍ୟ ପକ୍ଷରୁ ଦୁଇ ରାଜ୍ୟ ତଥ୍ୟ ଦାଖଲ ନ କଲେ, ଟ୍ରିବ୍ୟୁନାଲ ନିଜେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇଛନ୍ତି। ସେହିପରି ଉଭୟ ରାଜ୍ୟ ମଧ୍ୟରେ ଥିବା ବିଭିନ୍ନ ବିବାଦୀୟ ପ୍ରସଙ୍ଗର ସମାଧାନ ଦିଗରେ ମଧ୍ୟ କୌଣସି ପ୍ରସ୍ତାବ ଦାଖଲ କରାଯାଇନଥିବା ବେଳେ ଏହାକୁ ନେଇ ଟ୍ରିବ୍ୟୁନାଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲାର ସମାଧାନ ନିମନ୍ତେ ପଦକ୍ଷେପ ପାଇଁ ଦୁଇ ରାଜ୍ୟ ଚେଷ୍ଟା କରୁଥିବା କହୁଥିଲେ ହେଁ ବାସ୍ତବରେ ତାହା କାର୍ଯ୍ୟରେ ପ୍ରତିଫଳିତ ହେଉନାହିଁ ବୋଲି ଟ୍ରିବ୍ୟୁନାଲ କହିଛନ୍ତି ।

ଟ୍ରିବ୍ୟୁନାଲଙ୍କ ଏପରି ଟିପ୍ପଣୀକୁ ନେଇ ବିଶେଷଜ୍ଞ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୨ ମାସ ହେଲାଣି ରାଜ୍ୟ ସରକାର ଜଳ ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ ଆପୋଷ ବୁଝାମଣା ଚାଲିଛି ବୋଲି କହୁଛନ୍ତି। ମାତ୍ର ଏଯାଏଁ ଆପୋଷ ଆଲୋଚନାର ସର୍ତ୍ତ, ଆଲୋଚନାର ଅଗ୍ରଗତି ବିଷୟରେ ସରକାର କୌଣସି ତଥ୍ୟ ସାର୍ବଜନୀନ କରୁନାହାନ୍ତି। ଏତିକି ବେଳେ ଉଭୟ ରାଜ୍ୟ ମହାନଦୀରେ ଜଳର ଉପଲବ୍ଧତା ପରି ଏକ ସାମାନ୍ୟ ପ୍ରସଙ୍ଗରେ ସହମତିରେ ପହଞ୍ଚିବାକୁ ନେଇ ବାରମ୍ବାର ବିଫଳ ହେବା ଆପୋଷ ବୁଝାମଣାର ଦିଗ ପ୍ରତି ସଂଶୟ ସୃଷ୍ଟି କରୁଛି। ଯଦି ଏପରି ଏକ ସାମାନ୍ୟ ପ୍ରସଙ୍ଗରେ ସହମତି ସୃଷ୍ଟି ହୋଇପାରୁ ନାହିଁ, ତାହେଲେ ଆଗାମୀ ଦିନରେ ଓଡ଼ିଶା ନିଜର ହକ୍ ପାଇବା ଦିଗରେ ଛତିଶଗଡ଼ ଯେ ସହଯୋଗ କରିବ, ତାହା ବିରାଟ ପ୍ରଶ୍ନବାଚୀ ଭାବେ ଉଭା ହେଲାଣି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। କେବଳ ଜଳ ବିଶେଷଜ୍ଞ ନୁହନ୍ତି, ବିରୋଧୀ ବିଜେଡି ମଧ୍ୟ ଆପୋସ ଆଲୋଚନାକୁ ନେଇ ସଂଶୟ ପ୍ରକାଶ କରି ଆସୁଛି। ଏନେଇ ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଟ୍ରିବ୍ୟୁନାଲ ଗତ ୮ ବର୍ଷ ମଧ୍ୟରେ କୌଣସି ରାୟ ଦେଇପାରିଲେ ନାହିଁ। ଆସନ୍ତା ୯ ମାସ ମଧ୍ୟରେ ଏନେଇ କୌଣସି ନିଷ୍କର୍ଷ ବାହାରିବା ନେଇ ସମ୍ଭାବନା ଦେଖାଦେଉନାହିଁ। ସରକାର ଆପୋସ ସମାଧାନର କଥା କହୁଛନ୍ତି।ଆପୋସ ସମାଧାନ ପାଇଁ ଛତିଶଗଡ଼ ଆଦୌ ଆଗ୍ରହୀ ନୁହନ୍ତି। ଓଡ଼ିଶା ସରକାର ଏନେଇ ପ୍ରସ୍ତାବ ଦେଇଥିଲେ ହେଁ ଛତିଶଗଡ଼ ସରକାର ଏନେଇ କୌଣସି ସକରାତ୍ମକ ଆଭିମୁଖ୍ୟ ରଖୁନାହାନ୍ତି। ତେଣୁ ଆପୋସ ସମାଧାନ ଏକ ପ୍ରହେଳିକାରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

### ରାଉରକେଲା କ୍ରୀଡ଼ା...

ଅଂଶଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍, ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ସେମାନଙ୍କ ସ୍ୱପ୍ନକୁ ସାକାର କରିବ ରାଷ୍ଟ୍ରପତି ଆଶାପୋଷଣ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ସିଭିଲ ଟାଉନସିପ୍ ଠାରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ୪୦ କୋଟିଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ଜନଜାତି ଆଦିବାସୀଙ୍କ ଜୀବିକା ଓ ଜୀବନ ଶୈଳୀଉପରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଲୋକାର୍ପଣ କରିଛନ୍ତି। ୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ଉଦ୍‌ଘାଟନ କରିଥିଲେ ରାଷ୍ଟ୍ରପତି। ସେହିଭଳି ଛେଣ୍ଡ ଠାରେ ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଆଭାସୀ ଯୋଗେ ଏୟାରପୋର୍ଟ ସଭାସ୍ଥଳରୁ ଲୋକର୍ପଣ କରିଥିଲେ। ରାଉରକେଲା ଆଦିବାସୀ ସଂଗ୍ରହାଳୟରେ ସ୍ଥାପିତ ୧୮୦ ଡିଗ୍ରୀରେ ଇଣ୍ଟରଆକ୍‌ଟିଭ୍ ପ୍ରୋଜେକ୍ସନ ୱାଲରେ ଆଦିବାସୀ ଜନଜାତିର ଜୀବନ୍ତ ପ୍ରତିଛବି ଦର୍ଶକଙ୍କୁ ବେଶ୍ ଆକର୍ଷଣ କରିବ। ଏହା ଏକ ମ୍ୟୁଜିୟମ ନୁହେଁ ଏହା ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଉଦ୍‌ଘାଟନ ପରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସୁପରିଚାଳିତ ହେବ। ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିୟମ୍ ଆମ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ବିଷୟରେ ଅନୁସନ୍ଧିତ୍ସୁ ହେବାରେ ସହାୟକ ହେବାସହ ସେମାନଙ୍କର ବୌଦ୍ଧିକ ବିକାଶ ହେବ। କୋଏଲ ନଦୀକୂଳରେ ନିର୍ମଳ ମୁଣ୍ଡା ପରିବେଶ ପଥ ଜନସାଧାରଣଙ୍କୁ ଅବସର, ବିନୋଦନ, ବ୍ୟାୟାମ, ଯୋଗ ଓ ବିଶ୍ରାମ କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।

ସୂଚନାଯୋଗ୍ୟ ଯେ ଅଢେଇ ହଜାରରୁ ଅଧିକ ଛାତ୍ରଛାତ୍ରୀ ଓ ୩୪ ଟି ନୃତ୍ୟ ଦଳ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରି ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ନୃତ୍ୟ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀ ଓ କଳାକାରଙ୍କ ପାଖକୁ ଯାଇ ରାଷ୍ଟ୍ରପତି ହାତ ମିଳାଇବା ସହ ଫଟୋ ଉଠାଇଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେଇଥିଲେ।

### ଶିକ୍ଷୟିତ୍ରୀ ନିଖୋଜ...

ବାରିପଦା ସଦର ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ଅଭିଯୋଗକୁ ଆଧାର କରି ସଦର ଆଇଆଇସି ସସ୍ମିତା ମହାନ୍ତ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ଶିକ୍ଷୟିତ୍ରୀଜଣଙ୍କ ଗୃହଗଣନା କାର୍ଯ୍ୟ ଚାପ ସହି ନପାରି ମୋବାଇଲ ସ୍ୱିଚ୍-ଅଫ୍ କରି ବାରିପଦାରୁ ଟ୍ରେନ୍ ଯୋଗେ ପଳାଇ ବାଲେଶ୍ୱର ଷ୍ଟେସନ୍ ଯାତ୍ରୀ ବିଶ୍ରାମ କକ୍ଷରେ ଦୁଇ ଦିନ ରହିଥିଲେ। ଉଭୟ ରେଳ ଷ୍ଟେସନ୍‌ର ସିସିଟିଭି ଯାଞ୍ଚ ପରେ ପୁଲିସକୁ ସଫଳତା ମିଳିଛି।

### ଝାରସୁଗୁଡ଼ା ଦେଶର...

ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକରେ ଉଷ୍ଣ ଆର୍ଦ୍ର ପାଣିପାଗ ଆଶଙ୍କା ସହ ୟେଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ, ଅପରାହ୍ଣ ପରେ ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ହାଲୁକା ବର୍ଷା ଏବଂ ଘଣ୍ଟା ପ୍ରତି ୩୦-୪୦ କିମି ବେଗରେ ପବନ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।


ADITYA BIRLA CAPITAL
FINANCE

Regd Office: Indian Rayon Compound, Veraval, Gujarat - 362 266 | (T) +91-22-6723 9101 | (Toll free) 1800 270 7000 | CIN: L64920GJ2007PLC058890 | www.adityabirlacapital.com

**ସୂଚନା**

ଏଠାରେ ସୂଚନା ଦିଆଯାଇଛି ଯେ 23 ଜୁଲାଇ 2026 ଠାରୁ,
**ଆଦିତ୍ୟ ବିର୍ଲା କ୍ୟାପିଟାଲ୍ ଲିମିଟେଡ୍, ପୁରୀ ଶାଖା**
ନିମ୍ନଲିଖିତ ପରିସରକୁ ସ୍ଥାୟୀ ଭାବରେ ବନ୍ଦ କରିବ -

**ସମାପ୍ତ ସ୍ଥାନ ଠିକଣା:**
ଦ୍ୱିତୀୟ ମହଲା, ଭିଆଇପି ରୋଡ୍,
ନୂତନ ସଦର ଥାନା ସାମ୍ନାରେ,
ପୁରୀ, ଓଡ଼ିଶା - 752001

**ଆଦିତ୍ୟ ବିର୍ଲା କ୍ୟାପିଟାଲ୍ ଲିମିଟେଡ୍ ପାଇଁ**
ସ୍ଥାନ: ପୁରୀ — **ଏସ୍‌ଡି/-**
ଡିଓପି: 22 ଏପ୍ରିଲ 2026 — ଅଧିକୃତ ସ୍ୱାକ୍ଷରକାରୀ



**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.02-KUR-TRD-OT-2026-27

**କାର୍ଯ୍ୟର ନାମ:** ଡିପୋଜିଟ୍ ସ୍କିମ୍‌ରେ ବାହ୍ୟ ଠେଲିବା ପ୍ରଣାଳୀ ଦ୍ୱାରା ଖୋର୍ଦ୍ଧା ରୋଡ୍(KUR) ମଣ୍ଡଳରେ ବଲଗୁଡା-ବାଂଶପାଣୀ ଶାଖା ଲାଇନ୍‌ରେ ବାସୁଆପାଳ (BGPL) ଏବଂ ସୁକିନ୍ଦା ରୋଡ୍ (SKND) ଷ୍ଟେସନ ମଧ୍ୟରେ କି.ମି.164.199 (164/4-6) ଠାରେ ରେଳୱାଇ କ୍ରସିଂ ... ପ୍ରକଳ୍ପ (ବାମ ପାର୍ଶ୍ୱ ଲେନାଇ-II) ନିମନ୍ତେ RCC ବାକ୍ସ ବ୍ରିଜ୍ ନଂ.442B (3x2x4.5 x4.25M) ର ପ୍ରସ୍ତାବିତ ନିର୍ମାଣ ସମୟରେ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 25,89,110.51, EMD (ଟଙ୍କାରେ): 51,800/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ: ତା.24.04.2026ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.05.2026 ରିଖ 1300 ଘଣ୍ଟାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନୋଟିସରୁ ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-65/R/26-27



**AFFIDAVIT**

By virtue of an affidavit sworn before Executive Magistrate, Nayagarh dated 16.05.2025. I, Rasmita Dash, aged 33 years, D.O.B. 05.07.1992, wife of Sri Upendra Kumar Dash of Vill- Solapata (Main Road), Po- Gotisahi, Ps- Sarankul, Dist- Nayagarh (Odisha), Pin- 752070 declare that I have changed my son's name from Jagannath Dash to Rohit Dash. Henceforth, he shall be known as **Rohit Dash** for all purposes.

Sd/-Rasmita Dash



**NOTICE**

By virtue of an affidavit sworn before Notary Public Nayagarh dated 13.04.26, I, Kausalya Jena, W/o- Late Abhimanyu Jena, At/Po - Sikharpur, P.S - Sarankul, Dist - Nayagarh, State - Odisha, Pin - 752080 declare that I have changed my name from Kausalya Bewa to **Kausalya Jena.** Henceforth, I shall be known as **Kausalya Jena** for all purposes.

Kausalya Jena



**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001** 13001/254/2627
**e-Procurement NOTICE**
**Bid Identification No.: BPM /02/2026-27**
**Bid Identification No.: BPM /1492, Dt.: 17/04/2026**

The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works: **14 (Fourteen) numbers**
2. Estimated Cost: **₹5.88 lakhs to ₹16.94 lakhs**
3. Period of completion: **As per NIT**
4. Date and Time of Availability of the bid documents in the portal:
**From 11:00 AM of 18.04.2026**
**To 05:00 PM of 28.04.2026**
5. Last Date/Time for receipt of bids in the portal: **05:00 PM of 28.04.2026**
6. Bids will be opened on: **05:30 PM of 28.04.2026**
7. Name and address of the officer inviting Officer inviting bid: **Executive Officer, Bhawanipatna Municipality**

Sd/- Executive Officer,
Bhawanipatna Municipality

OIPR-13001/13100/1/26-27/0004



**OFFICE OF THE MUNICIPAL COUNCIL, SONEPUR**
**e-Procurement Notice**
**Bid Identification No.: SNP-MUN-36/2025-26**
**Tender ID: 2026_ORULB_128169**
**Tender Call Notice No.: 1029 / Date: 16.04.2026**
13001/248/2627

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of Work: **As per DTCN**
2. No. of Works: **19 Nos.**
3. Amount Put to Tender: **As per DTCN**
4. Period of Completion: **As per DTCN**
5. Starting date & Time of Bidding: **from Dt. 17.04.2026 from 11:00 AM**
6. Last Date & Time for Receipt of tenders through online : **on or before Dt. 27.04.2026 up to 05:00 PM**
7. Bid received online shall be opened on : **on Dt. 28.04.2026 at 11:00 AM**
8. Name and address of the Officer inviting Bid: **Executive Officer, Sonepur Municipality**

Further details can be seen from the procurement portal i.e. www.tendersodisha.gov.in

Sd/- Executive Officer
Sonepur Municipality

OIPR-13001/13098/1/26-27/0003



**AFFIDAVIT**

I, SATTI VEER RAGHAVA REDDY, S/o- Satti Veer Reddy, residence of Parmanpur Farm, Po.- Tope, Ps.- Attabita, Dist.- Bargarh (Odisha) declare vide this Affidavit Sl. no.- 944 that, now onwards I shall be known as **SATTI BIRARAGHAB REDDY** for all purposes.



**AFFIDAVIT**

I, Sipra Saha, aged about 44 years, W/o- Sudipta Saha, permanent resident of At- New Dangal Para, Po/Ps: Suri, Dist: Birbhum, State: West Bengal, PIN: 731101, present resident of At- IIT Bhubaneswar, Argul Campus, Po/Ps: Jatni, Dist: Khordha, State: Odisha, PIN: 752050 declared by this affidavit No. 04, dtd- 18/06/2024 that now onwards I shall be known as **SIPRA DEY** for all future purposes.



34001/96/2627

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SE DKL. (R&B). 03/ 2026-27
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 2 Nos Civil works |
| 3. | No. of work | : | 02 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'B' & 'C' License |
| 6. | Availability of Bid Documents in the website | : | From 10.00 AM of 24.04.2026 to 5.00 PM of 08.05.2026 |
| 7. | Date of Opening of Bid | : | Dt. 09.05.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division

OIPR-34001/34016/1/26-27/0003



**LOST**

We, AGM, Bhubaneswar Main Branch (0041), Unit-1, Rajpath, Bhubaneswar hereby declared that, **Original LIC Policy No.: 587508123 and 598312900** relating to Loan A/c of Mr. Pradip Chandra Mohanty has been lost in our bank/ department. Inspite of our best effort we could not trace these documents. If anyone find these policies please inform us.
**Contact No- 9938234040**



**NOTICE INVITING TENDER** 13001/263/2627
**OFFICE OF THE MUNICIPAL COUNCIL, NAYAGARH (Odisha), PIN-752069**
Email: nacnayagarh@yahoo.co.in
**Tender Call Notice No.: 893 / Dt. 16.04.2026**
**E-Procurement Notice No.: MUNLNGR-06/2025-26**

| | | | |
|---|---|---|---|
| 1 | Name of Work | : | Civil Works |
| 2 | No. of Works | : | 08 Nos. |
| 3 | Value of Works | : | ₹1,69,575/- to ₹16,96,232/- |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | Dt. 20.04.2026 |
| 7 | Date and Time of Availability of Document in the portal. | : | Form Dt. 20.04.2026 at 10 AM to Dt. 04.05.2026 up to 5 PM |
| 8 | Last Date/Time of receipt of bids in portal | : | Dt. 04.05.2026 up to 5 PM |
| 9 | Last date of Submission of original Documents in this Office | : | On or before 1.00 P.M. on Dt. 07.05.2026 by Register Post / Speed Post / Courier Service (No Tender Box) at Municipal Office, Nayagarh. |
| 10 | Date and Time of opening Bid Opening | : | Dt. 08.05.2026 at 11.00 AM at Municipality Office, Nayagarh |
| 11 | Name and address of the officer inviting bid | : | Sd/- Executive Officer, Nayagarh Municipality |

Further details can be seen from e-Procurement Portal **https://tendersodisha.gov.in**
OIPR-13001/13134/1/26-27/0002



**LOST**

I **Smt. Anusaya Sasmal,** W/o: Dhabaleswar Sasmal, resident of Plot No.: 1584, Prachi Colony, Lingipur, PO: Sisupalgarh, PS: Dhauli, Bhubaneswar, Dist.: Khordha, Odisha, do hereby states that, on 18.04.2026 when I was travelling from my home to Punjab National Bank situated at Dhauli, I was carrying the original Regd. Sale deed bearing No.: 11081013965, dt. 05.06.2010 executed in favour of Pruthiraj Malla and GPA-15007 dt. 02.09.2009 executed in favour of Pratap Chandra Routray which is just the link document of my sale deed No.: 11082305318 dt. 25.04.2023 with other documents, the same has been misplaced on the way and after my best effort I could not be able to trace out the same. If anybody find this please Contact: 9910467640

## ଜଳେଶ୍ୱର କ୍ଷେତ ମଜଦୁର ୟୁନିଅନର ବ୍ଲକ ସମ୍ମିଳନୀ

**ଜଳେଶ୍ୱର ବ୍ଲକ, ୨୧।୪ (ସମିସ):** ଜଳେଶ୍ୱର ସି.ଆଇ.ଟି.ୟୁ ଅଫିସରେ ଆଜି କ୍ଷେତମଜଦୁର ୟୁନିଅନ୍ ର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଦିଲ୍ଲୀପ ଗିରି ଲାଲ୍ ପତକା ପ୍ରଥମେ ଉତ୍ତୋଳନ କଲାପରେ ୧୫ଟି ପଞ୍ଚାୟତରୁ ଆସିଥିବା ପ୍ରତିନିଧି ମାନେ ସହୀଦ୍ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅବ୍‌ଜରଭାବେ ଆସିଥିବା ରାଜ୍ୟ ନେତା ସାଥୀ ବିକର୍ତ୍ତନ କବି ସଂଗ୍ରାମୀ ସଂଗୀତ ଗାନ କରିବା ସହିତ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଶ୍ରମିକ,କୃଷକ ସମିତିର ବ୍ଲକ ନେତୃତ୍ୱ ଦୀପ୍ତିମାନ ଆଚାର୍ଯ୍ୟ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ପରେ କ୍ଷେତ ମଜଦୁର ୟୁନିଅନର ବ୍ଲକ ସଂପାଦକ ସୁଶାନ୍ତ ରାଉତ ଗତ ତିନିବର୍ଷରେ ହୋଇଥିବା କାର୍ଯ୍ୟକ୍ରମ ବିଷୟରେ ରିପୋର୍ଟ ପାଠ କରିଥିଲେ। ରିପୋର୍ଟ ଉପରେ ସାଥୀ ନିରୋଜ ବେହେରା, ପଲଟୁ ଦାସ,ବୈଦ୍ୟନାଥ ବାଟିକାର, ମଦନମାହାଲି, ରାଧାଶ୍ୟାମ ବିଶ୍ୱାଳ, ଆଦି ପ୍ରତିନିଧିମାନେ ଅଂଶଗ୍ରହଣ କରିମତ ପ୍ରଦାନ କରିଥିଲେ। ବରିଷ୍ଠ ବାମପନ୍ଥୀ ନେତା ଶିଶିର ହୁଇ କ୍ଷେତମଜଦୁର ମାନଙ୍କ ଅଧିକାର ଓ କାର୍ଯ୍ୟପନ୍ଥା ଉପରେ ସବିଶେଷ ତଥ୍ୟ ଉପସ୍ଥାପନା କରିବା ସହିତ ଆଗାମୀ ମେ୨୩ ତାରିଖ ଜଳେଶ୍ୱରରେ କ୍ଷେତମଜଦୁର ୟୁନିଅନ ର ରାଜ୍ୟ ସମ୍ମିଳନୀକୁ ସାକାର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ସହ ପଦକ୍ଷେପ ମୂଳକ କାର୍ଯ୍ୟକ୍ରମ କରିବାକୁ ନେତୃତ୍ୱ ପ୍ରତିନିଧିମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ଆଗାମୀ ୩ ବର୍ଷ ପାଇଁ ଏକ ୨୩ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦୀପ୍ତିମାନ ଆଚାର୍ଯ୍ୟ, ଉପ ସଭାପତି ଭାବେ ନିରୋଜ ବେହେରା, ସଂପାଦକ ଭାବେ ସୁଶାନ୍ତ ରାଉତ୍, ସହ ସଂପାଦକ ଭାବେ ବୈଦ୍ୟନାଥବାଟିକାର ଓ ରାଧାଶ୍ୟାମ ବିଶ୍ୱାଳ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ସିଆଇଟିୟୁର ବ୍ଲକ ସଂପାଦକ ପଲଟୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପକୂଳ ଗାଁକୁ ଚିନ୍ତାରେ ପକାଉଛି ବେଆଇନ ଇଟାଭାଟି

ଚନ୍ଦନେଶ୍ୱର, ୨୧।୪ (ବନମାଳୀ ବେହେରା)



ଭୋଗରାଇ ବ୍ଲକର ଉପକୂଳ ଅଞ୍ଚଳରେ ବେଆଇନ ଭାବେ ବଢୁଥିବା ଇଟାଭାଟି ଏବେ ସ୍ଥାନୀୟ ଲୋକମାନଙ୍କ ପାଇଁ ଗୁରୁତର ଚିନ୍ତାର କାରଣ ହୋଇଉଠିଛି। ଦିନକୁ ଦିନ ଇଟାଭାଟିର ସଂଖ୍ୟା ବୃଦ୍ଧି ପାଉଥିବା ସହ ପରିବେଶ ପ୍ରଦୂଷଣ ବଢୁଛି ଓ କୃଷିଜମିର ଉର୍ବରତା ହ୍ରାସ ପାଉଥିବା ଦେଖାଯାଉଛି। ବିଶେଷକରି ନଦୀକୂଳ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ଇଟାଭାଟିଗୁଡିକୁ ନେଇ ପ୍ରଶାସନର ଅବହେଳା ଉପରେ ସ୍ଥାନୀୟମାନେ ପ୍ରଶ୍ନ ଉଠାଇଛନ୍ତି। ଭୋଗରାଇ ବ୍ଲକର ଜୀବନରେଖା ଭାବେ ପରିଚିତ ସୁବର୍ଣ୍ଣରେଖା ନଦୀକୂଳ ଅଞ୍ଚଳ ଉର୍ବର କୃଷିଭୂମି ପାଇଁ ପରିଚିତ। ଏଠାରେ ଚାଷୀମାନେ ଧାନ, ତୈଳବୀଜ ଓ ବିଭିନ୍ନ ପନିପରିବା ଚାଷ କରି ନିଜ ଜୀବିକା ଚଳାଇଥାନ୍ତି। କିନ୍ତୁ ଇଟାଭାଟିର ବେପରୁଆ ବିସ୍ତାର ଏହି ପାରମ୍ପରିକ କୃଷି ପ୍ରଣାଳୀକୁ ଗଭୀର ଭାବରେ ପ୍ରଭାବିତ କରୁଛି। ସୁବର୍ଣ୍ଣରେଖା ନଦୀକୂଳରେ ଅନେକ ଚଦର ଓ ଚିମିନି ଇଟାଭାଟି ବେଆଇନ ଭାବେ ଚାଲୁଛି। ସରକାର ପକ୍ଷରୁ ସିମେଣ୍ଟ ଇଟା ବ୍ୟବହାରକୁ ପ୍ରୋତ୍ସାହନ ଦେଉଥିଲେ ମଧ୍ୟ ଏହାକୁ ଅମାନ୍ୟ କରି ମାଟି ଇଟା ତିଆରି ହେଉଛି। ଏହା ଫଳରେ ନଦୀକୂଳର ଉର୍ବର ମାଟି କ୍ରମେ କ୍ଷୟ ହେଉଥିବା ବେଳେ ଚାଷଯୋଗ୍ୟ ଜମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ଏହା ସହିତ ଅତ୍ୟଧିକ ମାଟି ଖନନ ଯୋଗୁଁ ନଦୀ ତଟ ଦୁର୍ବଳ ହୋଇପଡୁଛି। ବନ୍ୟା ସମୟରେ ଅତଡ଼ା ଖସିବା ଘଟଣା ବଢ଼ିବାରୁ ବନ୍ୟା ପାଣି ସହଜରେ ଗାଁ ଓ କୃଷିଜମିକୁ ପ୍ରବେଶ କରି ବ୍ୟାପକ କ୍ଷତି ସୃଷ୍ଟି କରୁଛି। ଏହା ଉପକୂଳ ଅଞ୍ଚଳର ଜୀବନଯାପନକୁ ଆହୁରି ସଙ୍କଟଗ୍ରସ୍ତ କରିଦେଇଛି। ଅନ୍ୟପଟେ ଇଟାଭାଟିରୁ ନିସ୍ସରିତ ଧୂଆଁ, ଧୂଳିକଣା ଓ ଅଙ୍ଗାରକାମ୍ଳ

**ବଢୁଛି ପ୍ରଦୂଷଣ, କମୁଛି ଜମିର ଉର୍ବରତା**

ବାଷ୍ପ ପରିବେଶକୁ ଗୁରୁତର ଭାବରେ ପ୍ରଦୂଷିତ କରୁଛି। ଫଳରେ ଆଖପାଖ ଅଞ୍ଚଳ ଧୂଆଁରେ ଆବୃତ ହୋଇ ରହୁଥିବା ବେଳେ ଲୋକମାନଙ୍କ ମଧ୍ୟରେ ଶ୍ୱାସକଷ୍ଟ, ଆଲର୍ଜି ଓ ଅନ୍ୟାନ୍ୟ ରୋଗ ବଢୁଥିବା ଦେଖାଯାଉଛି। ଇଟା ପୋଡ଼ିବା ପାଇଁ ବହୁ ପରିମାଣରେ କାଠ ଓ କୋଇଲା ବ୍ୟବହାର ହେଉଥିବାରୁ ଗ୍ରାମ୍ୟ ଜଙ୍ଗଲ ସମ୍ପଦ ମଧ୍ୟ କ୍ରମେ ନଷ୍ଟ ହେଉଛି। ଏହା ପରିବେଶୀୟ ସନ୍ତୁଳନକୁ ଅସ୍ଥିର କରିବା ସହ ଜଳବାୟୁ ପରିବର୍ତ୍ତନର ଆଶଙ୍କାକୁ ବଢ଼ାଇ ଦେଉଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ଅନେକ ଇଟାଭାଟି ଆବଶ୍ୟକ ଅନୁମତି ବିନା କିମ୍ବା ନିୟମ ଭଙ୍ଗ କରି ଚାଲୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପ୍ରଭାବଶୀଳ ପଦକ୍ଷେପ ହେଉନାହିଁ। ଏହି ଅବସ୍ଥାରେ ଏପରି କାର୍ଯ୍ୟକଳାପ ଅନିୟନ୍ତ୍ରିତ ଭାବେ ବଢ଼ିବାରୁ ସମସ୍ୟା ଆହୁରି ଗୁରୁତର ହେଉଛି। ଏହି ପରିସ୍ଥିତିରେ ସ୍ଥାନୀୟ ଲୋକମାନେ ବେଆଇନ ଇଟାଭାଟିଗୁଡିକୁ ତୁରନ୍ତ ବନ୍ଦ କରିବା, ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନେବା ଓ ପରିବେଶ ନିୟମର କଡାକଡି ପାଳନ ସୁନିଶ୍ଚିତ କରିବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି। ସମୟମତେ ଯଥାଯଥ ପଦକ୍ଷେପ ଗ୍ରହଣ ନହେଲେ ଏହା ଆଗାମୀ ଦିନରେ ଉପକୂଳ ଅଞ୍ଚଳର ପରିବେଶ ଓ ଜନଜୀବନ ପାଇଁ ଗୁରୁତର ସଙ୍କଟ ଆଣିପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।

## ଜଳେଶ୍ୱର ରେଳଷ୍ଟେସନ ମ୍ୟାନେଜରଙ୍କୁ ଦାବିପତ୍ର

**ଜଳେଶ୍ୱର ବ୍ଲକ, ୨୧।୪ (ସମିସ):** ମଙ୍ଗଳବାର ଜଳେଶ୍ୱର ଷ୍ଟେସନ ପରିସରରେ ସମାଜ କଲ୍ୟାଣ ବିକାଶ ପରିଷଦ, ଜଳେଶ୍ୱର ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ସ୍ମାରକପତ୍ର ଜଳେଶ୍ୱର ରେଲୱେ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂହଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମାଜ କଲ୍ୟାଣ ବିକାଶ ପରିଷଦ ର ଉପସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ତଥା ସମାଜ କଲ୍ୟାଣ ବିକାଶ ପରିଷଦ ଜଳେଶ୍ୱରର ଏଡଭାଇଜର କମଳ ଚକ୍ରବର୍ତ୍ତୀ ତଥା ସମାଜ କଲ୍ୟାଣ ବିକାଶ ପରିଷଦ ର କୋଷାଧ୍ୟକ୍ଷ ବନମାଳୀ ଧଳ ସହିତ ଷ୍ଟେସନ ମ୍ୟାନେଜର ଙ୍କୁ ଏକ ସ୍ମାରକ ପତ୍ର ଜଳେଶ୍ୱର ଷ୍ଟେସନ ର ସାମଗ୍ରିକ ବିକାଶ ସହିତ ୪୬ ନମ୍ବର ଲେବୁଲକ୍ରସିଙ୍ଗ ଠାରେ ନୂତନ ଓଭରବ୍ରିଜ୍ ନିର୍ମାଣ ସହିତ



ଜଳେଶ୍ୱର ଷ୍ଟେସନରେ ଫୁଟ ଓଭରବ୍ରିଜ୍ ନିର୍ମାଣ ରେ ଅହେତୁକ ବିଳମ୍ବ ଯୋଗୁଁ ଆଇରନ ଷ୍ଟ୍ରକଚରରେ ଅତିଶୀଘ୍ର ଏକ ଫୁଟ ଓଭରବ୍ରିଜ ନିର୍ମାଣ, ଅମୃତ ଭାରତ ଷ୍ଟେସନ ଅନ୍ତର୍ଭୁକ୍ତ କାର୍ଯ୍ୟ ଅତ୍ୟନ୍ତ ନୈରାଶ୍ୟଜନକ, ସମସ୍ତ ସାପ୍ତାହିକ ଟ୍ରେନ ଅପ ଏବଂ ଡାଉନ୍ ଜଳେଶ୍ୱର ଷ୍ଟେସନ ରେ ରହଣୀ, ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ଭକ୍ତ କବି ଦୀନକୃଷ୍ଣ ଦାସ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଜଳେଶ୍ୱର ରୁ ପୁରୀ ମେମୁ ଟ୍ରେନ କୁ କବି ଦୀନକୃଷ୍ଣଙ୍କ ନାମ ରେ ନାମ କରଣ କରିବା, ଭୋଗରାଇ ର ଜଳେଶ୍ୱରପୁର ଛକରେ ରେଲୱେ ର ଏକ ଟିକଟ କାଉଣ୍ଟରର ସେଲିଂ ଦୀଘା ଷ୍ଟେସନ ନାମରେ ନଯାଇ ଜଳେଶ୍ୱର ଷ୍ଟେସନର ରେଭନ୍ୟୁ ସହିତ ଯୋଡ଼ିବା, ବଗି ଇଣ୍ଡିକେଟର୍ କାର୍ଯ୍ୟ ସମାପନ ହୋଇଥିଲା ବେଳେ କାର୍ଯ୍ୟ କରିବାରେ ବିଳମ୍ବ,ଏ ସମସ୍ତ ଦାବି କୁ ଆଖି ଆଗରେ ରଖି ଜଳେଶ୍ୱର ସମସ୍ତ ଛାମୁଆଁ ସଂଗଠନ ମାନଙ୍କୁ ନେଇ ତା ୨୭ ତାରିଖ ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଏକ ପ୍ରତୀକ ଧାରଣା ଦିଆଯିବ।

## ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖଇରା, ୨୧।୪ (ସମିସ):** ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଇଂରାଜୀ ବିଭାଗ ତରଫରୁ ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଥିବା ପ୍ରାଧ୍ୟାପକ ଡ. ସରୋଜ କୁମାର ଲେଙ୍କାଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ଅଧ୍ୟାପକ ଦତ୍ତାତ୍ରେୟ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡଃ ଲେଙ୍କା ଛାତ୍ରୀଛାତ୍ର ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ତଥା ପରୀକ୍ଷା ପରବର୍ତ୍ତୀ ପ୍ରସ୍ତୁତି ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ପୂଜାରାଣୀ ଦାସ ଏବଂ ସମୃଦ୍ଧିବନ୍ଦିତା ଗାହାଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଐତିହ୍ୟ ଦିବସ ପାଳନ ଉପଲକ୍ଷେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା

**ବାଲେଶ୍ୱର,୨୧।୪(ସମିସ):** ଇନଟାକ ବାଲେଶ୍ୱର ଚାପ୍ଟର ପକ୍ଷରୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ରଥଯାତ୍ରା' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୦ ଟି ବିଦ୍ୟାଳୟର ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। 'ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ ହେବା ଉଚିତ' ଶୀର୍ଷକ ବିଷୟରେ ବିତର୍କ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଶିରିଶ ଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ବେହେରା ଏବଂ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ବିଚାରକ ମଣ୍ଡଳୀ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରୀ ଜ୍ୟୋତିଶ୍ରୀ ଜେନା ପ୍ରଥମ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଦ୍ୱୟ ପ୍ରୀତିମୁଦ୍ରା ପାଣିଗ୍ରାହୀ ଓ କାବ୍ୟରୂପା ସାହୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଶିଷ୍ଟ ସମାଜସେବୀ ଦେବେନ୍ଦ୍ର କୁମାର ଧଳଙ୍କୁ ଇନଟାକର ଆଜୀବନ ସଦସ୍ୟତା ପ୍ରଦାନ କରାଯାଇଥିଲା। ସହ ଆବାହକ ସଂଗ୍ରାମ ଦାସ ଶ୍ରୀ ଧଳଙ୍କୁ ସଦସ୍ୟତା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆବାହକ ଉଦୟ ରଞ୍ଜନ ଦାସ ପ୍ରତିଯୋଗୀଙ୍କୁ ଉଦବୋଧନ ଦେଇଥିଲେ। ଇନଟାକ୍‌ର ସଭ୍ୟ ହରେନ ଚନ୍ଦ୍ର ରଣା, ସତ୍ୟନାରାୟଣ ନନ୍ଦ, ଦେବାଶିଷ ମିଶ୍ର, ସୌରଭ କୁମାର ବେହେରା, ଗୌରୀ ଶଙ୍କର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଇନଟାକ ର ସହ ଆବାହକ ନିକୁଞ୍ଜ ବିହାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ୭୮ ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଓ ବାସ୍କେଟ ବଲ ପ୍ରତିଯୋଗିତା ଉଦ୍‌ଘାଟିତ



**ବାଲେଶ୍ୱର,୨୧।୪(ସମିସ):** ଜିଲ୍ଲା ପୁଲିସ ପକ୍ଷରୁ ଆଜି ବାଲେଶ୍ୱରରେ ୭୮ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଓ ବାସ୍କେଟ ବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏଥିରେ ଓଡ଼ିଶା ପୁଲିସ ବିଭାଗର ବିଭିନ୍ନ ୟୁନିଟର୨୭ଟିମ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୨୫ତାରିଖରେ ଏହି ପ୍ରତିଯୋଗିତା ଶେଷ ହେବ। ଏହି ଅବସରରେ ସହରର ରିଜର୍ଭ ପୁଲିସ ପଡ଼ିଆ ଠାରେ ପାଂଚ ଦିନିଆ ପ୍ରତିଯୋଗିତାକୁ ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଉଦଘାଟନ କରିବା ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ରାଜ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟରକ୍ଷା, ମାନସିକ, ଶାରିରୀକ ଏବଂ କ୍ରୀଡ଼ାକ୍ଷେତ୍ରରେ ଦକ୍ଷତା ପ୍ରତିପାଦନ ସାଙ୍ଗକୁ ମନୋବଳ ବୃଦ୍ଧି କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହାଛଡ଼ା ପୂର୍ବରୁ ରାଜ୍ୟ ପୁଲିସ କ୍ରୀଡ଼ା କ୍ଷେତ୍ରରେ ବହୁବାର ସଫଳତା ଓ ଖ୍ୟାତି ଅର୍ଜନ କରି ଆସିଥିବା ବେଳେ ଏଥର ମଧ୍ୟ ସେମାନଙ୍କୁ ଅନୁରପ ସଫଳତା ମିଳିବ ବୋଲି ଡିଆଇଜି ଶ୍ରୀ ମିଶ୍ର କହିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଡିସନାଲ ଏସପି ଦେବଜ୍ୟୋତି ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟତମ ଆଡିସନାଲ ଏସପି ଗାୟତ୍ରୀ ପ୍ରଧାନ ଶେଷରେ ଧନ୍ୟବାଦ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇପିଏସ ପ୍ରବେସନର ମନୀଷା ଶଗୁନ, ମୟୂରଭଞ୍ଜ ଏସପି ଓ ଭଦ୍ରକର ବରିଷ୍ଠ ଅଧିକାରୀ ପ୍ରମୁଖ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଡ଼ିସନାଲ ଏସପି ହୋମଗାଡର୍ ଯୋଗେଶ ଓରାମ, ଡିଏସପି ପ୍ରଜ୍ଞା ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ବିଭିନ୍ନ ଥାନାର ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନାବାଳିକା ଝିଅକୁ ଉଦ୍ଧାର ପାଇଁ ବାପାର ଆକୁଳ ନିବେଦନ

**କାଳିପଦା, ୨୧।୪ (ସମିସ):** ଜନୈକ ବାପା ତାଙ୍କ ନାବାଳିକା ଝିଅର ଉଦ୍ଧାର ପାଇଁ ଏବେ ପୁଲିସ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ଘଟଣାକୁ ଏକ ମାସ ପୂରିବାକୁ ଯାଉଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ବ୍ୟବହାର କରୁଥିବା ଏକ କାରକୁ କେବଳ ଜବତ କରି ହାତ ବାନ୍ଧି ବସିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରି ନାହିଁ କି ନାବାଳିକାକୁ ଉଦ୍ଧାର କରିବାକୁ ସକ୍ଷମ ହୋଇ ନାହିଁ। ତେବେ ଆସନ୍ତା ଏକ ସପ୍ତାହ ମଧ୍ୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେଲେ ନ୍ୟାୟ ଚାହୁଁଥିବା ବାପା ଜଣକ ଥାନା ଆଗରେ ଆଗାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ବାଲିଆପାଳ ଥାନା ଅନ୍ତର୍ଗତ ଖଳାମୁହାଣୀ ଗ୍ରାମର ମଦନ ମୋହନ ସାହୁଙ୍କ ନାବାଳିକା ଝିଅ ସ୍ଥାନୀୟ ସୁବର୍ଣ୍ଣ ରେଖା କଲେଜରେ ଯୁକ୍ତ ଦୁଇରେ ପଢେ। ଝିଅଟି ଘରୁ ଟ୍ୟୁସନ ଓ କଲେଜ ଯିବା ବାଟରେ ନୂଆଗାଁ ଗ୍ରାମର ଚନ୍ଦନ ଦାସ ତାକୁ ଅଟକାଇ ପ୍ରେମ ନିବେଦନ କରୁଥିଲା। ଏକଥା ଝିଅ ତା ମାଆକୁ କହିଲା ପରେ ପରିବାର ଲୋକ ତା ସହିତ ମିଶିବାକୁ ବାରଣ କରିଥିଲେ। ଗତ ଫେବୃଆରୀ ମାସ ୨୩ ତାରିଖ ଦିନ ଚନ୍ଦନ ନିଜ କାରରେ ଝିଅକୁ ଉଠାଇ କେଉଁ ଆଡେ ନେଇ ପଳାଇଛି। ଏ ନେଇ ଶ୍ରୀ ସାହୁ ବାଲିଆପାଳ ଥାନା, ଏସ ପି, ଡି ଆଇ ଜି ପ୍ରମୁଖଙ୍କୁ ଜଣାଇବା ପରେ

**ଅଭିଯୁକ୍ତର କାର ଜବତ କରି ଚୁପ୍ ବସିଛି ପୁଲିସ**

ଚନ୍ଦନ ନାବାଳିକାକୁ ଥାନାରେ ଛାଡି ଚମ୍ପଟ ମାରି ଥିଲା। ସେତେବେଳେ ନାବାଳିକାର ବାପା ଶ୍ରୀ ସାହୁ ପୁଲିସକୁ ସନ୍ଦେହ କରିଥିଲେ। ଡାକ୍ତରୀ ପରୀକ୍ଷା ପରେ ନାବାଳିକାକୁ ପୁଲିସ ୨୪ତାରିଖ ଦିନ ଶ୍ରୀ ସାହୁଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କଲେ ନାହିଁ। ଏହାର ସୁଯୋଗ ରେ ଗଲା ଏପ୍ରିଲ୧୭ ତାରିଖ ଦିନ ଚନ୍ଦନ ଓ ତାଙ୍କର କେତେ ଜଣ ସହ ଯୋଗୀ ନାବାଳିକାକୁ ଜୋର ଜବରଦସ୍ତ ଉଠାଇ କେଉଁ ଆଡେ ଫେରାର ହୋଇ ଗଲେ। ଗତ ୧୮ ତାରିଖ ଦିନ ପୁଲିସ ଅଭିଯୁକ୍ତର ମାଆ ବାପାଙ୍କୁ ଥାନାକୁ ଡକାଇ ପଚରା ଉଚରା କରି ଛାଡିଦେଇଛି। ଶ୍ରୀ ସାହୁ ଡି ଆଇ ଜି ଙ୍କୁ ଜଣାଇବାରୁ ଏକ ପୁଲିସ ଅଧିକାରୀ ବାଲେଶ୍ୱରରୁ ବାଲିଆପାଳ ଥାନାକୁ ଆସି ତଦନ୍ତ କରିବା ସହିତ ଚନ୍ଦନର ଗାଡିକୁ ଜବତ କରିଛି। ଫେରାର ଥିବା ଚନ୍ଦନ ଓ ନାଁ ବାଳିକା ଦୁଇ ଜଣ କୁ ଧରିବା ପାଇଁ ଫୋନ ଟ୍ରାକିଂ କରୁଛି ବୋଲି ପୁଲିସ କହିଛି। ଚନ୍ଦନର ବାପା ମାଆ ଓ ଭିଣୋଇକୁ ପୁଲିସ ଗିରଫ କରୁ ବୋଲି ଶ୍ରୀ ସାହୁ କହିଛନ୍ତି। ତାଙ୍କ ଝିଅକୁ ଚନ୍ଦନ ବାହାରେ ବିକ୍ରି କରିଦେଇଛି ବୋଲି ଶ୍ରୀ ସାହୁ ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି। ପୁଲିସ ତାଙ୍କୁ ନ୍ୟାୟ ନ ଦେଲେ ସେ ଓ ତାଙ୍କ ପତ୍ନୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ମଧ୍ୟ କହିଛନ୍ତି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ସବୁଠି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଘଟଣାକୁ କେନ୍ଦ୍ର କରି ଶ୍ରୀ ସାହୁଙ୍କ ଏତଲା ମୂଳେ ଏପ୍ରିଲ ୧୭ ତାରିଖ ଦିନ ପୁଲିସ କେଶ ନଂ ୦୧୯୪/୨୬ ଓ ଫେବୃଆରୀ ମାସ ୨୫ ତାରିଖ ଦିନ କେଶ ନଂ୦୧୦୨/୨୬ ରେ ଦୁଇଟି ମାମଲା ପଞ୍ଜୀକରଣ କରିଛି।

## ମଦ ଜବତ, ୩ ଗିରଫ

**ସୋର, ୨୧।୪ (ସମିସ):** ସୋର ଆଦର୍ଶ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏକ ଟିମ ସହ ସୋର ଥାନା ଅନ୍ତର୍ଗତ ସବିରା ଗ୍ରାମରେ ଚଢ଼ାଉ କରି ଲମ୍ବୋଦର ସାହୁ ନିକଟରୁ ୩୦ ଲିଟର, ବର୍ତ୍ତନା ଗ୍ରାମର ରତିକାନ୍ତ ରଣା ନିକଟରୁ ୨୫ ଲିଟର ଓ ମୂଳିସିଂ ଗ୍ରାମର ସୁକାନ୍ତି ସିଂ ନିକଟରୁ ୪୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ସୋର ଆଦର୍ଶ ଅବକାରୀ ଥାନା ସହ ଉପ-ନିରୀକ୍ଷକ ବସନ୍ତ ବାରିକ ଓ କ୍ଷୀରୋଦ ସାହୁ କନେଷ୍ଟବଳ ମିନତୀ ପରିଡ଼ା ପ୍ରଭୃତି ସାମିଲ ଥିଲେ।

**● ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

## ୫୬ଟି ଯୋଡ଼ି ବରକନ୍ୟାଙ୍କ ବିବାହ

**ବାଲେଶ୍ୱର,୨୧।୪(ସମିସ):** ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ଆଜି ପଦ୍ମାବତୀ ୱାର୍ଡର ପାର୍କ ପରିସରରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥରେ ମୋଟ ୫୬ଜଣ ବର କନ୍ୟାଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରେ ୪ଜଣ ମୁସଲିମ ସମ୍ପ୍ରଦାୟର ବର କନ୍ୟା ଯୋଡି ରହିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ନବ ବିବାହିତ ଦମ୍ପତିମାନଙ୍କୁ ଆର୍ଶିବାଦ ପ୍ରଦାନ କରିବା ସହ ସେମାନଙ୍କୁ ଆର୍ଥିକ ସହାୟତା ରାଶି ମଧ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବସ୍ତା ବିଧାୟିକା ସୁବାସିନି ଜେନା, ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,



ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଅନଗ୍ରସର ପରିବାରଙ୍କୁ ତାଙ୍କର କନ୍ୟା ବିବାହ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନା ଅଧିନରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ମୋଟ ୬୦ହଜାର ଟଙ୍କା ପ୍ରଦାନ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ତଥା ସଂରକ୍ଷଣ ଦିବସ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨୧।୪ (ସମିସ):** ଅର୍ନ୍ତଜାତୀୟ ପ୍ରତିମୂର୍ତ୍ତି ସଫେଇ ତଥା ସଂରକ୍ଷଣ ଦିବସ ପାଳନ ଅବସରରେ ଆଜି ଜଳେଶ୍ୱର ବ୍ଲକ ପରିସରରେ ବ୍ୟାସକବି ଫକୀରମୋହନ ସେନାପତି ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ପୁରୁଣା କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ପୌର ପରିଷଦ ଉଦ୍ୟାନ ପରିସରରେ ଥିବା ଭକ୍ତ କବି ଦୀନକୃଷ୍ଣ ଦାସ ଓ ପୂର୍ବତନ ନଗରପାଳ ହିମାଂଶୁ ଶେଖର ନନ୍ଦୀଙ୍କ ପ୍ରତିମୂର୍ତ୍ତି ଓ ଶେଷରେ ବଡ଼ ବଜାର ଛକରେ ଅବସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁକୁମାର ରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ରୋଟାରୀ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ ସଭାପତି ପ୍ରାଣକୃଷ୍ଣ ଗିରି,ଦିଗମ୍ବରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପ୍ରତିଷ୍ଠାତା ଡ. ଅଜିତ୍ କୁମାର ମହାନ୍ତି, ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ଉପସଭାପତି ଅଶୋକ କୁମାର ଦାସ, ଜଳେଶ୍ୱର ବିକାଶ ପରିଷଦ ସମ୍ପାଦକ ମନୋରଂଜନ ଦାସ, ଜଳେଶ୍ୱର ଡେଭଲପମେଣ୍ଟ କମିଟି ସଭାପତି ଇ. ରତ୍ନାକର ରାୟ, ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି, ଜଳେଶ୍ୱର ବାର ଆସୋସିଏସନର ସମ୍ପାଦକ ରାଜେଶ କୁମାର ପାତ୍ର, ସୀମାନ୍ତ ଗ୍ରାମୀଣ ମହୋତ୍ସବ କମିଟି କୋଷାଧ୍ୟକ୍ଷ ସୌଭିକ କୁମାର ଜେନା, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଜଳେଶ୍ୱର ମୋହରିର ସଂଘ ସଂପାଦକ ଦୁର୍ଗା ଶଙ୍କର ଆଶ ପ୍ରମୁଖ ଉପସ୍ଥିତ ରହି ଏହି ବନ୍ଦେ ବରପୁତ୍ରମ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



**ପୁଣି ଚର୍ଚ୍ଚାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ**

# ଖେଲୋ ଇଣ୍ଡିଆ ନାଁରେ ଛାତ୍ରଛାତ୍ରୀଙ୍କଠୁ ଟଙ୍କା ଠକେଇ

ବାଲେଶ୍ୱର,୨୧।୪(ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସବୁ ବେଳେ ଚର୍ଚ୍ଚାରେ ରହୁଛି। ଗତବର୍ଷ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ହେଉ କିମ୍ବା ଏବେ ଜଣେ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କ ଅଭିଯୋଗ ହେଉ। ଏହାରି ମଧ୍ୟରେ କଲେଜରେ ପଢୁଥିବା ଜଣେ ଛାତ୍ର ଆର୍ଯ୍ୟ ପ୍ରକାଶ କାନୁନଗୋ ସେଠାରେ ପଢୁଥିବା ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କୁ ଖେଲୋ ଇଣ୍ଡିଆ ନାମରେ ଲକ୍ଷାଧିକ ଟଙ୍କା ଠକି ନେବା ନେଇ ଗୁରୁତର ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀମାନେ କଲେଜର ଅଧ୍ୟକ୍ଷଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ଠକାମିରେ ଶିକାର ହୋଇଥିବା ଛାତ୍ରଛାତ୍ରୀମାନେ କଲେଜ



ପରିସରରେ ଏକ ବିକ୍ଷୋଭ ପ୍ରଦର୍ଶନ କରି କହିଛନ୍ତି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମବିଏ ପ୍ରଥମ ବର୍ଷରେ ଆର୍ଯ୍ୟ ପ୍ରକାଶ ପଢ଼ନ୍ତି। ସେ ଉକ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖେଲୋ ଇଣ୍ଡିଆ ମାଧ୍ୟମରେ ବିଭିନ୍ନ କମ୍ପିଟିସନରେ ଭାଗ ନେବା ପାଇଁ କହିଥିଲେ। ସେଇ ପିଲାମାନଙ୍କୁ କିଟ କ୍ୟାମ୍ପସ ପରିସରରେ ଚଳିତ ମାସ ହେବାକୁ ଥିବା ଇଭେଂଟରେ ଭାଗ ନେବା ପାଇଁ କହିଥିଲେ। ସେମାନେ ଏନେଇ କିଛି ଟଙ୍କା ପ୍ରଦାନ କରିବାକୁ ପଡିବ ବୋଲି କହିଥିଲେ। ଏପରିକି ମହାବିଦ୍ୟାଳୟର ଯୁକ୍ତ ତିନିର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ପିଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଏହା କହିଥିଲା। ଏହାଛଡା ବାହାରୁ ବିଭିନ୍ନ ଅନ୍ୟାନ୍ୟ ପିଲାମାନଙ୍କୁ ମଧ୍ୟ କହିଥିଲା। ଏପରିକି ସେଇ ଛାତ୍ରଛାତ୍ରୀମାନଙ୍କୁ ବ୍ୟାଡମିଂଟନ ହେଉ କିମ୍ବା କବାଡି ହେଉ ଆଦି ଇନଡୋର ଏବଂ ଆଉଟଡୋର ଖେଳରେ ସେମାନଙ୍କୁ ଭାଗନେବା ପାଇଁ କହିଥିଲା। ପାଖାପାଖି ୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କଠାରୁ ପାଖାପାଖି ଅଢ଼େଇ ଲକ୍ଷରୁ ଅଧିକ ଟଙ୍କା ନେଇ ଥିଲା। ଚଳିତ ମାସ ୮ତାରିଖ ଠାରୁ ସେମାନଙ୍କୁ କିଟ ପରିସରରେ ହେବାକୁ ଥିବା ଖେଲୋ ଇଣ୍ଡିଆରେ ସାମିଲ କରିବ ବୋଲି କହିଥିଲା। ତେବେ ଛାତ୍ରଛାତ୍ରୀମାନେ ଆର୍ଯ୍ୟକୁ ଅନଲାଇନ ଏବଂ ନଗଦ ଟଙ୍କା ମାଧ୍ୟମରେ ପ୍ରଦାନ କରିଥିଲେ। ଏପରିକି ସେ ଗୋଟିଏ ଫେକ ଇମେଲ ଆଇଡି ମଧ୍ୟ ଖୋଲି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱାସ କରାଇଥିଲେ। ତେବେ ଖେଳ ସମୟ ହେବାରୁ ସେମାନେ ତାଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଆର୍ଯ୍ୟ ସେମାନଙ୍କୁ ମିଛ କହିଥିଲା। ଏ ନେଇ ସେମାନେ ତାଙ୍କ ଘରକୁ ଯାଇଥିଲେ ସୁଦ୍ଧା ତାଙ୍କ ପରିବାର ଲୋକେ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ଦେଇନଥିଲେ। ଠକାମୀରେ ଶିକାର ହୋଇଥିବା ଛାତ୍ରଛାତ୍ରୀ ସୁବ୍ରତ ନାୟକ, ନିର୍ମଳା ଦାସ, କଲ୍ୟାଣି,ଆଶା କର, ଅର୍ପଣ କ୍ରୀଷ୍ଣା ଦେ ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଭେଟି ଏକ ଲିଖିତ ଭାବେ ଦାବି ପ୍ରଦାନ କରିବା ସହ ସେମାନଙ୍କ ଟଙ୍କା ଫେରସ୍ତ କରିବା ପାଇଁ ଦାବି କରିଥିଲେ। ଅଧ୍ୟକ୍ଷ ଛାତ୍ରଛାତ୍ରୀମାନଙ୍କୁ ସହଦେବଖୁଣ୍ଟା ଥାନାରେ ଲିଖିତ ଭାବେ ଅଭିଯୋଗ କରାଯିବ ବୋଲି ମଧ୍ୟ କହିଛନ୍ତି।

## ବାଉଁଶଗଡ଼କୁ ଯାଉନି ମୋ ବସ୍; ଅଭିଯୋଗ ଶୁଣୁନାହାନ୍ତି

● ବସଷ୍ଟାଣ୍ଡ ଜରାଜୀର୍ଣ୍ଣ



ଆନନ୍ଦପୁର, ୨୧।୪ (ସମିସ): ବାଉଁଶଗଡ଼ରେ ମୋ ବସ ସେବାର ସୁଫଳ ଲୋକ ପାଇପାରୁ ନଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ୍ ଅଧୀନସ୍ଥ ବାଉଁଶଗଡ଼ ପଞ୍ଚାୟତରେ ବସଷ୍ଟାଣ୍ଡ ଜରାଜୀର୍ଣ୍ଣ ହୋଇପଡ଼ିରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ନିର୍ମିତ ହୋଇଥିବା ଏହି ଲକ୍ଷ୍ମୀ ବସ୍ଷ୍ଟାଣ୍ଡକୁ ଆସୁନାହିଁ। ବସ ଷ୍ଟାଣ୍ଡ ନିର୍ମାଣ ହେଲା, କିନ୍ତୁ ବସ ସେବା ମିଳୁନାହିଁ। ଏହି ବସ୍ଷ୍ଟାଣ୍ଡ ଆଜି ଅବହେଳିତ ହୋଇପଡ଼ିଛି। ଆନନ୍ଦପୁର-କଣ୍ଟିପାଳ-ବାଉଁଶଗଡ଼କୁ ବସ୍ ଚାଲୁଥିବା କେବଳ କାଗଜପତ୍ରରେ। ବସ୍ କେବେ ବି ବାଉଁଶଗଡ଼ ପଞ୍ଚାୟତ କିମ୍ବା ନିର୍ମିତ ଲକ୍ଷ୍ମୀ ବସ୍ଷ୍ଟାଣ୍ଡକୁ ଆସେନାହିଁ। ସାଧାରଣ ଲୋକ ଛାତ୍ରଛାତ୍ରୀ, ରୋଗୀ, ଏବଂ ସାଧାରଣ ଗ୍ରାମବାସୀଙ୍କ ମଧ୍ୟରେ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଛାତ୍ରମାନେ ସ୍କୁଲ୍ ଓ କଲେଜ୍ ଯିବାପାଇଁ ରୋଗୀମାନେ ହସ୍ପିଟାଲ୍ ପହଞ୍ଚିବା ପାଇଁ ସାଧାରଣ ଲୋକେ ବ୍ଲକ୍ ଅଫିସ୍, ତହସିଲ୍, ବ୍ୟାଙ୍କକୁ ଯିବାପାଇଁ ସମସ୍ୟା ଭୋଗୁଛନ୍ତି। ୨୩ ଜାନୁଆରୀ ୨୦୨୫ରେ ବାଉଁଶଗଡ଼ ପଞ୍ଚାୟତର ଲୋକମାନେ ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏନେଇ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗମନାଗମନର ଏହି ଅବସ୍ଥାର ସୁଧାର ଦିଗରେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଆନନ୍ଦପୁର ବିଡିଓ ପଦକ୍ଷେପ ନେବାକୁ ଆଦିବାସୀ ଯୁବନେତା ପିଣ୍ଟୁ ହେମ୍ବ୍ରମ ଦାବି କରିଛନ୍ତି।

## ସାଧୁପଡ଼ାରେ ଜବରଦଖଲ ଉଚ୍ଛେଦ

ତୁରୁମୁଙ୍ଗା, ୨୧।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ମୁଖ୍ୟାଳୟ ସାଧୁପଡା ମୌଜାର ସରକାରୀ ଜମିରୁ ମଙ୍ଗଳବାର ତହସିଲ ପ୍ରଶାସନ ପୁଲିସ ଉପସ୍ଥିତରେ



ଜବରଦଖଲ ହାଟାଇ ଉକ୍ତ ଜମିରେ ରେଭନ୍ୟୁ ରେଷ୍ଟ୍ ସେଡ୍ ନିର୍ମାଣ ପାଇଁ ଠିକାଦାରଙ୍କୁ ଜମି ଦେଖାଇ ଦିଆଯାଇଛି। ସୂଚନା ଯେ ଉକ୍ତ ମୌଜାର ଏହି ୬୦ ଡ଼ିସିମିଲ ଜମିରେ ଦୀର୍ଘଦିନ ହେବ ଜଣେ ବ୍ୟକ୍ତି ଅବରୋଧ କରି ଜବର ଦଖଲ କରିଥିଲେ। ମଙ୍ଗଳବାର ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଆରଆଇ ନରେଶ ମହାନ୍ତ, ପାଟଣା ଥାନା ପକ୍ଷରୁ ଏସଆଇ ଲକ୍ଷ୍ମଣ ମାଝୀ ଓ ପୁଲିସ ସାମିଲ ହୋଇ ଉଚ୍ଛେଦ କରିଛନ୍ତି। ଉକ୍ତ ଜମିକୁ ସଙ୍ଗେ ସଙ୍ଗେ ତାର ବାଡ଼ ଆବଦ୍ଧ କରାଯିବ ବୋଲି ତହସିଲଦାର ଅଶ୍ୱିନୀ ନାଏକ କହିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍ ଯାତ୍ରୀଙ୍କୁ ପଠାଇଲା ପୁଲିସ

ମହୁଲଡିହା,୨୧।୪(ସମିସ): ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ଘାଟି ବାଙ୍କରେ ଥିବା ମା' ଠାକୁରାଣୀଙ୍କ ମନ୍ଦିର ସାମନାରେ ସୋମବାର ଅପରାହ୍ନରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ଜଣେ ମୃତ୍ୟୁବରଣ କରିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ତେବେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଯାତ୍ରୀବାହୀ ବସ୍‌ର ଯାତ୍ରୀଙ୍କୁ ସ୍ଥାନୀୟ ପୁଲିସ ପଠାଇବାରେ ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ତାଲନାଡୁରୁ ୫ଟି ତୀର୍ଥଯାତ୍ରୀ ବସ୍ ଭାରତର ଏକାଧିକ ରାଜ୍ୟରେ ଥିବା ତୀର୍ଥ ଭ୍ରମଣରେ ବାହାରି ଟାଟାରୁ ପୁରୀ ଯିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ବିପଜ୍ଜନକ ଘାଟି ବାଙ୍କରେ ବିପରୀତ ଦିଗରୁ ଆଗପଛ ଆସୁଥିବା ଏକ ହାଇୱାକୁ କାର୍ ଅତିକ୍ରମ କରିବା ବେଳେ ତୀର୍ଥଯାତ୍ରୀ ବସ୍ ସହିତ ମୁହାଁମୁହିଁ ଧକ୍କାରେ ପ୍ରାୟ ୫୦ ଫୁଟ୍ ତଳକୁ ଖସିପଡିଥିଲା କାର। ଦେବଦୂତ ସାଜି ହାଇୱା ଓ ସାଇଡ ୱାଲ ତୀର୍ଥଯାତ୍ରୀ ବସରେ ଥିବା ଯାତ୍ରୀଙ୍କର ରକ୍ଷା କବଚ ହୋଇଥିଲା। କାର୍‌ରେ ଥିବା ଭଦ୍ରକ (ହଂସପାଳ) ଅଞ୍ଚଳର ଫଳ ବ୍ୟବସାୟୀ ଧିରେଶ ଦାସଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ମମତା ଦାସ, ପୁଅ ଦୁର୍ଗାମାଧବ ଦାସ ଓ ଡ୍ରାଇଭର ଅମନ ଖାଁ ଆନନ୍ଦପୁର ଡାକ୍ତରଖାନାରୁ କଟକ ସ୍ଥାନାନ୍ତର ହୋଇ ମମତା ଦାସ ଭେଣ୍ଟିଲେଟରରେ ଥିବା ଜଣାପଡିଛି। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ପହଞ୍ଚି କାର୍ ଭିତରେ ଥିବା ଲୋକଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଥି ମଧ୍ୟରୁ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ମାତ୍ର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ମହୁଲଡିହା ଓ ଆନନ୍ଦପୁର ଥାନା ଆଇଆଇସି ମିଳିତ ଭାବେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଘାଟି ରାସ୍ତାରୁ ଗାଡ଼ି ହଟାଇ ଭିଡ଼ ନିୟନ୍ତ୍ରଣ କରିଥିଲେ। ପୁଲିସ ପକ୍ଷରୁ ଅନ୍ୟ ଏକ ବସରେ ୧୬ ତୀର୍ଥଯାତ୍ରୀଙ୍କୁ ପୁରୀ ଯିବାପାଇଁ ବ୍ୟବସ୍ଥା କରିଥିଲେ। ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ଭୋର ପ୍ରାୟ ୪ଟାରେ ତୀର୍ଥଯାତ୍ରୀଙ୍କୁ ପାଣିକୋଇଲି ଜାତୀୟ ରାଜପଥ ପର୍ଯ୍ୟନ୍ତ ସୁରକ୍ଷା ଦେଇଥିଲେ।

## ରାଷ୍ଟ୍ରୀୟ ପ୍ରଶାସନିକ ସେବା ଦିବସ; ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୧।୪(ସମିସ): ପ୍ରତିବର୍ଷ ଏପ୍ରିଲ ୨୧ ତାରିଖରେ ସାରାଦେଶରେ ରାଷ୍ଟ୍ରୀୟ ପ୍ରଶାସନିକ ସେବା ଦିବସ ଭାବେ ପାଳନ କରାଯାଇଥାଏ। ସରକାରଙ୍କ ସମାଜ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ କରିବା ସହ ଦେଶର ପ୍ରଗତିରେ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏ ଅବସରରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ତରଫରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠୀ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ଦୁଃଖର ଅନ୍ଧାରୀ ଉପତ୍ୟକା ଚାନ୍ଦିକମଳ ଗାଁ

# ଗାଁକୁ ଯାଇନି ବିଜୁଳି, ଝରଣା ପାଣି ଶୋଷ ମେଣ୍ଟାଏ

ଶରତ/ ଆନନ୍ଦପୁର, ୨୧।୪(ସମିସ):



● ବିଲ ହିଡ଼ ରାସ୍ତା, ରୋଗୀଙ୍କ ପାଇଁ ଖଟିଆ ବା ସଙ୍ଗୀଭାର ହିଁ ଭରସା
● ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ସାତସପନ
● ଅଙ୍ଗନବାଡ଼ି ପରେ ପାଠପଢ଼ାରେ ପଡ଼େ ପୂର୍ଣ୍ଣଚ୍ଛେଦ

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ପଞ୍ଚାୟତର ୯ ନମ୍ବର ୱାର୍ଡରେ ରହିଛି ପଡା ଗାଁ ଚାନ୍ଦିକମଳ। ଏହି ଗାଁ ଆନନ୍ଦପୁର ବ୍ଲକ୍‌ର ଉପାନ୍ତ ଅଞ୍ଚଳ ଭାଲୁଗୋରା ଓ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଚାନ୍ଦିକମଳ ଗାଁ ସାତକୋଶିଆ ଅଭୟାରଣ୍ୟର ପାଦଦେଶରେ ରହିଛି। ଏହି ଗ୍ରାମରେ ବାସ କରନ୍ତି ୮୧ଟି ହୋ ଓ ସାନ୍ତାଳୀ ଜନଜାତିର ପରିବାରର ୩୫୦ରୁ ଊର୍ଦ୍ଧ୍ୱ ଲୋକ। ଶିକ୍ଷା ଓ ସଭ୍ୟତା ଜଗତରୁ ଏମାନେ ବହୁ ଦୂରରେ। ଏମାନେ ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାରୁ ଆଜି ବି ବଞ୍ଚିତ ଅଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଦକ୍ଷିଣ ଦିଗରେ ପ୍ରାୟ ୧୧ କିମି ଦୂରତାରେ ଏହି ଗାଁ ଅବସ୍ଥିତ। ସନ୍ଧ୍ୟା ନ ହେଉଣୁ ସୂର୍ଯ୍ୟ ଦେବତାଙ୍କ କିରଣ ଉଭେଇ ଯାଏ ଏହି ଗାଁରୁ। ରାତି ହେଲେ ଶୁଭେ ବନ୍ୟଜନ୍ତୁଙ୍କ ବିକଟାଳ ଶବ୍ଦ। ବନ୍ୟଜନ୍ତୁଙ୍କ ଆକ୍ରମଣ ଭୟରେ ଏମାନେ ଅନ୍ଧାର ରାତି ଭିତରେ ଚୁପଚାପ ଶୋଇ ଯା'ନ୍ତି। ଅନ୍ଧକାରର ବଳୟ ଭିତରୁ ବାହାରି ଏମାନେ ତଉଲନ୍ତି ଜୀବନକୁ। ଗ୍ରାମର କିଛି ପରିବାରଙ୍କୁ ୯/୧୦ ବର୍ଷ ପୂର୍ବେ ଶକ୍ତି ମନ୍ତ୍ରଣାଳୟ ଭାରତ ସରକାର ଓ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ କାର୍ଯ୍ୟାନୟନ ବିଭାଗ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ନାମକ ସଂସ୍ଥା ଦ୍ୱାରା ସୋଲାର ଲାଇଟ ପ୍ରଦାନ କରିଥିଲେ। କିନ୍ତୁ ସେସବୁ ବର୍ତ୍ତମାନ ଅଚଳ ହୋଇପଡିଛି। ସଜଡ଼ା ଯାଉ ନ ଥିବାରୁ ସୋଲାର ଲାଇଟ ପ୍ରକଳ୍ପ କାମରେ ଆସୁନି।

ଗ୍ରାମରେ ଅନେକ ବ୍ୟକ୍ତି ବିଷାକ୍ତ ସାପ ଓ ସରୀସୃପଙ୍କ କାମୁଡ଼ାରେ ମୃତ୍ୟୁବରଣ କରୁଥିବା ମଧ୍ୟ ଅଭିଯୋଗ ହୁଏ। ଏମାନଙ୍କ ମୁହଁକୁ ନିରୀକ୍ଷଣ କଲେ ଦେଖାଯାଏ କେବଳ ଭୋକ ହିଁ ଭୋକ। ଗ୍ରାମର ଅନେକ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନ-୨୦୧୪ ବଳରେ ରେସନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବାରୁ ମାସିକ ୫ କିଲୋ ଗ୍ରାମ ଚାଉଳ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମର ଅନେକ ବାସିନ୍ଦା ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳରେ ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଶାଳପତ୍ର ତୋଳି ସିଲାଇ କରି ବିକିଲେ ଏମାନଙ୍କ ସଂସାର ଚଳେ। ବନ୍ୟଜାତ ଦ୍ରବ୍ୟ ମହୁଲ ଫୁଲ, କରଞ୍ଜ, ତେନ୍ତୁଳି, କେନ୍ଦୁ ବିକିଲେ ଏମାନଙ୍କ ସଂସାର ଚଳେ। ଏହି ଚାନ୍ଦିକମଳ ଗ୍ରାମର ଉପରସାହି ପେଚାଦର ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ନଳକୂପ ଖୋଳାଯାଇନାହିଁ। ଏଠିକାର ଜନଜାତି ଅତ୍ୟନ୍ତ ଦୟନୀୟ ଭାବେ ତାଙ୍କ ଗ୍ରାମରେ ବୋହି ଯାଉଥିବା ଲାଇନଗାଳା ନାମକ ଝରଣାର ପାଣିକୁ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ଗ୍ରାମବାସୀ ଝରଣା କୂଳରେ ଚୁଆ ଖନନ କରି ପାଣି ସଂଗ୍ରହ କରୁଛନ୍ତି। ଅପରିଷ୍କାର ପାଣି ବ୍ୟବହାର କରୁଥିବାରୁ ଅନେକ ସମୟରେ ଏମାନେ ଝାଡ଼ାବାନ୍ତି ଓ ହଇଜା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ସରକାର ଘରକୁ ଘର ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବେ ଡିଣ୍ଡିମ ପିଟୁଥିବାବେଳେ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଏହା କିଭଳି କାର୍ଯ୍ୟକାରୀ ହେଉଛି, ତାହା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି।

ପାଣି ପଞ୍ଚାୟତ ନାମରେ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏମାନଙ୍କୁ ପାନୀୟ ଜଳ ପ୍ରାପ୍ତି ଭଳି ମୌଳିକ ସୁବିଧାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଉପାନ୍ତ ଅଞ୍ଚଳର ଏହି ଗ୍ରାମକୁ ନାହିଁ ଗୋଟିଏ ଭଲ ରାସ୍ତା। କେହି ଜ୍ୱରରେ ପୀଡ଼ିତ ହେଲେ ତାଙ୍କୁ କୁନ୍ତଳା ଗ୍ରାମ ପର୍ଯ୍ୟନ୍ତ ୫ କିଲୋମିଟର ଖଟରେ ବୋହି ଆଣିବା ପରେ ହିଁ ଆମ୍ବୁଲାନ୍ସ ଧରନ୍ତି। ଗର୍ଭବତୀ ମହିଳା ପ୍ରସବ ଚିକିତ୍ସା ପାଇବା ନିମନ୍ତେ ଡାକ୍ତରଖାନାକୁ ଯିବାକୁ ହେଲେ ଖାଟିଆ ଦ୍ୱାରା ବୁହା ହେବା ପରେ ହିଁ ଆମ୍ବୁଲାନ୍ସ ଗାଡ଼ି ଧରି ପାରନ୍ତି ବୋଲି ଗ୍ରାମର ଚାନ୍ଦୁ ପୂର୍ତ୍ତି କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି। ଏହି ଗ୍ରାମକୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନାରେ ଅନୁଦାନ ମିଳୁ ନ ଥିବାରୁ ଗମନାଗମନର ଅସୁବିଧା ରହୁଛି। ଗ୍ରାମରେ ଚାଲୁଥିବା ମିନି ଅଙ୍ଗନବାଡିରେ ୩୦ ଜଣ କୁନି କୁନି ପିଲା ପଢୁଛନ୍ତି। ଅଙ୍ଗନବାଡି କେନ୍ଦ୍ରର ସ୍ୱତନ୍ତ୍ର ଗୃହ ନ ଥିବାରୁ ଗ୍ରାମବାସୀ ତିଆରି କରିଥିବା ଏକ ଝାଟି ମାଟି ଘରେ ଚାଲୁଛି ଅଙ୍ଗନବାଡି। ଏହା ଚିରା ତମ୍ବୁ ଦ୍ୱାରା ଘେରାଯାଇଛି। ଏଠି ହିଁ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଏ। ଗ୍ରାମଠାରୁ ୬ କିଲୋମିଟର ଦୂରତାରେ ଅବସ୍ଥିତ ହାତିଚପଲ ପ୍ରାଥମିକ ବିଦ୍ୟାଳୟରେ ଗାଁର ପିଲାଙ୍କ ନାମ ଗଡୁଥିଲେ ମଧ ଗମନାଗମନର ସୁବିଧା ନ ଥିବାରୁ ଏମାନେ ପଢା ଛାଡି ଦେଉଛନ୍ତି। ଅର୍ଥାତ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ପିଲାମାନେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ନିରକ୍ଷରତା କାରଣ ଓ ସଚେତନତା ଅଭାବରୁ ବାଲ୍ୟ ବିବାହ ହେଉଥିବା ମଧ୍ୟ ନଜରକୁ ଆସୁଛି। ଏହି ଗ୍ରାମର ଦୁଃଖ ଦୂର କରିବା ସକାଶେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ, ଆନନ୍ଦପୁର ବିଡିଓ ତାଙ୍କ ଗ୍ରାମକୁ ଆସି ପରିଦର୍ଶନ କରିବା ସହିତ ସେଠାକାର ବାସିନ୍ଦାଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଗୟଳମୁଣ୍ଡା ପଞ୍ଚାୟତର ଯୁବ ସମାଜସେବୀ ବିକେନ୍ଦ୍ର ସିର୍କା ନିବେଦନ କରିଛନ୍ତି।

### ରାଜ୍ୟ ସିଏମ୍ ଟ୍ରଫି

## ଫାଇନାଲରେ ଟିଏସ୍ଏଫ୍ ଯୋଡ଼ା-ଟିଏସ୍ଏଫ୍ ମୁର୍ଗା



କେନ୍ଦୁଝର, ୨୧।୪(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସିଏମ ଫୁଟବଲ ପ୍ରତିଯୋଗିତାରେ ଦ୍ୱିତୀୟ ସଂସ୍କରଣର ଆଜି ଦ୍ୱାଦଶ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷରୁ କମ ବାଳକ ବିଭାଗର ଆଜି ଅନ୍ତିମ ଲିଗ ମ୍ୟାଚରେ ଜେଏସଡବ୍ଲୁ ଫାଉଣ୍ଡେସନ ଆରଏମ ହାଇସ୍କୁଲ ବିପକ୍ଷରେ ୩-୨ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ଗ୍ରୁପ ଏ' ରେ ଦୁଇ ଦଳ ଜିନ୍ଦଲ ଷ୍ଟିଲ, ବଡ଼ବିଲ ଏବଂ ଟିଏସଏଫ ମୁର୍ଗା ସମାନ ପଏଣ୍ଟ ପାଇଥିବାରୁ ଲଟେରୀର ଆଶ୍ରୟ ନିଆଯାଇଥିଲା। ଏଥିରେ ଟିଏସଏଫ, ମୁର୍ଗା ବିଜୟୀ ହୋଇ ଆସନ୍ତା ୨୩ ତାରିଖ ଗୁରୁବାର ଟିଏସଏଫ ଯୋଡ଼ା ସହ ଫାଇନାଲ ଖେଳିବ। ଆସନ୍ତାକାଲି ଟୁର୍ନାମେଣ୍ଟର ବିଶ୍ରାମ ଦିବସ। ଆଜି ଖେଳରେ ପ୍ରଥମାର୍ଦ୍ଧର ତୃତୀୟ ମିନିଟରେ ଜେଏସଡବ୍ଲୁ ପକ୍ଷରୁ ଶଙ୍କର ମୁଣ୍ଡା ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ଠିକ ଦୁଇ ମିନିଟ ପରେ ଆର ଏମ ହାଇସ୍କୁଲର ରଘୁନାଥ ମାଝୀ ଗୋଲଟିକୁ ପରିଶୋଧ କରିବା ସହ ୧୫ତମ ଆଉ ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଜେଏସଡବ୍ଲୁର ପିଣ୍ଟୁ ନାଏକ ୩୯ତମ ମିନିଟରେ ଓ ୪୨ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ କରି ଦଳକୁ ୩-୨ ଗୋଲରେ ବିଜୟୀ କରାଇଥିଲେ। ଅପରାହ୍ନରେ ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବିଶିଷ୍ଟ କ୍ରୀଡ଼ା ପ୍ରଶିକ୍ଷକ ବିଭୁକଲ୍ୟାଣ ଦାସଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଆଜିର ଖେଳରେ ବିଜୟ କୁମାର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବୃନ୍ଦାବନ ମୁଣ୍ଡା ଓ ରାଇ ମୋହନ ମୁର୍ମୁ। ଚତୁର୍ଥ ରେଫରୀ ଥିଲେ ଦଶମନ୍ତ ଟୁଡୁ। ଫାଓ ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିସନର ନିଯୁକ୍ତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ।

## ସୁନାରାମ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ଉପାଧି ଦାବି



ବାରିପଦା, ୨୧।୪(ସମିସ): ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସରେ ବାରିପଦା ଭଞ୍ଜପୁରଠାରେ ଥିବା ମୟୂରଭଞ୍ଜର ବୀରପୁତ୍ର ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରି ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏ ଅବସରରେ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ସୁନାରାମ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ଦିଆଯାଉ ବୋଲି ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଦାବି କରିଛନ୍ତି। ସୁନାରାମ ସରେନଙ୍କ ସମାଜସେବା ଓ ମୟୂରଭଞ୍ଜର ଉନ୍ନତି କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି। ସେ ଯେତେବେଳେ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ଥିଲେ, ସେତେବେଳେ ଆଦିବାସୀ ଛାତ୍ରଛାତ୍ରୀ ଆଶ୍ରମରେ ରହି ପାଠପଢି ପାରିବା ନିମନ୍ତେ ଓଡ଼ିଶା ସାରା ଆଶ୍ରମ ସ୍କୁଲ ନିର୍ମାଣ କରିଥିଲେ। ତେଣୁ ଏଭଳି ମହାନ ବ୍ୟକ୍ତିଙ୍କୁ ପଦ୍ମଭୂଷଣ ମିଳିବା ବହୁତ ଜରୁରୀ ବୋଲି ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି କହିଛନ୍ତି।

## ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ



ବାରିପଦା,୨୧।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଚୟନ କରାଯାଇଛି। ଦଳରେ ଅଧିନାୟିକା ସଂଜିତା ଦାସ, ଉପଅଧିନାୟିକା ସୁନିଧି କାଶ୍ୟପ ଜେନାଙ୍କ ସମେତ ଶୁଭସ୍ମିତା ବେହେରା, ସୋନିଆ ରାଜ, ଲକ୍ଷ୍ମୀପ୍ରିୟା ମହାନ୍ତ, ପଦ୍ମା ମିର୍ଦ୍ଧା, ଲକ୍ଷ୍ମୀ ଭଗତ, ମାନସୀ ମହାନ୍ତ, ସାଇ ଆରାଧ୍ୟା, ଚନ୍ଦ୍ରକାନ୍ତି ବେହେରା, ରଶ୍ମିରେଖା ନାୟକ, ଶୁଭଶ୍ରୀ ନାଥ, ଦିବ୍ୟାଂଶୀ ମହାନ୍ତି, ସୋମବାରୀ ମହାନ୍ତି, ନନ୍ଦିନୀ ସିଂ, ଆଦ୍ୟାଶା ମହାନ୍ତ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ଓ ଟିକି ପାତ୍ର ସାମିଲ ଅଛନ୍ତି। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ସୁନୀଲ ଜେନା ଟିମ ମ୍ୟାନେଜର ଓ ସାଇବା ସିଂ କୋଚ ଭାବେ ଦଳ ସହିତ ଗସ୍ତ କରିବେ। ମୟୂରଭଞ୍ଜର ପ୍ରଥମ ମ୍ୟାଚ୍ ୨୩ ତାରିଖ ଦିନ ଜଗତସିଂହପୁର ବିପକ୍ଷରେ ଖେଳିବ ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ତଥା କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଥିଲେ।

## ଶିରିଡ଼ି ସାଇ ମନ୍ଦିର ପାଇଁ ଭୂମିପୂଜା

ସାରସକଣା,୨୧।୪(ସମିସ): ଶିରିଡ଼ି ସାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଝାରପୋଖରୀଆଠାରେ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଝାରପୋଖରୀଆ ଗ୍ରାମର ଅମ୍ଳାନ ଶତପଥୀଙ୍କ ୧୦ ଡିସିମିଲ୍ ଦାନ ଭୂମିରେ ହେବାକୁ ଥିବା ନୂତନ ଶିରିଡ଼ି ସାଇ ମନ୍ଦିରର ଭୂମି ପୂଜନ ଉତ୍ସବରେ ବ୍ରାହ୍ମଣ ଶିବଶଙ୍କର ପଣ୍ଡା, ଅମରେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ମାନସ ପାଣି ଓ ତାଙ୍କ ସ୍ତ୍ରୀ ପ୍ରତୀମା ପାଣି ସଂକଳ୍ପ କରିଥିଲେ। ଜିଲ୍ଲା ସଦର ମହକୁମା ବାରିପଦା ଶିରିଡ଼ି ସାଇ ମନ୍ଦିରର ପୂଜ୍ୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପୂଜିତ ଓ ପ୍ରେରିତ ଶୀଳା ଖଣ୍ଡକୁ ଭୂମି ପୂଜନ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ଉତ୍ସବରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପ୍ରାକ୍ତନ ଉନ୍ନୟନ ପରିଷଦର ସଭାପତି ଡଃ ଦେବାଶିଷ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଡିଓ ସୁମନ ରାଜା ମହାନ୍ତି, ସ୍ଥାନୀୟ ସରପଞ୍ଚ ମାଳତୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଅରଜିତ ଶତପଥୀ, ଚିନ୍ମୟ ସାହୁ, ମାନସ ପାଣି, ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ଆବଦ୍ଧ ହେଲେ ୫୭ ଯୋଡ଼ି

ବାରିପଦା, ୨୧।୪(ସମିସ):



ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଗଣବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ୫୭ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସୁଖମୟ ଜୀବନ କାମନା କରିଛନ୍ତି। ଏ ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି, ଏହା ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଏକ ଉତ୍ସବ। ଏପରି ଅନନ୍ୟ କାର୍ଯ୍ୟକ୍ରମ ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧତାର ଏକ ଜ୍ୱଳନ୍ତ ଉଦାହରଣ। ଏହା ମାଧ୍ୟମରେ ସମସ୍ତ ବର୍ଗର ଲୋକଙ୍କ ବିବାହ ସ୍ୱପ୍ନ ସାକାର ହେଉଛି ଓ ସମାଜରେ ଆର୍ଥିକ ଅସମାନତା କମେଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସରକାର ସର୍ବଦା ଗରିବ ଅଧିବାସୀ ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ତାଙ୍କ ଅଭିଭାଷଣରେ ଏହି ଯୋଜନାକୁ ସମାଜ ପାଇଁ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବୋଲି ବର୍ଣ୍ଣନା କରି ସମୂହ ବିବାହ ପ୍ରଥା ଦ୍ୱାରା ଅନାବଶ୍ୟକ ଖର୍ଚ୍ଚ କମିଥାଏ ଓ ସମାଜରେ ସାମାଜିକ ସମାନତା ବୃଦ୍ଧି ପାଏ ବୋଲି କହିଛନ୍ତି।

ଜିଲ୍ଲାପାଳ ହେମକାନ୍ତ ସଏ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାର ପକ୍ଷରୁ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫,୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ଭାବେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି ଓ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆରଡିଏସିକୁ ପ୍ରଦାନ କରାଯାଉଛି। ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ରୂପେ ଆସନ, ପୂଜା ପାଠ, ଭୋଜନ, ପାନୀୟ ଜଳ, ଚିକିତ୍ସା ଓ ସୁରକ୍ଷା ବ୍ୟବସ୍ଥା ବନ୍ଦୋବସ୍ତ କରାଯାଇଥିଲା। ନବଦମ୍ପତିମାନଙ୍କ ପରିବାରସଦସ୍ୟ ଓ ଆତ୍ମୀୟ ସ୍ୱଜନମାନଙ୍କ ସହଭାଗୀତାରେ ସମଗ୍ର କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସଫଳତାର ସହିତ ସମ୍ପନ୍ନ ହୋଇଛି।"ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ପ୍ରମୁଖ ସହଯୋଗ କରିଥିଲେ।

### ବର୍ଷ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ, ହେଉନି ପୁନରୁଦ୍ଧାର

# ଭୂତକୋଠି ପାଲଟିଛି ଗୋରୁମହିଷାଣୀ ଡାକ ବଙ୍ଗଳା



ରାଇରଙ୍ଗପୁର/ଗୋରୁମହିଷାଣୀ, ୨୧।୪(ସମିସ): ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଗୋରୁମହିଷାଣୀ ଅଞ୍ଚଳରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ପାଉଛନ୍ତି। କିନ୍ତୁ ଅଞ୍ଚଳରେ ସଠିକ୍ ଭାବେ ଉନ୍ନତି ସାଧିତ ହେଉନାହିଁ। ବାମନଘାଟି ଉପଖଣ୍ଡର ଗୋରୁମହିଷାଣୀ ଅଞ୍ଚଳରେ ଥିବା ସରକାରୀ ଡାକ ବଙ୍ଗଳା ବର୍ଷ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାବେଳେ ପୁନରୁଦ୍ଧାର ହେଉନାହିଁ। ବର୍ତ୍ତମାନ ଏହା ଭୂତକୋଠି ପାଲଟିଥିବାବେଳେ ଅସାମାଜିକଙ୍କ ପାଇଁ ଆଡ୍ଡାସ୍ଥଳୀ ସାଜିଛି। ଏହା ଅନେକ ପୁରାତନ ଐତିହାସିକ ଡାକ ବଙ୍ଗଳା ହୋଇଥିବାବେଳେ ପୁନରୁଦ୍ଧାର ହେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି

ସ୍ଥାନୀୟ ଅଞ୍ଚଳରେ ଏକ ଡାକ ବଙ୍ଗଳା ନ ଥିବାବେଳେ ଲୋକେ ରହଣୀ ନେଇ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋରୁ ମହିଷାଣୀ ଡାକ ବଙ୍ଗଳା ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ରାଜା ରାଜୁଡା ଅମଳର ବହୁ ପୁରାତନ ଡାକ ବଙ୍ଗଳା ଅଟେ। କିନ୍ତୁ ପୁନରୁଦ୍ଧାର ନ ହେବାରୁ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ସବୁ ଆଡେ କୁଢ଼କୁଢ଼ ମଦ ବୋତଲରେ ପରିପୂର୍ଣ୍ଣ ହୋଇ ରହୁଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଗୋରୁମହିଷାଣୀ ଅଞ୍ଚଳରୁ ଅନେକ ଖଣିଜ ସମ୍ପଦ ବିକ୍ରି କରି ରାଜ୍ୟ ସରକାର କୋଟି କୋଟି

**ଅସାମାଜିକଙ୍କ ସାଜିଛି ଆଡ୍ଡାସ୍ଥଳୀ**

ରାଜସ୍ୱ ପାଉଥିବା ସତ୍ତ୍ୱେ ଡାକ ବଙ୍ଗଳା ଉନ୍ନତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଡାକ ବଙ୍ଗଳା ପରିସର ଅଳିଆ ଆବର୍ଜନା ସହ ଗଛଲତାରେ ପରିପୂର୍ଣ୍ଣ ହୋଇଛି। ଫଳରେ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଯାହାକି ସମୟ ସମୟରେ ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ଏହାର ସମାଧାନ ପାଇଁ ଡାକ ବଙ୍ଗଳାର ପୁନରୁଦ୍ଧାର କରିବାର ନିହାତି ଆବଶ୍ୟକତା ଅଟେ। କିନ୍ତୁ ବର୍ଷ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥିପ୍ରତି ଦୃଷ୍ଟି ଦେଇ ଡାକ ବଙ୍ଗଳାର ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଶକ୍ତିଶ୍ରୀ ସଚେତନତା ଓ ପ୍ରଶିକ୍ଷଣ କର୍ମଶାଳା




ବାରିପଦା, ୨୧।୪(ସମିସ): ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜରେ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ 'ଶକ୍ତିଶ୍ରୀ'ର ସଚେତନତା ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ବେହେରା ସମାଜରେ ନାରୀ ଓ ସମାଜର ସମ୍ପର୍କ କିପରି ପରସ୍ପର ନିବିଡ଼; ସେ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଡ ଆଲବର୍ଟିନା ତିର୍କୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶକ୍ତିଶ୍ରୀ ଯୋଜନାର ଆବଶ୍ୟକତା ଓ ନାରୀ କିପରି ସବୁ ପରିସ୍ଥିତିକୁ ସମ୍ମୁଖୀନ କରିପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ପ୍ରଶିକ୍ଷଣ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ପକ୍ଷରୁ ପ୍ରଶିକ୍ଷକ ସ୍ୱୟମ୍ଭୁ ପଣ୍ଡା ପିପିଟି ମାଧ୍ୟମରେ ଶକ୍ତିଶ୍ରୀ ଆପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ସେ ସମ୍ପର୍କରେ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଛାତ୍ରୀ ଏହି ଆପକୁ ଡାଉନଲୋଡ କରି ପ୍ରଶିକ୍ଷଣ ସମୟରେ ବ୍ୟବହାର କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ପ୍ରଭାସ ମହାପାତ୍ର ଉପସ୍ଥିତ ଛାତ୍ରୀଙ୍କୁ ଶକ୍ତିଶ୍ରୀ ଯୋଜନାର ବିବିଧ ଦିଗ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଛାତ୍ରୀଙ୍କୁ ଜଣାଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଅମିତା ନାୟକ, ମହାବିଦ୍ୟାଳୟର ଅଧ୍ୟାପିକା ଓ ଛାତ୍ରୀଙ୍କୁ ଶକ୍ତିଶ୍ରୀ ବ୍ୟବହାର, ଏହାର ଆବଶ୍ୟକତାକୁ ନିଜ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ ଆଶୁତୋଷ ପ୍ରୟାସ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସୁଶ୍ରୀ ରାଇମଣି ମାର୍ଣ୍ଡି, ଡ ବିଦ୍ୟୁତ୍‌ପ୍ରଭା ଦାସ, ଡ ରିଟା ବିଶ୍ୱାଳ, ଡ ଦେବସ୍ମିତା ପାଲ, ଛନ୍ଦିତା ବିଶ୍ୱାଳ, ଡିଗିମଣି ସୋରେନ, ସସ୍ମିତା ଦାସ, ଡ ନିରୂପମା ନାୟକ, ସୀମା ଅଗ୍ରୱାଲଙ୍କ ସମେତ ଅଧ୍ୟାପକ ଡକ୍ଟର ଟୁଡୁ, ଡ ମନୋଜ ସେଠୀ, ଡ ସରୋଜ ନାୟକ, ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ ଦୟାନିଧି ପରିଡ଼ା, ଡ ନରେନ୍ଦ୍ର ପ୍ରସାଦ ବେହେରା, ଆଲେକ୍ସ ହେମ୍ବ୍ରମ, ସୁରେଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ଅମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାମନଘାଟି ନୂତନ ଅତିରିକ୍ତ ଜିଲ୍ଲାପାଳ ଯୋଗଦାନ



ରାଇରଙ୍ଗପୁର, ୨୧।୪(ସମିସ): ବାମନଘାଟି ଉପଖଣ୍ଡର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଜିତ କୁମାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ନାଗାଲାଣ୍ଡ କ୍ୟାଡରରୁ ଆନ୍ତଃ କ୍ୟାଡର ସ୍ଥାନାନ୍ତର ହୋଇ ଓଡ଼ିଶା ସରକାରରେ ଯୋଗ ଦେବା ପରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ନିଯୁକ୍ତି ପ୍ରଦାନ କରାଯାଇଛି। ଯାହାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଭାବେ ରାଇରଙ୍ଗପୁର କାର୍ଯ୍ୟାଳୟରେ ଯୋଗଦାନ କରି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ସୋମବାର ସେ ବାରିପଦାସ୍ଥ ଜିଲ୍ଲାପାଳଙ୍କ ନିକଟରେ କାର୍ଯ୍ୟରେ ଯୋଗ ଦାନ କରିଥିବାବେଳେ ଆଜି ରାଇରଙ୍ଗପୁର କାର୍ଯ୍ୟାଳୟ ଆସିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀ ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁମାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଥିଲେ। ସେହିପରି କାର୍ଯ୍ୟକ୍ଷେତ୍ର ରାଇରଙ୍ଗପୁରରେ ପହଞ୍ଚିବା ପରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ପିଏ ଆଇଟିଡିଏ ଯୋଗରଞ୍ଜନ ନାୟକ, ତହସିଲଦାର ଭବାନୀ ପ୍ରସାଦ ସାହୁ, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅପର୍ଣ୍ଣା ଅପରାଜିତା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କମଳାକାନ୍ତ ସ୍ୱାଇଁ, ଏସଡିଆଇପିଆରଓ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ



ବେତନଟୀ, ୨୧।୪(ସମିସ): ବେତନଟୀ ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜାତୀୟ ଦାବି ଦିବସ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ୧୫ ଜଣ ସଦସ୍ୟ ଓ କର୍ମକର୍ତ୍ତାଙ୍କ ଉପସ୍ଥିତି ସହ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଡାକ ଯୋଗେ ଅନ୍ୟଏକ ଦାବିପତ୍ର ପ୍ରେରଣ କରାଯାଇଥିଲା। ଏଥିରେ ରବୀନ୍ଦ୍ର ମିଶ୍ର, ହରେନ୍ଦ୍ର ବାରିକ, ଗଣେଶ ଚନ୍ଦ୍ର ସାହୁ, ରାଧାକ୍ରିଷ୍ଣ ପାତ୍ର, ବାସୁଦେବ ନାପିତ, ଯତୀନ୍ଦ୍ର ସାହୁ, ସହଦେବ ଗିରି, କମଳଲୋଚନ ମହାପାତ୍ର, ଦୁର୍ଯ୍ୟୋଧନ ସିଂ, ରାମଚନ୍ଦ୍ର ପଣ୍ଡା, ଗୁରୁଚରଣ ଭୂୟାଁ, ରବିନାରାୟଣ ପୃଷ୍ଟି, ଗୌରଚନ୍ଦ୍ର କଲିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂସଦରେ ଗୃହୀତ ଭାଲିଡେସନ ଆଇନକୁ ଉଚ୍ଛେଦ କରି ପୂର୍ବବତ୍ ପେନସନଭୋଗୀକୁ ସୁବିଧା ପ୍ରଦାନ ଓ ୮ମ ବେତନ କମିଶନ ଲାଗୁ କରିବା, ରେଳ ଓ ବସରେ ରିହାତି, ଚିକିତ୍ସା ଭତ୍ତା ପ୍ରଦାନ ସହ ପେନସନ ବିଭାଗର ପୁନଃ ପ୍ରଚଳନ ଭଳି ମୁଖ୍ୟ ଦାବି ଏଥିରେ ଅନ୍ତର୍ଭୁକ୍ତ ରହିଛି ବୋଲି ସମ୍ପାଦକ ଶ୍ରୀ ମହାନ୍ତି ଜଣାଇଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଅଞ୍ଚଳବାସୀ ଅତିଷ୍ଠ

ମୋରଡା, ୨୧।୪(ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନି ଟାଟା ପାୱାର। ଖରାଦିନେ ବିଜୁଳି କାଟ୍ ହେବନି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଅଘୋଷିତ ବିଜୁଳି କାଟ୍ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ମାତ୍ର ମୋରଡା ବ୍ଲକରେ ଟାଟା ପାୱାର୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ମାନୁନି। ଗତ କିଛିଦିନ ହେବ ଗ୍ରୀଷ୍ମପ୍ରବାହ ଯୋଗୁଁ ଲୋକେ ଗରମରେ ସନ୍ତୁଳି ହେଉଥିବାବେଳେ ଟାଟା ପାୱାରର ମନମାନୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ଦିନ ନାହିଁ କି ରାତି ନାହିଁ ଯେତେବେଳେ ଚାହିଁଲେ ସେତେବେଳେ ଦୀର୍ଘ ସମୟ ଧରି ବିଜୁଳି ଗାଏବ୍ ହୋଇଯାଉଛି। ଏହାବ୍ୟତୀତ ଚିତ୍ରଡାରେ ଲୋଭୋଲଟେଜ୍ ସମସ୍ୟା ଲାଗି ରହିଥିବାବେଳେ ଅନେକ ସ୍ଥାନରେ ଭୋଲଟେଜ୍ ଫ୍ଲକ୍‌ଚୁଏସନ୍ ହୋଇ ଲାଇଟ୍ ଧପ୍‌ଧପ୍ ହେଉଛି। ଲୋଭୋଲଟେଜ ଦ୍ୱାରା ଫ୍ରିଜ୍, ଫ୍ୟାନ୍ ଭଳି ବୈଦ୍ୟୁତିକ ଉପକରଣ ଖରାପ ହୋଇଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ଅଘୋଷିତ ବିଦ୍ୟୁତ କାଟ ଉପରେ ଟାଟା ପାୱାର କର୍ମଚାରୀ ନଜର ନ ଦେଲେ ଗତବର୍ଷ ଭଳି କାର୍ଯ୍ୟାଳୟ ଘେରଉ କରିବେ ବୋଲି ସାଧାରଣ ଜନତା ଚେତାବନୀ ଦେଇଛନ୍ତି।

- **ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନି ଟାଟା ପାୱାର**
- **କେଉଁଠି ଲୋ-ଭୋଲଟେଜ୍ ତ କେଉଁଠି ଧପ୍‌ଧପ୍**

# ପ୍ରାଣୀ ବିଜ୍ଞାନ ବିଭାଗର ବିଦାୟ ଉତ୍ସବ

ବାରିପଦା, ୨୧।୪(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରାଣୀ ବିଜ୍ଞାନ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଭିସ୍ପା ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ବିଦାୟ ନେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ବହୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ଓ ଲକ୍ଷ୍ୟକୁ ଠିକ ଭାବେ ସଂଯୋଗ କରିପାରିଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଅଭିସ୍ପା ନାୟକ ଓ ଅଧ୍ୟାପିକା ଅଭିଲିପ୍ସା ଗିରି ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ଅଭିଲିପ୍ସା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।



# ମୟୂର ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ

ବେତନଟୀ, ୨୧।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂର ସାହିତ୍ୟ ସଂସଦ ବେତନଟୀର ୩୧ତମ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ଧର୍ମଶାଳା ପରିସରରେ ସଂସଦର ସଭାପତି କବି ଭାସ୍କର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଆୟୋଜିତ ସଭା ପ୍ରାରମ୍ଭରେ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଦିବସ ପାଳନର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ସଭାପତି ଭାସ୍କର ଦ୍ୱିବେଦୀ ଅକ୍ଷୟ ତୃତୀୟାରେ ଜନ୍ମ ନେଇଥିବା ମୟୂର ସାହିତ୍ୟ ସଂସଦ କିପରି କାଳଜୟୀ ଭୂମିକା ଗ୍ରହଣ କରୁଛି, ତାହା ପ୍ରକାଶ କରିଥିଲେ। ପତ୍ରିକା ସମ୍ପାଦକ ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସଂସଦର କିଛି ସମସ୍ୟା ଉପରେ ଆଲୋକପାତ କରିଥିଲେ।

ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଉଷା ଶତପଥୀ ଯୋଗଦେଇ ବେତନଟୀ ଅଞ୍ଚଳର ସାରସ୍ୱତ ଗୌରବ ବୃଦ୍ଧିରେ ସଂସଦର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କଇଁଫୁଲ ଶିଶୁ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ ସଂସଦ ଦୀର୍ଘ ୩୦ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରେ କିପରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି, ନିଜର ଅନୁଭୂତି ମାଧ୍ୟମରେ ଉପସ୍ଥାପନ କରିଥିଲେ। ସଂସଦର ପୂର୍ବତନ ସଭାପତି କବି ସଙ୍ଗମର ଅଧ୍ୟକ୍ଷ ବାସୁଦେବ ନାପିତ ସଂସଦର ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ପୂର୍ବତନ ସମ୍ପାଦକ ବିଜୟ କୁମାର ଦ୍ୱିବେଦୀ ସଂସଦର ଅତୀତ କାର୍ଯ୍ୟକ୍ରମର ଗୌରବମୟ ସ୍ମୃତି ଉପସ୍ଥାପନ କରିଥିଲେ। ସଂସଦର ଉପସଭାପତି ଗୌତମ ବେହେରା ଓ ସହଦେବ ଗିରି ଅକ୍ଷୟ ତୃତୀୟାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ଦୀଘାରୁ ଆସିଥିବା ଯୁବକବି ସତ୍ୟସୁନ୍ଦର ସାମନ୍ତ, କବି ପ୍ରଭାକର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସୌଦାମିନୀ ପଣ୍ଡା, ପ୍ରଗତିବାଦୀର ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଦୁର୍ଯ୍ୟୋଧନ ସିଂ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ କମଳଲୋଚନ କର ସହଯୋଗ କରିଥିଲେ। କବି ରବୀନ୍ଦ୍ରନାଥ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ



ବେତନଟୀ, ୨୧।୪(ସମିସ): ମହାନ ଜନନାୟକ, ସଂଗ୍ରାମୀ, ଯୋଦ୍ଧା, ସାହିତ୍ୟିକଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଓ ନିଜ ପିତାମାତା ପରିବାରବର୍ଗଙ୍କ ପ୍ରତିମୂର୍ତ୍ତି ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ଓ କିନ୍ତୁ ସେସବୁର ରକ୍ଷଣାବେକ୍ଷଣ ପରିଷ୍କାର ପରିଚ୍ଛନ୍ନ ପ୍ରତି ମନୁଷ୍ୟ ସମାଜ ମଧ୍ୟ ଦୃଷ୍ଟି ଦେବାର ଅଛି। ଏଥିପାଇଁ ଏପ୍ରିଲ ୨୧ ତାରିଖକୁ ସଫେଇ ସହ ପ୍ରତିମୂର୍ତ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବେତନଟୀ ସିଭିଲ ସୋସାଇଟି ମଧ୍ୟ ସହଯୋଗ କରିଛି। ସୋସାଇଟିର ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଓ ଯୁଗ୍ମ ସମ୍ପାଦକ ସମାଜସେବୀ ରବୀନ୍ଦ୍ର ମିଶ୍ରଙ୍କ ମିଳିତ ନେତୃତ୍ୱରେ ଉକ୍ତ ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ବିଶିଷ୍ଟ ସମାଜସେବୀ ପ୍ରକାଶ ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଉଷା ଶତପଥୀ, ସଦସ୍ୟା ବାସନ୍ତୀ ସାହୁ, ସିଭିଲ ସୋସାଇଟିର କର୍ମକର୍ତ୍ତା ହରେନ୍ଦ୍ର ବାରିକ, ଗୁରୁଚରଣ ଭୂୟାଁ, ଦୁର୍ଯ୍ୟୋଧନ ସିଂ, ଯତୀନ୍ଦ୍ର ସାହୁ, ରାମଚନ୍ଦ୍ର ପଣ୍ଡା, ଅନୀଲ ମହାନ୍ତ, ରାଜନେତା କୁଶଧର ବେହେରା, ସାମ୍ବାଦିକ ହରିଶ ଚନ୍ଦ୍ର ସାମଲ, ସହଦେବ ଗିରି, ମୁଲକ ଚନ୍ଦ୍ର ମହାନ୍ତଙ୍କ ସମେତ ଅନେକ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ବେତନଟୀ ଚଣ୍ଡି ଛକସ୍ଥ ବାରିଷ୍ଟର ମଧୁବାବୁ, ଏମପିସି ଉଚ୍ଚ ବିଦ୍ୟାଳୟରେ ମୟୂରଭଞ୍ଜର ପୂର୍ବତନ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ, ବଙ୍ଗଳା ଛକରେ ଜନନେତା ପ୍ରସନ୍ନ କୁମାର ଦାଶ ଓ ଡାକ୍ତରଖାନା ପରିସରରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତି ଧୋଇବା ସହ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅର୍ଜ୍ଜନ ସିଂ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବେବି ସୋ'

ଶୁକ୍ରୁଲି, ୨୧।୪(ସମିସ): ରରୁଆଁ ବିକାଶ ଯୋଜନା କାର୍ଯ୍ୟାଳୟରେ ମଙ୍ଗଳବାର ବେବି ସୋ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର ଶିଶୁ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଥିରେ ରରୁଆଁ ଅଙ୍ଗନବାଡି କର୍ମୀ ପୁଷ୍ପଲତା ନାଏକଙ୍କ କେନ୍ଦ୍ର ଅଧୀନରେ ଥିବା ଅନନ୍ୟା ପାଣିଗ୍ରାହୀ ତାଙ୍କ ସ୍ୱତନ୍ତ୍ର ପ୍ରତିଭା ପାଇଁ ପୁରସ୍କୃତ ହୋଇଛନ୍ତି। ସିଡିପିଓ ବାସନ୍ତୀଲତା ସେଠୀ ପୁରସ୍କାର ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀ, ସୁପରଭାଇଜର, ମିଶନ ଶକ୍ତି ସଦସ୍ୟା ଅନନ୍ୟାଙ୍କ ଧିଶକ୍ତି ର ପ୍ରଶଂସା କରିଥିଲେ।

## ଓଡ଼ିଆ ବିଭାଗର ବିଦାୟ ଉତ୍ସବ

ବାରିପଦା, ୨୧।୪(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଓଡ଼ିଆ ବିଭାଗ ପକ୍ଷରୁ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଯାହାର ନାମ ରଖାଯାଇଥିଲା 'ସ୍ମୃତିଧାରା'। ଓଡ଼ିଆ ବିଭାଗର ଡ ଠାକୁରା ଚାରଣ ମାରାଣ୍ଡିଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ ଜେନା ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାକୁ କିପରି ଅଧିକ ସମୃଦ୍ଧଶାଳୀ କରିହେବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ବିଦାୟନେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ବହୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ଓ ଲକ୍ଷ୍ୟକୁ ଠିକ ଭାବେ ସଂଯୋଗ କରିପାରିଲେ ନିଶ୍ଚୟ ସଫଳତା ମିଳିବ ବୋଲି ଶ୍ରୀ ନାୟକ କହିଥିଲେ। ବିଶେଷ ଅତିଥି ଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଓ ବିଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଜ୍ୟୋତିର୍ମୟୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବାରିପଦା, ୨୧।୪(ସମିସ): ସରକାରୀ ମହିଳା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ନାନୋ-ରସାୟନର ବହୁମୁଖୀ ଭୂମିକା କିପରି ସ୍ଥାୟୀ ଉନ୍ନତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ; ସେ ସମ୍ପର୍କରେ ଏକ ବିଭାଗୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ ଆଶିଷ କୁମାର ଜେନା ଯୋଗଦେଇ ନାନୋ-ରସାୟନର ପ୍ରୟୋଗ ଯୋଗୁଁ ଆଧୁନିକ ସମୟରେ ଚିକିତ୍ସା କ୍ଷେତ୍ରରେ ରୋଗ ଚିହ୍ନଟଠାରୁ ଆରମ୍ଭ କରି କୃଷି କ୍ଷେତ୍ର, ଶକ୍ତି କ୍ଷେତ୍ର, ବୈଦ୍ୟୁତିକ ଉପକରଣ ନିର୍ମାଣ ଦିଗରେ ବେଶ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ତାହାର ସଦୃଷ୍ଟାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଯାହା ମଣିଷ ଜୀବନକୁ ଉନ୍ନତ ଓ ସମୃଦ୍ଧ କରିବାରେ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଆଗାମୀ ଭବିଷ୍ୟତରେ ଆମେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏହି ନାନୋ-ରସାୟନର ସଠିକ୍ ଓ ନିର୍ଭୁଲ୍ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ସଭାର ସଭାପତି ଡ ସାଗରିକା ସିଂହ ନିଜର ଉଦଘାଟନୀ ବକ୍ତବ୍ୟରେ କହିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ ବିଘ୍ନାଂଶୁ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ଡ ଶିବା ସୋରେନ୍ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିଲେ। ବିଭାଗର ସହକାରୀ ପ୍ରଫେସର ଡ ଦିନେଶ ନାୟକ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ସହକାରୀ ପ୍ରଫେସର ମନୀଷା ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ।



### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

# 'ଅଭିଭାବକ ସଚେତନ ହେଲେ ଶିକ୍ଷା ବ୍ୟବସ୍ଥା ସୁଧୁରିବ'

ବଡ଼ସାହି, ୨୧।୪(ସମିସ): ବଡ଼ସାହି ବ୍ଲକ ଅଧୀନ ପ୍ରତାପପୁରସ୍ଥ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ)ର ଊନବିଂଶ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ବିନୋଦ ପରିଡ଼ା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦେଇ ଆଜିର ଶିକ୍ଷା ବ୍ୟବସ୍ଥାରେ ଅଭିଭାବକ ସଚେତନ ହେଲେ ଶିକ୍ଷା ବ୍ୟବସ୍ଥା ସୁଧାରିଯିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର କାଳୀପଦ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରଭାସ ନାୟକ, ବିଶେଷ ଅତିଥି ଭାବେ ବଡ଼ସାହି ବ୍ଲକ ଓଷ୍ଟା ପରିବାରର ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଓ ଆଦର୍ଶ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ପଲ୍ଲୀପ୍ରଭାର ସମ୍ପାଦିକା ତଥା ବାଣୀପୀଠର ସଞ୍ଚାଳିକା ସୂର୍ଯ୍ୟକାନ୍ତି ପୁହାଣ ଯୋଗଦାନ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରାଣବିନ୍ଦୁ ହେଉଛି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଜାହ୍ନବୀରାଣୀ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଗୁରୁମା ସବିତାରାଣୀ ଷଡଙ୍ଗୀଙ୍କ ଦ୍ୱାରା ଭାରତ ମାତା, ସ୍ୱାମୀ ବିବେକାନନ୍ଦ ଓ ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ବିଧିବଦ୍ଧ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଲକ୍ଷ୍ମୀପ୍ରିୟା ଗିରି, ଉମିଳା ନାୟକ, ବନ୍ଦନୀ ଗିରି, ପ୍ରିୟଙ୍କା ବିନ୍ଧାଣୀ, ଶୁଭଜିତ ଶୁଭଙ୍କର ରାଉତ ଓ ମିତା ମୁର୍ମୁଙ୍କ ଦ୍ୱାରା ମାତୃ ଓ ପିତୃପୂଜନ ତଥା ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପ୍ତିରେଖା ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।



### ପୌରପାଳିକା କାର୍ଯ୍ୟାଳୟରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ନାମରେ ଶୋଷଣ

# ତଦନ୍ତ ଆରମ୍ଭ; ରାଜ୍ୟ ପାଇଁ ଜାରି ହେବ ନୂଆ ଏସ୍‌ଓପି

ବାରିପଦା, ୨୧।୪(ସମିସ)

ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟରେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ଚାଲିଥିବା ଅନିୟମିତତା ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍କେତ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ। ସ୍ୱତନ୍ତ୍ର ତଦନ୍ତ ସହ ରାଜ୍ୟବ୍ୟାପୀ ନୂଆ ଏସଓପି ଲାଗୁ ହେବାକୁ ଯାଉଛି। ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ସହରରେ ଏପରି ଘଟଣା ନନ୍ଦିଘୋଷ ଟିଭିରେ ସ୍ୱତନ୍ତ୍ର ଖବର ପ୍ରସାରଣ ଦେଖିବା ପରେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ଥାଇ ଫୋନରେ ନିଜର ପ୍ରତିକ୍ରିୟା ଜଣାଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକଙ୍କୁ ହଇରାଣ କରିବା ଓ ଅର୍ଥ ଆଦାୟ କରିବାକୁ ମନ୍ତ୍ରୀ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଅଭିହିତ କରିଛନ୍ତି। ଏହି ଅଭିଯୋଗ ପାଇବା ପରେ ସେ ତୁରନ୍ତ ଏକ ସ୍ୱତନ୍ତ୍ର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ଓଡ଼ିଶାରେ ଏହି ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଏକ ନୂତନ ଏସଓପି ପ୍ରସ୍ତୁତ କରିବାକୁ ସେ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ କହିଛନ୍ତି।

ଲୋକମାନେ ଯେପରି ଅଫିସ୍ ନ ଆସି ଘରେ ବସି ନିଜ ମୋବାଇଲ୍ ବା କମ୍ପ୍ୟୁଟର ମାଧ୍ୟମରେ ସାର୍ଟିଫିକେଟ୍ ପାଇପାରିବେ, ସେଥିପାଇଁ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। ସରକାରୀ ଫିସ୍ ବାବଦରେ ସ୍ପଷ୍ଟ ସୂଚନା ଦେବା ପାଇଁ ସମସ୍ତ ପୌର କାର୍ଯ୍ୟାଳୟ ବାହାରେ ରେଟ୍ ଚାର୍ଟ ବୋର୍ଡ ଲଗାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଲୋକଙ୍କ ସେବା ପାଇଁ ଅଛନ୍ତି। କୌଣସି ବି ସାଧାରଣ ନାଗରିକ ଯେପରି ହଇରାଣ ନ ହୁଅନ୍ତି, ତାହା ସରକାରଙ୍କ ପ୍ରାଥମିକତା। ଯେଉଁମାନେ ଦୁର୍ନୀତିରେ ସମ୍ପୃକ୍ତ ରହିବେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ନିଜର ପ୍ରତିକ୍ରିୟା ରଖିଛନ୍ତି। ମଙ୍ଗଳବାର ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ ଜଣେ ଡିପିଏଚଓଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ବାରିପଦା ପୌରପାଳିକା କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିୟୋଜିତ କର୍ମଚାରୀ ଜନ୍ମ ପ୍ରମାଣପତ୍ର ପ୍ରଦାନ ପାଇଁ ଲାଞ୍ଚ ନେବା ଜଣାପଡ଼ିଛି। ସମସ୍ତ ପ୍ରମାଣ ସହିତ ଧରାପଡ଼ିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ପରିବର୍ତ୍ତେ ନାଲିଆଖି ଦେଖାଇଥିଲେ। କାର୍ଯ୍ୟାଳୟର ଅନ୍ୟ ସହଯୋଗୀ ମଧ୍ୟ ସହଯୋଗ କରିବା ଭିଡିଓ ଭାଇରାଲ ହେବା ପରେ ଘଟଣା ଭିନ୍ନ ରୂପ ନେଇଛି। ବାରିପଦାର ଜଣେ ଦିନମଜୁରିଆ ରଞ୍ଜିତ ମହାନ୍ତି ନିଜର ଆଧାର କାର୍ଡ ସଂଶୋଧନ ପାଇଁ ତାଙ୍କର ହାତଲେଖା ପୁରୁଣା ଜନ୍ମ ପ୍ରମାଣପତ୍ରକୁ ଡିଜିଟାଲ୍ କରିବାକୁ ପଡ଼ିଥିଲା। ଏହି କାମ ପାଇଁ ସେ ପୌରପାଳିକା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ସାହାଯ୍ୟ କରିବା ବଦଳରେ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ଏହି ଦୁର୍ନୀତି ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ଅନୁମାନ କରାଯାଉଛି। ୭୦ ଟଙ୍କାର ସରକାରୀ ଫି' ପାଇଁ ୯୦୦ ଟଙ୍କା କେଉଁ ଆଧାରରେ ନିଆଯାଉଛି ବୋଲି ଆବେଦନକାରୀ କହିଥିଲେ।

# ଓଷ୍ଟା ପକ୍ଷରୁ ଜିଲ୍ଲାପାଳ ଓ ଶିକ୍ଷାଧିକାରୀଙ୍କୁ ଦାବିପତ୍ର



ବାରିପଦା, ୨୧।୪(ସମିସ): ଜିଲ୍ଲା ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିକଟରେ ନିଖୋଜ ହୋଇଥିବା ବାରିପଦା ବ୍ଲକର ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁଙ୍କୁ ଠାବ କରିବା, ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସମସ୍ତ ଲୋକ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶା କର୍ମଚାରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା, ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଦ୍ୟାଳୟ କାର୍ଯ୍ୟ ପରେ ଜନଗଣନା କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ବିଦ୍ୟାଳୟ କାର୍ଯ୍ୟକ୍ରମରୁ ସମ୍ୟକ ଅବ୍ୟାହତି ଦେବା, ପର୍ଯ୍ୟାୟ କ୍ରମେ ବିଦ୍ୟାଳୟ କାର୍ଯ୍ୟକୁ ପରିଚାଳନା କରିବା ଇତ୍ୟାଦି ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଷ୍ଟା ସଂଘର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା, କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ସମ୍ପାଦକ କିଶୋର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ବିକାଶ ପଣ୍ଡା, ଅତସୀ କୁଣ୍ଡୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କାସ୍ତ, ସୁଶାନ୍ତ ଗିରି, ସୂର୍ଯ୍ୟାନନ୍ଦ ନାୟକ, ପ୍ରଦୀପ ମହାନ୍ତ, ସୁଦର୍ଶନ ବାରିକ, ସମୀର ମାଇତି, ଶିକ୍ଷକ ବିଜୟ ପଣ୍ଡିତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ସଏ ସମସ୍ତ ବିଷୟକୁ ଗୁରୁତ୍ୱ ପ୍ରଦାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ।

# ଗୋଟିଏ ରାତିରେ ୩ଟି ସ୍ଥାନରୁ ଚୋରି

ବେତନଟୀ, ୨୧।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଥାନା ଅଞ୍ଚଳରେ ଗୋଟିଏ ରାତିରେ ୩ଟି ସ୍ଥାନରୁ ଚୋରି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସରପଞ୍ଚଙ୍କ ଘର ସମେତ ଦୋକାନ ଓ ବ୍ୟବସାୟିକ ସ୍ଥାନକୁ ଟାର୍ଗେଟ୍ କରି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟିନେଇଥିବା ଅଭିଯୋଗ ମିଳିଛି। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି।

ବେତନଟୀ ବ୍ଲକ ଅଧୀନ କେନ୍ଦୁଆ ପଞ୍ଚାୟତର ସରପଞ୍ଚ ମନମୋହନ ମାଝୀ ଗତ କିଛିଦିନ ଧରି ପଶ୍ଚିମବଙ୍ଗରେ ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇଥିଲେ। ଘର ଖାଲି ଥିବାରୁ ସେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ରାତିରେ ଘର ଜଗିବାକୁ କହିଥିଲେ। କିନ୍ତୁ କାଲି ଅଚାନକ କଳାବୈଶାଖୀ ଝଡ଼ବର୍ଷା ହେବାରୁ ସେମାନେ ଆସିପାରି ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତଘର ପଛ ପଟେ ପଶି ମୁଖ୍ୟ ଦ୍ୱାର ତାଲା ଭାଙ୍ଗି ଘରକୁ ପ୍ରବେଶ କରିଥିଲେ। ଦୁଇଟି ଶୋଇବା ଘରର ତାଲା ଭାଙ୍ଗି ଗଡ଼ରେଜ ଓ ଲକର ଭାଙ୍ଗି ଦେଇଥିଲେ। ଲକରରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ସହିତ ପ୍ରାୟ ୩୦ ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ପରେ ଦୁର୍ବୃତ୍ତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅନ୍ତର୍ଯ୍ୟାମୀ ଦାସଙ୍କ ଟାୟାର ଦୋକାନ ତାଲା ଭାଙ୍ଗି ମୂଲ୍ୟବାନ ମେସିନ ଚୋରି କରିଥିବାବେଳେ କେନ୍ଦୁଆ ଗ୍ରାମରେ ଥିବା ଏକ ହର୍ବଲ ଲାଇଫ ଷ୍ଟକ ପଏଣ୍ଟରେ ଚୋରି ଉଦ୍ୟମ ହୋଇଥିବା ଜଣାପଡ଼ିଛି। ଖବର ପାଇ ସରପଞ୍ଚ ମନମୋହନ ମାଝୀ ପଶ୍ଚିମବଙ୍ଗରୁ ଫେରି ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରିଣୀ ବାରିଣୀ ଦାସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଦୁଇଟି ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବିପୁଳ ପରିମାଣର ଦେଶୀମଦ ଓ ମହୁଲ ପୋଚ ଜବତ

# ୩ ଗିରଫ, ଗୋଟିଏ ବାଇକ୍ ଜବତ

ରାଇରଙ୍ଗପୁର, ୨୧।୪(ସମିସ): ବହଳଦା ଅବକାରୀ ଥାନା ପକ୍ଷରୁ ବିପୁଳ ପରିମାଣର ଦେଶୀ ମଦ ଓ ମହୁଲ ପୋଚ ଜବତ



କରାଯିବା ସହ ୩ ଜଣ ଗିରଫ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଚଢ଼ଉ କରାଯାଇଥିଲା। ଇନ୍ଦତାଣ୍ଡି, ଯୋଡ଼ି ଗ୍ରାମରେ ଚଢ଼ଉ କରାଯାଇ ୧୫୩ ଲିଟର ଦେଶୀ ରନ୍ଧା ମଦ ଓ ୧୯୫୦ ଲିଟର ମହୁଲ ପୋଚ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ସହକାରୀ ଉପନିରୀକ୍ଷକ ସୁଶାନ୍ତ ନାୟକ, କନଷ୍ଟେବଳ ସୁରେନ୍ଦ୍ର ସୋରେନ, ରାଜେନ୍ଦ୍ର ସେନାପତି, ଲଲାଟେନ୍ଦୁ ଶତପଥୀ, ଫୁଲମଣି ହାଁସଦା ପ୍ରଭୃତି ସାମିଲ ଥିଲେ।

# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ

ଗୋରୁମହିଷାଣୀ, ୨୧।୪(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀଠାରେ ଗୋରୁମହିଷାଣୀ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଗୋରୁମହିଷାଣୀ ବଜାରରେ ଅବସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡଙ୍କ ପ୍ରତିମୂର୍ତ୍ତି ପାଖରେ ମଞ୍ଚର ଆବାହକ ସାମ୍ବାଦିକ ସୁବ୍ରତ ମହାନ୍ତିଙ୍କ ନେତୃତରେ ମୁଖ୍ୟଅତିଥି ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ସମ୍ମାନିତ ଅତିଥି ଲୌହ ଖଣି ପ୍ରବନ୍ଧକ ବିକାଶ ରଞ୍ଜନ ନାୟକ, ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ଅନଶନ ମହନ୍ତ, ବରିଷ୍ଠ ବିଜେଡି ନେତା ସତ୍ୟବ୍ରତ ଦାସ, ଅଧ୍ୟାପକ ପ୍ରମୋଦ କୁମାର ତନ୍ତୀ, ରାଇରଙ୍ଗପୁର ବିଧାୟକ ପ୍ରତିନିଧି ଅଶୋକ ମହନ୍ତ ଯୋଗଦାନ କରିଥିଲେ। ସଭ୍ୟମାନେ ସମବେତ ହୋଇ ପ୍ରତିମୂର୍ତ୍ତିକୁ ସଫା କରି ପ୍ରତିମୂର୍ତ୍ତିରେ ସାବୁନ ତେଲ ଲଗାଇ ନୂଆ ପଗଡ଼ି ପରିଧାନ କରିଥିଲେ। ପରେ ମଞ୍ଚର ସମସ୍ତ ସଭ୍ୟ ପ୍ରତିମୂର୍ତ୍ତିରେ ଫୁଲମାଳ ସହିତ ଧୂପ ଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମକୁ କୁଲେଇଶିଳାର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାଏକ, କୁଶ ମୁଦୁଲି, ବିମଳ ସାହୁ, ରମେଶ ସାହୁ, ତିଲକା ହେମ୍ବ୍ରମ, ଅର୍ଜୁନ ମହାକୁଡ ପରିଚାଳନା କରିଥିଲେ।

# ବିଜେଡି ପକ୍ଷରୁ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ



ବାରିପଦା, ୨୧।୪(ସମିସ): ୨୧ ଏପ୍ରିଲକୁ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ବାରିପଦା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ବୀରପୁତ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭକ୍ତିର ସହ ସଫେଇ କାର୍ଯ୍ୟକ୍ରମ ସ୍ୱଚ୍ଛତା ଓ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ଓ ସୁରକ୍ଷିତର ବାର୍ତ୍ତା ନେଇ ବାରିପଦା ସହର ମଧ୍ୟରେ ଥିବା ବରପୁତ୍ର ବିଜୁ ପଟ୍ଟନାୟକ, ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ରଘୁନାଥ ମୁର୍ମୁ, ସୁନାରାମ ସୋରେନ, ପଣ୍ଡିତ ରୋହିତ ଦାସ ସିଂ ନାଗ, ପଣ୍ଡିତ ଲୋକ ବଦ୍ରା, ସ୍ୱର୍ଗତ ରଘୁନାଥ ମହାନ୍ତି, ସ୍ୱର୍ଗତ ଅଜୟ ଦାସ, ସ୍ୱର୍ଗତ ରତିକାନ୍ତ ମହାନ୍ତି, ସ୍ୱର୍ଗତ କୁଳଦୀପ ସାଏଙ୍କର ପ୍ରତିମୂର୍ତ୍ତି ସଫା କରିବା ସହ ଭବିଷ୍ୟତ ବଂଶଧରଙ୍କୁ ପୂଜ୍ୟପୂଜାର ସମ୍ମାନ ପାଇଁ ସୁନ୍ଦର ବାର୍ତ୍ତା ବୋଲି ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ବିଜେଡି ଜିଲ୍ଲା ସଭାପତି ଦେବାଶିଷ ମାର୍ଣ୍ଡି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ସହର ବିଜେଡି ସଭାପତି ପ୍ରଭାତ ମହାନ୍ତି, ଖଦି ବୋର୍ଡ ନିର୍ଦ୍ଦେଶକ ସରୋଜ ବୋଷ, ଯୁବ ବିଜେଡି ସଭାପତି ଅରୁଣ ବରାଡ, ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ, ବରିଷ୍ଠ ବିଜେଡି ନେତା ପ୍ରଭାତ ନାୟକ, ଦେବାଶିଷ ପାତ୍ର, ଅନନ୍ତ ଦାସ, ଲଲାଟେନ୍ଦୁ ବେହେରା, ବିନୋଦ ବେହେରା, ପୂର୍ଣ୍ଣେନ୍ଦୁ ପରିଡ଼ା, ଶିବଶଙ୍କର ପାତ୍ରଙ୍କ ସହିତ ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, କାଶୀନାଥ ରଣା, ଛାତ୍ର ନେତା ଆଭାସ ଦେ, ଜିତ ପଟ୍ଟନାୟକ, ଦୀପକ ମାଡୁଆଳ, ଅମିତ ବୈଠା, ଅଜିତ ଭକ୍ତା, ଅମିତ ମହାକୁଡ଼, ଟୁନୁ ଅଗ୍ରୱାଲ ପ୍ରମୁଖ ସକ୍ରିୟଅଂଶଗ୍ରହଣ କରିଥିଲେ।

### କରଞ୍ଜିଆରେ ଉପଖଣ୍ଡସ୍ତରୀୟ ମିଳିତ ଜନଶୁଣାଣି ଶିବିର

# ୯୫ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



କରଞ୍ଜିଆ, ୨୧।୪(ସମିସ): କରଞ୍ଜିଆଠାରେ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ହେମକାନ୍ତ ସୟ ଓ ପୁଲିସ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଦାସ, ଏସଡିପିଓ ନବକୃଷ୍ଣ ନାୟକ, ପାଞ୍ଚଟି ବ୍ଲକର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ୯୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରେ ୭୯ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମୀଣ ସମସ୍ୟା ଥିଲା। ଶୁଣାଣି ପରେ ୬ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମାଳତୀ ମହାନ୍ତ, ଗୋବିନ୍ଦ ଘଣା, ବଳଭଦ୍ର ବେହେରା, ଅଭିମନ୍ୟୁ ଜେନା ଓ ଦେବାଶିଷ ପତିଙ୍କୁ ସହାୟତା ଦିଆଯାଇଥିବାବେଳେ ରେଡକ୍ରସ ପକ୍ଷରୁ ସରୋଜ ପୂର୍ତ୍ତିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଅଭିଯୋଗ ଶୁଣାଣି ସମୟରେ ଜଣେ ମହିଳା ନିଜ ପ୍ରତି ଘଟିଥିବା ଅତ୍ୟାଚାର ସମ୍ପର୍କରେ ମଧ୍ୟ ଅଭିଯୋଗ ଉପସ୍ଥାପନ କରିଥିଲେ। ସମସ୍ତ ଅଭିଯୋଗର ଶୁଣାଣି ପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ତ୍ୱରିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ରଥଯାତ୍ରା ପାଇଁ କାଠ ଅନୁକୂଳ ଓ ଚକ ଲାଗି କାର୍ଯ୍ୟ ସମ୍ପନ୍ନ

ବେତନଟୀ, ୨୧।୪: ବେତନଟୀର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅକ୍ଷୟ ତୃତୀୟା ଅବସରରେ ଆଧାତ୍ମିକ ପରିବେଶ ମଧ୍ୟରେ ରଥଯାତ୍ରା ପାଇଁ କାଠ ଅନୁକୂଳ ଓ ଚକ ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ସକାଳ ଧୂପ ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପୂଜକଙ୍କ ଦ୍ୱାରା ରଥଖଳାକୁ ଆଣାଯାଇଥିଲା। ପରେ ରଥଖଳାରେ ପୂଜା ଓ ହୋମ କାର୍ଯ୍ୟ ସମ୍ପନ୍ନ ହେବା ସହ ବିଶ୍ୱକର୍ମାଙ୍କ ଦ୍ୱାରା କାଠ ଅନୁକୂଳ ଓ ରଥର ଚକ ଲାଗି କାମ ଆରମ୍ଭ ହୋଇଥିଲା। ଏଥିସହ ପଟି ଦିଅଁ ଚିତ୍ରକର ସଭାପତି କେଶୁଭାଇ ଓ ଅନ୍ୟ ଶିଳ୍ପୀ ମହାପ୍ରଭୁଙ୍କ ନିକଟରୁ ଆଜ୍ଞା ଗ୍ରହଣ କରି ସ୍ୱୀକୃତି ପର୍ବ ସମାପନ କରିଥିଲେ।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଉଦଳା, ୨୧।୪(ସମିସ): ଉଦଳା ଅଞ୍ଚଳର ଝିଅକୁ ରାଜସ୍ଥାନୀ ଯୁବକ ବାହା ହୋଇଥିଲେ। ବାହାଘର ପରେ ଉଦଳା ଥାନା କୋଟିକାଡିହା ପଞ୍ଚାୟତ କଇଁଫୁଲିଆ ଗ୍ରାମରେ ସ୍ତ୍ରୀ ସହ ରହୁଥିଲେ। ଆଜି ସକାଳୁ ଯୁବକଙ୍କ ଝୁଲନ୍ତା ମୃତଦେହ ଗ୍ରାମ ବିଲ ଭିତରୁ ମିଳିଛି। ଆଜି ସକାଳେ ଗ୍ରାମବାସୀ ବିଲରେ ଥିବା ଏକ ଗଛରେ ରାଜସ୍ଥାନୀ ଯୁବକ ରଘୁବୀର ଗୁଜରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ପୁଲିସକୁ ଖବର ଦେବା ପରେ ଉଦଳା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ମୃତକ ରଘୁବୀର ତାଙ୍କ ସ୍ତ୍ରୀ ପାନ ହାଁସଦା ସହିତ କଇଁଫୁଲିଆ ଗ୍ରାମରେ ୫ ବର୍ଷରୁ ଅଧିକ ହେବ ରହି ଆସୁଥିଲେ। ତେବେ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଅସ୍ପଷ୍ଟ ରହିଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ପୁରା ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବାବେଳେ ପୁଲିସ ପରିବାର ଲୋକଙ୍କୁ ପଚରାଉଚରା କରୁଛି।

# ବାଇକ୍ ଦୁର୍ଘଟଣାରେ ଦମ୍ପତି ମୃତ

ମହୁଲଡିହା, ୨୧।୪(ସମିସ): ମହୁଲଡିହା ଥାନା ଅନ୍ତର୍ଗତ ସାତକୋଶିଆ-ନଦା ଗ୍ରାମ ରାସ୍ତାର ସାଳଚୁଆ ଗାଁ ନିକଟ ବାଙ୍କରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ସ୍ୱାମୀ ଘଟଣାସ୍ଥଳରେ ଓ ସ୍ତ୍ରୀ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆଜି ଅପରାହ୍ନ ପ୍ରାୟ ୩ଟାରେ ମହୁଲଡିହା ପଞ୍ଚାୟତ ଜାମୁନାଳିଆ ଗ୍ରାମର କର୍ମୁ ମହାନ୍ତ (୪୮) ଓ ତାଙ୍କ ସ୍ତ୍ରୀ ରେବତୀ (୪୫) ବାଇକ ଯୋଗେ ଆନନ୍ଦପୁର ଥାନା କାଠକଟା ଗ୍ରାମରେ ଝିଅ ବାହାଘର ଥିବାରୁ ଯାଉଥିଲେ। ତେବେ ସାଳଚୁଆ ଗାଁ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ କର୍ମୁ ମୃତ୍ୟୁବରଣ କରିଥିଲେ। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ପହଞ୍ଚି ମୃତଦେହ ଜବତ କରି ଗୁରୁତର ରେବତୀଙ୍କୁ ପୁଲିସ ଗାଡ଼ିରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରେବତୀଙ୍କୁ ମୃତ ଘୋଷଣା କରିଥିଲେ। ବାପାମାଆଙ୍କ ମୃତ୍ୟୁରେ ୨ ଝିଅ ଓ ଏକମାତ୍ର ପୁତ୍ର ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ, ୨୧।୪(ସମିସ): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ମେଦ୍ଧା ପଞ୍ଚାୟତ ଶିଙ୍ଗାରପୁରା ଗ୍ରାମର ଜଣେ ମହିଳାଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲରେ ଏକ ଗଛ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ବୈଶିଙ୍ଗା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ମୃତ ମହିଳା ସିଙ୍ଗାରପୁରାର ସ୍ୱର୍ଗତ ଗଗନ ସିଂଙ୍କ ପତ୍ନୀ ପାରା ସିଂ (୪୫) ବୋଲି ଜଣାପଡ଼ିଛି।

# ଗାଁରେ ପଶିଲା ଦନ୍ତା



ଉଦଳା, ୨୧।୪(ସମିସ): ଉଦଳା ବନାଞ୍ଚଳ ଅଧୀନ ବେଗୁନିଆଡିହା ସଂରକ୍ଷିତ ଜଙ୍ଗଲରେ ପଶିଛି ଗୋଠଛଡ଼ା ଦନ୍ତା। ସୋମବାର ସକାଳ ୬ ଘଟିକା ସମୟରେ ଏକ ଗୋଠଛଡା ଦନ୍ତା ସଂରକ୍ଷିତ ଜଙ୍ଗଲ ଦେଇ ଜନବସତି ମୁହାଁ ହେଉଥିବା ବନବିଭାଗ ଖବର ପାଇଥିଲା। ଖବର ପାଇବା ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିବା ସହିତ ହାତୀକୁ ଜନବସତି ଭିତରକୁ ନ ପଶିବା ପାଇଁ ଘଉଡ଼ାଇବା ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ବନବିଭାଗ ଏହି ଉଦ୍ୟମ କରିବା ପରେ ହାତୀଟି ଜଙ୍ଗଲ ଭିତର ଦେଇ ଅନ୍ୟସ୍ଥାନକୁ ଘଉଡାଇ ଦିଆଯାଇଛି। ଦନ୍ତାହାତୀଟି କୁଲଡିହା ଅଭୟାରଣ୍ୟରୁ ଖସି ଆସିଥିବା କୁହାଯାଉଥିବାବେଳେ ହାତୀକୁ ପୁଣି ଜଙ୍ଗଲକୁ ସୁରକ୍ଷିତ ଭାବେ ପଠାଇବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି।

# ଭକ୍ତକବି ଜୟଦେବ ଓ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ

ବାରିପଦା, ୨୧।୪(ସମିସ): ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଗୀତଗୋବିନ୍ଦ ରଚୟିତା ଭକ୍ତକବି ଶ୍ରୀ ଜୟଦେବ ଜୟନ୍ତୀ ଓ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଜୟଦେବଙ୍କ ଉପରେ ଗବେଷଣା ଜାରି ରଖିଥିବା ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଭକ୍ତ କବିଙ୍କ ସମର୍ପିତ ଜୀବନ ଚରିତ ତଥା ତାଙ୍କର ରଚିତ ଗୀତଗୋବିନ୍ଦ ବିଶ୍ୱ ସାହିତ୍ୟରେ କିପରି ଅମୂଲ୍ୟ ରତ୍ନ ଭାବେ ଶୋଭାୟମାନ ଓ ଶ୍ରୀଜଗନ୍ନାଥଙ୍କ ଅତ୍ୟନ୍ତ ପ୍ରିୟ, ସେ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିବା ସହିତ ଭଗବାନ ପର୍ଶୁରାମ ପିତାଙ୍କ ଆଦେଶ ପାଳନ କରିବାସହ ପୃଥିବୀକୁ କ୍ଷତ୍ରୀୟ ଶୂନ୍ୟ କରିବା ପାଇଁ ଉଦ୍ୟମ କରିଥିଲେ; ସେ ସମ୍ପର୍କରେ ଚମତ୍କାର ବାର୍ତ୍ତା ଉପସ୍ଥାପନ କରିଥିଲେ। ସଭାପତି ଡାକ୍ତର ଦାଶ ଜୟଦେବ ତଥା ଭଗବାନ



ପର୍ଶୁରାମଙ୍କ ବିଷୟରେ ଅତି ମାର୍ମିକ ବକ୍ତବ୍ୟ ଉପସ୍ଥାପନ କରି ବ୍ରାହ୍ମଣମାନେ ପର୍ଶୁରାମଙ୍କ ଜୀବନଚର୍ଯ୍ୟାରୁ କିଛି ନିଜ ଜୀବନରେ ଗ୍ରହଣ କରନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ପଣ୍ଡା, ପଣ୍ଡିତ ରତ୍ନାକର ତ୍ରିପାଠୀ, ସୁଦର୍ଶନ ଦ୍ୱିବେଦୀ, ଆଶୁତୋଷ ଆଚାର୍ଯ୍ୟ, ହିମାଂଶୁ ଶେଖର ପ୍ରହରାଜ, ବିଜୟ ମହାପାତ୍ର, ରବୀନ୍ଦ୍ର ମହାପାତ୍ର, କ୍ଷେତ୍ରମୋହନ ପଣ୍ଡା, ଅଚ୍ୟୁତ ପ୍ରସାଦ ମହାପାତ୍ର, ପ୍ରୀତିସୁଧା ତ୍ରିପାଠୀ, ସନ୍ଧ୍ୟାରାଣୀ ପଣ୍ଡା, ଅଭିଷେକ ଦ୍ୱିବେଦୀ, ସମ୍ବିତ ମହାପାତ୍ର ପ୍ରମୁଖ ସ୍ୱକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ସୁରେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

# ମୋରଡ଼ା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରିପଦା, ୨୧।୪(ସମିସ)




ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ଅସୁସ୍ଥ ଓ ମୃତ୍ୟୁ ଘଟଣା ନେଇ ମୋରଡା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସମେତ ଅନ୍ୟ ଛାତ୍ରୀଙ୍କୁ କ୍ଷତିପୂରଣ ଦେବାକୁ ଦାବି କରାଯଇଛି।

କେବଳ ସେତିକି ନୁହେଁ ମୋରଡା ନିର୍ବାଚନମଣ୍ଡଳୀର ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବି କରିଛି ମୋରଡା ଯୁବ କଂଗ୍ରେସ। ସମ୍ପୃକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମନ୍ତ୍ରିମଣ୍ଡଳରୁ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ନ ଗଲେ ଆଗାମୀ ୨୮ ତାରିଖରେ ଯୁବ କଂଗ୍ରେସ ପୁଣିଥରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦେଇଛି। ଆଜିର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ବହୁ କର୍ମୀ ଓ କର୍ମକର୍ତ୍ତା ସାମିଲ ଥିବାବେଳେ ମୋରଡା ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶଧର ବେହେରା, ମୁନା ଧଳ ଓ ଯୁବ କଂଗ୍ରେସ ନେତା ଶୁଭକୁମାର ମହାନ୍ତ, ଏମଡି ନାଜିର ହୁଲକ, ଲୋସନ ସାହୁ, ଅସିତ ବେହେରା, ସନାତନ ଦେ, ଅକ୍ଷୟ ମହାନ୍ତ, ବଡସାହି ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦୀପ୍ତିଭାନୁ ସେନାପତି ନେତୃତ୍ୱ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋରଡା ବ୍ଲକର ପୂର୍ବତନ ସଭାପତି ରାଜେଶ ପଢ଼ିହାରୀ, ବରିଷ୍ଠ ଯୁବ ନେତା ମୋହନ ଦାସ, ବାରିପଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ, ଉଦଳା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଦୁର୍ଗାଚରଣ ଟୁଡୁ, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ନାୟକ, ବରିଷ୍ଠ କଂଗ୍ରେସ ନେତା ଶୋଭାକର ମୁଖି, ଶୁଳିଆପଦା ବ୍ଲକ କଂଗ୍ରେସ କମିଟି ସଭାପତି ଦ୍ୱାରିକା ଧୂର, ରାସଗୋବିନ୍ଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ହରିଶ ସେଠୀ, ପୂର୍ବତନ ସଭାପତି ଜଗେନ୍ଦ୍ର ମହାନ୍ତି, ବଡସାହି ବ୍ଲକ କଂଗ୍ରେସ କମିଟି ସଭାପତି ଶଶାଙ୍କଶେଖର କର, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଅମରଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA
www.sakalaepaper.com

## ସନ୍‌ରାଇଜର୍ସ ହାଇଦରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

# ଅଭିଷେକଙ୍କ ଦ୍ୱିତୀୟ ଆଇପିଏଲ୍ ଶତକ

**ହାଇଦରାବାଦ, ୨୧।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ୩୧ତମ ମୁକାବିଲାରେ ଘରୋଇ ସନରାଇଜର୍ସ ହାଇଦରାବାଦ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ରାଜବୀ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଓପନର୍ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକୀୟ ପାଳି ବଳରେ ସନରାଇଜର୍ସ ଦମ୍‌ଦାର ବ୍ୟାଟିଂ କରିଛି। ମ୍ୟାଚରେ ଟସ୍ ଜିତି ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେବେ ଅକ୍ଷରଙ୍କ ଏହି ନିଷ୍ପତ୍ତି ବୁମେରାଂ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ପାଇଁ ଦୁଇ ଓପନର୍ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ବିସ୍ଫୋରକ ଆରମ୍ଭ କରିଥିଲେ। ହେଡ୍ ଓ ଅଭିଷେକ ଓପନିଂ ୱିକେଟ୍ ଯୋଡ଼ିରେ ସନରାଇଜର୍ସର ବୋଲରଙ୍କୁ ନିର୍ଘୁମ ପ୍ରହାର କରି ପାୱାର ପ୍ଲେ’ରେ ୬୭ ରନ ଉଠାଇଥିଲେ। ତେବେ ୯ ଓଭର ବୋଲିଂ କରିଥିବା ଅଧିନାୟକ ଅକ୍ଷର ନିଜେ ଶେଷରେ ଏହି ଯୋଡ଼ିକୁ ଭାଙ୍ଗିଥିଲେ। ଅପେକ୍ଷାକୃତ ଧୀମା ଖେଳୁଥିବା ହେଡ୍ ୨୬ ବଲରେ ୩୭ ରନ କରିଥିବାବେଳେ ଅକ୍ଷରଙ୍କୁ ବଡ଼ ସଟ୍ ମାରିବାକୁ ଯାଇ ଲଙ୍ଗଅନରେ ସମୀର ରିଜଭୀଙ୍କ ହାତରେ ଧରାପଡ଼ିଥିଲେ। ଆଉଟ୍ ହେବା ପୂର୍ବରୁ ହେଡ୍ ଓପନିଂ ଯୋଡ଼ିରେ ଅଭିଷେକଙ୍କ ସହ ୫୩ ବଲରୁ ୯୭ ରନର ଭାଗୀଦାରି ଗଢ଼ିଥିଲେ। ଶେଷ ଖବର ସୁଦ୍ଧା ସନରାଇଜର୍ସ ୧୫ ଓଭରରେ ୨ ୱିକେଟ ହରାଇ ୧୮୩ ରନ ସଂଗ୍ରହ କରିଛି।

ଓପନର ଅଭିଷେକ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଅକ୍ଷରଙ୍କୁ ଛକା ମାରି ୨୫ ବଲରେ ନିଜର ୧୨ତମ ଆଇପିଏଲ୍ ଅର୍ଦ୍ଧଶତକ ପୂରଣ କରିଥିଲେ। ରାଜୀବ ଗାନ୍ଧୀ ଗ୍ରାଉଣ୍ଡରେ ଅଭିଷେକଙ୍କ ଏହା ୬ଷ୍ଠ ଓ ସବୁଠୁ ଧୀମା ଆଇପିଏଲ୍ ଅର୍ଦ୍ଧଶତକ ଥିଲା। ଅର୍ଦ୍ଧଶତକ ପୂରଣ ପରେ କିନ୍ତୁ ଅଭିଷେକ ଆହୁରି ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ପରବର୍ତ୍ତୀ ୨୨ଟି ବଲରେ ଆଉ ୫୦ ରନ ସଂଗ୍ରହ କରିବା ସହ ଶତକ ପୂରଣ କରିଥିଲେ। ୪୭ ବଲର ଏହି ଶତକୀୟ ପାଳିରେ ୭ଟି ଚୌକା ଓ ୯ଟି ଛକା ମାରିଥିଲେ। ନୀତୀଶ ରାଣା ବୋଲିଂ କରିଥିବା ୧୫ତମ ଓଭରରୁ ସେ ୨୩ ରନ ଉଠାଇଥିଲେ। ଏହି ଅବସରରେ ଅଭିଷେକ ଟି-୨୦ କ୍ରିକେଟ୍‌ରେ ୩୫୦ତମ ଛକା ମାଇଲଖୁଣ୍ଟ ହାସଲ କରିଛନ୍ତି।



ଏହି ମ୍ୟାଚ୍ ପୂର୍ବରୁ ହାଇଦରାବାଦ୍ ୬ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ଟେବଲର ୪ର୍ଥ ସ୍ଥାନରେ ରହିଛି। ସେହିଭଳି ୩ଟି ବିଜୟ ଓ ୨ଟି ପରାଜୟ ସହ ଦିଲ୍ଲୀ ୫ଟି ମ୍ୟାଚରୁ ସମାନ ୬ ପଏଣ୍ଟ ରନରେଟ୍ ଦୃଷ୍ଟିରୁ ପଞ୍ଚମ ସ୍ଥାନ ହାସଲ କରିଛି।

## ମୁମ୍ବାଇ ବିଜୟ ଧାରାକୁ ଫେରିଲା

**ଅହମ୍ମଦାବାଦ୍:** ତିଲକ ବର୍ମା (୪୫ ବଲରେ ଅପରାଜିତ ୧୦୧ରନ୍)ଙ୍କ ବିସ୍ଫୋରକ ଶତକ ଓ ଅଶ୍ୱିନ କୁମାର (୪/୨୪)ଙ୍କ ଘାତକ ବୋଲିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୩୦ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୯୯ ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଫଳରେ କ୍ରମାଗତ ୪ଟି ମ୍ୟାଚ୍ ହାରିବା ପରେ ମୁମ୍ବାଇ ବିଜୟ ଧାରାକୁ ଫେରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ୱିକେଟରେ ୧୯୯ ରନ୍ କରିଥିଲା। ତିଲକଙ୍କ ଶତକ ବ୍ୟତୀତ ନମନ ଧୀର ୪୫ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର କାଗିସୋ ରାବାଡା ୩ଟି ୱିକେଟ ପାଇଥିଲେ। ଜବାବରେ ୧୯୬ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଗୁଜରାଟ ଜାଏଣ୍ଟସ ପ୍ରଥମ ବଲ୍‌ରୁ ହିଁ ୱିକେଟ ହରାଇଥିଲା। ଓପନର ସାଇ ସୁଦର୍ଶନଙ୍କୁ ଆଉଟ କରି ବୁମ୍‌ରା ଏଠାରେ ୬ଷ୍ଠ ମ୍ୟାଚ୍‌ରେ ପ୍ରଥମ ୱିକେଟ ପାଇଥିଲେ। ଏହା ପରେ ଗୁଜରାଟର କ୍ରମାଗତ ୱିକେଟ ପତନ ଘଟିଥିଲା ଓ ଦଳ ୧୫.୫ ଓଭରରେ ୧୦୦ ରନ୍ କରି ଅଲଆଉଟ ହୋଇଥିଲା। ୱାଶିଂଟନ ସୁନ୍ଦର ସର୍ବାଧିକ ୨୬, ଶାହରୁଖ ଖାନ୍ ୧୭ ଓ ଅଧିନାୟକ ଶୁବମନ ଗିଲ୍ ୧୪ ରନ୍ କରିଥିଲେ। ବିଜୟୀ ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ଘାତକ ବୋଲିଂ କରି ସର୍ବାଧିକ ୪ଟି ୱିକେଟ ପାଇଥିଲେ।

## କ୍ରମାଗତ ୭ମ ଟସ୍ ହାରି ପ୍ରଥମେ ବ୍ୟାଟିଂ କଲା ସନ୍‌ରାଇଜର୍ସ

ଏଠାରେ ଆଜି ଖେଳାଯାଇଥିବା ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଫଳରେ ଆଇପିଏଲ୍‌ରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ସନ୍‌ରାଇଜର୍ସ ତାହାର ପ୍ରଥମ ୭ଟି ମ୍ୟାଚ୍‌ରେ ଯାଏ ହାରି ପ୍ରଥମେ ବ୍ୟାଟିଂ କରିଛି। ଏହା ଏକ ନୂଆ ରେକର୍ଡ। ପୂର୍ବରୁ ୨୦୧୬ରେ ଆର୍‌ସିବି, ୨୦୧୮ ଓ ୨୦୨୧ରେ ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କ ପ୍ରଥମ ୫ଟି ଲେଖାଏଁ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାର ରେକର୍ଡର ଅଧିକାରୀ ଥିଲେ।

## ଦିଲ୍ଲୀ ପାଇଁ ୧୦୦ ମ୍ୟାଚ୍ ଖେଳିଲେ ଅକ୍ଷର

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଆଇପିଏଲ୍‌ରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଦିଲ୍ଲୀ ଫ୍ରାଞ୍ଚାଇଜ (କ୍ୟାପିଟାଲ/ଡେୟାରଡେଭିଲ୍ସ) ପକ୍ଷରୁ ୧୦୦ ମ୍ୟାଚ୍ ଖେଳିବାରେ ସେ ଦ୍ୱିତୀୟ ଖେଳାଳି ହୋଇଛନ୍ତି। ମଙ୍ଗଳବାର ସନରାଇଜର୍ସ ବିପକ୍ଷ ମ୍ୟାଚ୍ ଖେଳି ଅକ୍ଷର ଦିଲ୍ଲୀ ଫ୍ରାଞ୍ଚାଇଜ ପାଇଁ ୧୦୦ତମ ମ୍ୟାଚ୍ ପୂରଣ କରିଛନ୍ତି। ଋଷଭ ପନ୍ତ ୧୧୧ ମ୍ୟାଚ୍ ସହ ଦିଲ୍ଲୀ ପାଇଁ ସର୍ବାଧିକଥର ଖେଳିବାର ରେକର୍ଡ ବହନ କରୁଛନ୍ତି। ୨୦୧୯ ସିଜନରୁ ଦିଲ୍ଲୀ ପାଇଁ ଖେଳି ଆସୁଥିବା ଅକ୍ଷର ବର୍ତ୍ତମାନ ସୁଦ୍ଧା ଫ୍ରାଞ୍ଚାଇଜ ପାଇଁ ୧୨୫୯ ରନ ଓ ୭୩ଟି ୱିକେଟ୍ ନେଇଛନ୍ତି। ପନ୍ତ ଦିଲ୍ଲୀ ପାଇଁ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୧୧୧ଟି ମ୍ୟାଚ୍ ଖେଳି ୩୨୮୪ ରନ ସଂଗ୍ରହ କରିଥିଲେ।




**ଆଜିର ଆଇପିଏଲ୍ ମ୍ୟାଚ୍**
ଲକ୍ଷ୍ନୌ ବନାମ ରାଜସ୍ଥାନ
ଭେନ୍ୟୁ - ଲକ୍ଷ୍ନୌ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ହାଇଦରାବାଦ* | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ* | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ଚେନ୍ନାଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୬ | ୨ | ୪ | ୦ | ୪ | -୧.୧୭୩ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |
| ମୁମ୍ବାଇ | ୫ | ୧ | ୪ | ୦ | ୨ | -୧.୦୭୬ |

## ମାହତ୍ରେ ବାଦ୍ ପଡ଼ିଲେ

**ଚେନ୍ନାଇ,୨୧।୪(ଏଜେନ୍ସି):** ସିଏସ୍‌କେର ଯୁବ ବ୍ୟାଟର ଆୟୁଷ ମାହତ୍ରେ ଆଇପିଏଲ୍‌ରେ ଚଳିତ ସିଜନର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ସିଏସ୍‌କେକୁ ଶକ୍ତ ଧକ୍କା ଲାଗିଛି। ହାଇଦରାବାଦ୍‌ରେ ଶନିବାର ଖେଳାଯାଇଥିବା ସନ୍‌ରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ମାହତ୍ରେଙ୍କ ମାଂସପେସୀରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କ ବାମ ହାମଷ୍ଟ୍ରିଙ୍ଗ ଟିୟର କ୍ଷତିଗ୍ରସ୍ତ ହୋଇଥିବା ସ୍କାନ ରିପୋର୍ଟରୁ ଜଣାପଡ଼ିଥିଲା। ଆଘାତ ସମସ୍ୟାରୁ ଫିଟ୍ ହେବାକୁ ମାହତ୍ରେଙ୍କୁ ୬ରୁ ୧୨ ସପ୍ତାହ ଲାଗିବ ବୋଲି ଡାକ୍ତର କହିଛନ୍ତି। ଯାହା ଫଳରେ ସେ ଚଳିତ ସିଜନରେ ଆଉ ଖେଳିବା ସମ୍ଭବ ନୁହେଁ ବୋଲି ସିଏସ୍‌କେ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ଫିଟ୍ ହୋଇ ନ ଥିବାରୁ ଏମ୍‌ଏସ୍ ଧୋନି ଏଯାଏ ଖେଳିପାରି ନାହାନ୍ତି। ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ନାଥାନ ଏଲିସ୍ ଏବଂ ନିକଟରେ ମହମ୍ମଦ୍ ଖଲୀଲ ଦଳରୁ ବାଦ୍ ପଡ଼ିଛନ୍ତି। ଏଲିସ୍‌ଙ୍କ ବଦଳ ଖେଳାଳି ସ୍ପେନସର ଜନସନ ଏବେ ସୁଦ୍ଧା ଫିଟ ହୋଇନାହାନ୍ତି।

## ଏଲ୍‌ଏସ୍‌ଜିରେ ଯୋଗଦେବେ ଜୋଶ ଇଂଲିଶ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଅଷ୍ଟ୍ରେଲିଆର ୱିକେଟକିପର/ବ୍ୟାଟର ଜୋଶ ଇଂଲଶ ମେ’ ୪ରେ ହେବାକୁ ଥିବା ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲା ପୂର୍ବରୁ ଦଳ ସହ ଯୋଗଦେବେ ବୋଲି ଏଲଏସ୍‌ଜି ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ୧୮ରେ ଇଂଲିଶଙ୍କର ବିବାହ ହୋଇଛି। ଯାହା ଫଳରେ ସେ ଛୁଟିରେ ଅଛନ୍ତି। ମେ ପ୍ରଥମ ସପ୍ତାହରେ ସେ ଭାରତ ଆସିବେ ବୋଲି ଜଣାଯାଇଛି। ଏହା ଯଦି ସମ୍ଭବ ହୁଏ, ତେବେ ଚଳିତ ସିଜନରେ ସେ ଏଲଏସ୍‌ଜି ପକ୍ଷରୁ ଖେଳାଯିବାକୁ ଥିବା ଶେଷ ୬ଟି ମ୍ୟାଚ୍‌ରେ ଭାଗନେଇପାରିବେ। ଚଳିତ ସିଜନରେ ଏଲଏସ୍‌ଜି ସର୍ବାଧିକ ୩ଜଣ ବିଦେଶୀ ଖେଳାଳିଙ୍କୁ ନେଇ ଖେଳୁଛି।

## ୧୫୯ତମ ବଲ୍‌ରେ ୱିକେଟ ପାଇଥିଲେ ପ୍ରବୀଣ କୁମାର

**ଅହମ୍ମଦାବାଦ, ୨୧।୪(ଏଜେନ୍ସି):** ଏଠାରେ ଗତକାଲି ଗୁଜରାଟ ଟାଇଟାନ୍ସର ସାଇ ସୁଦର୍ଶନଙ୍କୁ ଆଉଟ କରି ଭାରତର ନଂ-୧ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଚଳିତ ଆଇପିଏଲ୍‌ରେ ୧୧୫ତମ ବଲ୍ ବୋଲିଂ କଲା ପରେ ପ୍ରଥମ ୱିକେଟ ପାଇଥିଲେ। ଗୋଟିଏ ସିଜନରେ ସର୍ବାଧିକ ବଲ ପକାଇ ୱିକେଟ ପାଇବାରେ ବୁମ୍‌ରାଙ୍କ ସ୍ଥାନ ୬ଷ୍ଠରେ ରହିଛି। ପ୍ରବୀଣ କୁମାରଙ୍କ ନାମରେ ଏହି ରେକର୍ଡ ରହିଛି। ସେ ଦୁଇଥର ଅଧିକ ବଲ୍ ବୋଲିଂ କରି ୱିକେଟ ପାଇଥିଲେ। ୨୦୧୨ ସିଜନରେ ୧୫୯ତମ ଓ ୨୦୧୬ରେ ୧୪୭ତମ ବଲ ବୋଲିଂ କରିବା ପରେ ପ୍ରବୀଣ କୁମାର ପ୍ରଥମ ୱିକେଟ ପାଇଥିଲେ। ୨୦୧୪ରେ ଜେପି ଡୁମିନି ୧୨୮ଟି ବଲ୍, ୨୦୦୮ରେ ଅନିଲ କୁମ୍ବଲେ ୧୨୪ଟି ବଲ ବୋଲିଂ କରିବା ପରେ ୱିକେଟ ପାଇଥିଲେ। ଏହି ତାଲିକାରେ ବୁମ୍‌ରା ୧୨୨ଟି ବଲ ପକାଇବା ପରେ ୱିକେଟ ପାଇଛନ୍ତି।

## ଏସିଆ ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍

# ରୌପ୍ୟ ବିଜୟିନୀ ପଦ୍ମିନୀ ଫେରିଲେ

**ଭୁବନେଶ୍ୱର, ୨୧।୪ (ସମିସ):** ଜାପାନରେ ଗତ ୧୫ ତାରିଖରୁ ଚାଲିଥିବା ଆଇବିଏସଏ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଭାରତୀୟ ଦଳ ରୌପ୍ୟ ପଦକ ବିଜୟୀ ହୋଇଛି। ଫାଇନାଲରେ ଆୟୋଜକ ଜାପାନ ମହିଳା ଦଳ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ବ୍ଲୁ ଆଇ ଅନୁଷ୍ଠାନର ପଦ୍ମିନୀ ଟୁଡୁ ଅଂଶଗ୍ରହଣ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଚାମ୍ପିଅନସିପ୍‌ରେ ଜାପାନ ଓ ଭାରତ ସମେତ ତୃତୀୟ ଦଳ ଭାବେ ଅଷ୍ଟ୍ରେଲିଆ ଭାଗନେଇଥିଲା। ରୌପ୍ୟ ବିଜୟୀ ପଦ୍ମିନୀ ଓ ତାଙ୍କ କୋଚ୍ ତ୍ରିଲୋଚନ ବେଉରା ଆଜି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରେ ପହଞ୍ଚିବା ପରେ ତାଙ୍କୁ ବ୍ଲୁ ଆଇ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ନ୍ୟାସୀ ବେହେରା, ସନ୍ତୋଷିନୀ ଜୈନ, ବିକେ ପିଙ୍କି, ବିଜୟଲକ୍ଷ୍ମୀ, ପ୍ରିୟବ୍ରତ ପଣ୍ଡା ଓ ଆଶିଷ ସାହୁ ଉପସ୍ଥିତ ରହିଥିଲେ। ସେହିଭଳି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ନିର୍ଦ୍ଦେଶକ ବିଜୟ ଯେଦୁଲା, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଓଏସଡି ଧୀରଜ ପଟ୍ଟନାୟକ ପ୍ରମୁଖ ପଦ୍ମିନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ଆଲ୍‌କାରାଜ, ସାବାଲେଙ୍କାଙ୍କୁ ଲୌରିୟସ ସମ୍ମାନ

**ମାଦ୍ରିଦ, ୨୧।୪ (ଏଜେନ୍ସି):** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ‘ଲୌରିୟସ ଆୱାର୍ଡ’ର ୨୬ତମ ଉତ୍ସବ ସ୍ପେନର ରାଜଧାନୀ ମାଦ୍ରିଦରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଟେନିସ ତାରକା କାର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଯଥାକ୍ରମେ ବର୍ଷ ୨୦୨୫ ଲାଗି ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଟ୍ରଫି ଜିତିଛନ୍ତି। ୨୨ ବର୍ଷୀୟ ସ୍ପାନିଶ ତାରକା ଆଲ୍‌କାରାଜ ଗତବର୍ଷ ଦୁଇଟି ଗ୍ରାଣ୍ଡସ୍ଲାମ (ଫ୍ରେଞ୍ଚ ଓପନ ଓ ୟୁଏସ୍ ଓପନ୍) ଜିତିଥିଲେ। ବର୍ଷ ଶେଷକୁ ସେ ର୍‍ୟାଙ୍କିଙ୍ଗର ଏକ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିଭଳି ବେଲାରୁଷର ୨୭ ବର୍ଷୀୟା ସାବାଲେଙ୍କା ୟୁଏସ୍ ଓପନ୍ ଚାମ୍ପିଅନ ହୋଇଥିବାବେଳେ ଟୁର୍ ଫାଇନାଲ୍ସ ଓ ୱିମ୍ବଲଡନର ଫାଇନାଲରେ ପହଞ୍ଚି ରନର୍ସଅପ୍ ହୋଇଥିଲେ।





## ଭାରତୀୟ ମହିଳା କ୍ରିକେଟ୍ ଦଳ ନିରାଶ

ଅନ୍ୟ ପୁରସ୍କାର ବିଜେତାଙ୍କ ମଧ୍ୟରେ ପ୍ୟାରିସ ସେଣ୍ଟ ଜର୍ମେନ ଦଳ ‘ବର୍ଷର ଶ୍ରେଷ୍ଠ ଦଳ’, ଆୟର୍ଲାଣ୍ଡ ଗଲ୍ଫ ଖେଳାଳି ରୋରୀ ମ୍ୟାକ୍‌ଲୋରୀ ‘ଶ୍ରେଷ୍ଠ ପ୍ରତ୍ୟାବର୍ତ୍ତନକାରୀ ଖେଳାଳି’, ବ୍ରାଜିଲର ସନ୍ତରଣକାରୀ ଗାବ୍ରିଏଲ୍ ଅରାଉଜୋ ‘ଶ୍ରେଷ୍ଠ ଭିନ୍ନକ୍ଷମ ଖେଳାଳି’, ବାର୍ସିଲୋନା ତଥା ସ୍ପାନିଶ ଫୁଟବଲର୍ ଲାମିନେ ୟାମଲ ‘ଶ୍ରେଷ୍ଠ ଯୁବ କ୍ରୀଡ଼ାବିତ’, ଅବସରପ୍ରାପ୍ତ ରୋମାନିଆ ଜିମ୍ନାଷ୍ଟ ନାଦିଆ କୋମାନେଇସି ‘ଜୀବନବ୍ୟାପୀ ସାଧନା ପୁରସ୍କାର’ ଜିତିଥିଲେ। ତେବେ ଗତବର୍ଷ ଦିନିକିଆ ବିଶ୍ୱକପ୍ ଜିତି ଇତିହାସ ରଚିଥିବା ଭାରତୀୟ ମହିଳା ଦଳକୁ ନିରାଶ ହେବାକୁ ପଡ଼ିଛି। ‘ବର୍ଷର ଶ୍ରେଷ୍ଠ ଦଳ’ ପୁରସ୍କାର ଦୌଡ଼ରେ ହରମନପ୍ରୀତ୍ କୌରଙ୍କ ଦଳ ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ପ୍ରଦାନ କରାଯାଉଥିବା ‘ଲୌରିୟସ ପୁରସ୍କାର’କୁ କ୍ରୀଡାର ଓସ୍କାର ବୋଲି କୁହାଯାଏ।

## ଭାରତରେ ଏସିଆନ ଗେମ୍ସ ପ୍ରସାରଣ କରିବ ସୋନି ସ୍ପୋର୍ଟ୍ସ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଜାପାନର ଆଇଚି-ନାଗୋୟାଠାରେ ଚଳିତବର୍ଷ ହେବାକୁ ଥିବା ୨୦ତମ ଏସିଆନ ଗେମ୍ସର ସିଧାପ୍ରସାରଣ ଅଧିକାର ସୋନି ପିକ୍‌ଚର୍ସ ନେଟୱର୍କକୁ ମିଳିଛି। ଭାରତରେ ଓ ଭାରତୀୟ ଉପମହାଦେଶରେ ଏସିଆନ ଗେମ୍ସର ସିଧା ପ୍ରସାରଣ ସୋନି ସ୍ପୋର୍ଟ୍ସ ଚ୍ୟାନେଲ୍‌ରେ ଦେଖିବାକୁ ମିଳିବ। ସୋନି ପକ୍ଷରୁ କ୍ରମାଗତ ତୃତୀୟଥର ସକାଶେ ସିଧା ପ୍ରସାରଣ କରିବାକୁ ଅଧିକାର ପାଇଛି। ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ। ସୋନି ଲାଇଭ୍‌ରେ ମଧ୍ୟ ଷ୍ଟ୍ରିମିଂ ହେବ। ମୋବାଇଲ ଆପରେ ଏହା ଦେଖାଯାଇପାରିବ। ଗତଥର ଭାରତ ରେକର୍ଡ ୧୦୭ଟି ମେଡାଲ ଜିତିଥିଲା। ଭାରତୀୟ ଆଥ୍‌ଲେଟଙ୍କ ପ୍ରଦର୍ଶନ ଦେଖିବାକୁ ଭାରତୀୟଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଥିଲା। ଏଥର ଏସିଆନ ଗେମ୍ସରେ ୩୨ଟି ଅଲିମ୍ପିକ୍ ସ୍ପୋର୍ଟ୍ସ ସମେତ ୪୧ଟି ଡିସିପ୍ଲିନ୍‌ରେ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏସିଆନ୍ ଗେମ୍ସକୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ପ୍ରତିଯୋଗିତା ଭାବେ ବିବେଚନା କରାଯାଉଛି।

## ■ ଆଇରିସ୍ ଓପନ ଚ୍ୟାଲେଞ୍ଜ କପ୍

# ସୁବ୍ରତ ଦାସଙ୍କ ବିଜୟ



**ଭୁବନେଶ୍ୱର,୨୧।୪ (ସମିସ):** ସ୍କଟଲାଣ୍ଡରେ ଚାଲିଥିବା ଆଇରିସ୍ ଓପନ ଚ୍ୟାଲେଞ୍ଜ କପ୍‌ର ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଆ ଖେଳାଳି ସୁବ୍ରତ ଦାସ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମୁକାବିଲାରେ ସେ ନର୍ଦ୍ଦର୍ଣ୍ଣ ଆୟର୍ଲାଣ୍ଡର ଡୋମ୍ ହ୍ୟାଲିଗାନଙ୍କୁ ୨୦୦-୧୩୯ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ୱାର୍ଲ୍ଡ ମ୍ୟାଚ୍‌ପ୍ଲେ ବିଲିଆର୍ଡ୍ସର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ସୁବ୍ରତ ୪-୧ ଫ୍ରେମ୍‌ରେ ବିଜୟୀ ହୋଇଛନ୍ତି।

## ■ ଅଲ୍‌ଓଡ଼ିଶା ଓପନ ସ୍ନୁକର ଚାମ୍ପିଅନସିପ୍

# ବିପର୍ଯ୍ୟୟ ସୃଷ୍ଟିକଲେ ଆକାଶ

**ଭୁବନେଶ୍ୱର,୨୧।୪(ସମିସ):** ବରିଷ୍ଠ ଖେଳାଳି ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ହରାଇ ଆକାଶ ମହାପାତ୍ର ବିଏସ୍‌ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର ସେମିଫାଇନାଲରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଆକାଶ ୪-୩ ଫ୍ରେମ୍‌ରେ ଡାକ୍ତର ରାକେଶଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ରାକେଶ ଅଗ୍ରଣୀ ଥିଲେ ମଧ୍ୟ ଆକାଶ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ନାଟକୀୟ ଭଙ୍ଗୀରେ କବ୍‌ଜା କରିନେଇଥିଲେ। ବୁଧବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆକାଶଙ୍କ ସହ ଟମ୍ ସିଡ୍ ଆଶୁତୋଷ ପାଢ଼ୀଙ୍କର ମୁକାବିଲା ହେବ। ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଆଶୁତୋଷ ଏକତରଫା ମୁକାବିଲାରେ ଚେତନ ଆନନ୍ଦଙ୍କୁ ୪-୦ ଫ୍ରେମ୍‌ରେ ହରାଇ ପ୍ରଥମ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ବୁଧବାର ସକାଳ ୧୧ଟାରେ ଆଶୁତୋଷ ପାଢ଼ୀ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ୭ ଫ୍ରେମ ବିଶିଷ୍ଟ ଫାଇନାଲ ମୁକାବିଲା ଖେଳାଯିବ।



## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

# ବାଲେଶ୍ୱର, ଯାଜପୁର, ଝାରସୁଗୁଡ଼ା ବିଜୟୀ

**ଭୁବନେଶ୍ୱର, ୨୧।୪ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍‌ର ପଞ୍ଚମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର, ଝାରସୁଗୁଡ଼ା, ସମ୍ବଲପୁର ବିଜୟୀ ହୋଇଛନ୍ତି। ବିଡ଼ାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର ୮୯ ରନରେ ସୋନପୁରକୁ ପରାସ୍ତ କରିଛି। ପ୍ରଜ୍ଞା ମହାନ୍ତି (୬୬ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭୁବନେଶ୍ୱର ୧୪୪ ରନର ଲକ୍ଷ୍ୟ ସୋନପୁର ସାମ୍ନାରେ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରିଥିବା ସୋନପୁର ୧୯.୩ ଓଭରରେ ୫୪ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଆକାଂକ୍ଷା ମଙ୍ଗରାଜଙ୍କୁ ୫ଟି ୱିକେଟ୍ ମିଳିଥିଲା। ସେହିଭଳି ରେଭେନସା ଗ୍ରାଉଣ୍ଡରେ ଖୋର୍ଦ୍ଧା ୮୭ ରନରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୬ ୱିକେଟରେ ୧୫୬ ରନ କରିଥିଲା। ଜବାବରେ ପାରାଦୀପ ୫ ୱିକେଟରେ ୬୮ ରନ କରିବାକୁ ସମର୍ଥ ହୋଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବାଲେଶ୍ୱର ୬୩ ରନରେ କେନ୍ଦ୍ରାପଡ଼ାକୁ ହରାଇଥିଲା। ଅଞ୍ଜଳି ସିଂ ୪୬ ଓ ଅଙ୍କିତା ଗିରି ୨ ୱିକେଟ୍ ନେଇଥିଲେ।

ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚଗୁଡ଼ିକରେ ଯାଜପୁର ୭ ୱିକେଟରେ ପୁରୀକୁ, ଝାରସୁଗୁଡ଼ା ୭୧ ରନରେ ବୌଦ୍ଧକୁ ଓ ସମ୍ବଲପୁର ୧୦ ରନରେ ଢେଙ୍କାନାଳକୁ ପରାସ୍ତ କରିଥିଲା। ଯାଜପୁରର ଅଲିସ୍ମା ବିଶ୍ୱାଳ (୩୬ ରନ ଓ ୨ ୱିକେଟ), ଝାରସୁଗୁଡ଼ାର ପୂଜା ଯାଦବ (୨୩ ରନ ଓ ୨ ୱିକେଟ) ଓ ସମ୍ବଲପୁରର ବର୍ଷା ସିଂ (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।


ଆକାଂକ୍ଷା ମଙ୍ଗରାଜ


ଅଲିସ୍ମା ବିଶ୍ୱାଳ


ବର୍ଷା ସିଂ

# ଅଦାଲତ ଅବମାନନା କରି ଅଡୁଆରେ ହକି ଇଣ୍ଡିଆ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଦିଲ୍ଲୀ ହାଇକୋର୍ଟଙ୍କ ଏକ ଆଦେଶ ଅବମାନନା କରି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ଅଡୁଆରେ ପଡ଼ିଛନ୍ତି। ଇଚ୍ଛାକୃତ ଭାବେ ଆଦେଶ ଅବମାନନା କରିଥିବାରୁ ତ । ଙ୍କୁ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି ଓ ମେ’ ୪ରେ ଚୂଡ଼ାନ୍ତ ରାୟ ପ୍ରଦାନ କରାଯିବା ସହ ଦଣ୍ଡବିଧାନ କରାଯିବ ବୋଲି ବିଚାରପତି ପିକେ କୌରବ ତାଙ୍କ ଆଦେଶରେ କହିଛନ୍ତି। ଏହା ସହିତ ହକି ଇଣ୍ଡିଆ ସମ୍ପାଦକଙ୍କୁ ମେ’ ୪ ମଧ୍ୟରେ ବହିଷ୍କାର କରାଯିବ କି ନାହିଁ କିମ୍ବା ପୂର୍ବ ଆଦେଶକୁ ମାନିବା ଲାଗି ଅଣ୍ଡରଟେକିଂ ଦେବାକୁ ହାଇକୋର୍ଟ ସୁଯୋଗ ଦେଇଛନ୍ତି। ଏହା ଫଳରେ ସମ୍ପାଦକ ଭୋଳାନାଥ ସିଂ କୋର୍ଟରେ ଉପସ୍ଥିତ ରହି ଦୋଷ ସ୍ୱୀକାର କଲେ ଦଣ୍ଡବିଧାନ କମିଯାଇପାରେ ବୋଲି ତାଙ୍କ ଆଡଭୋକେଟ କହିଛନ୍ତି।

ସୂଚନାଯୋଗ୍ୟ ହକି ଇଣ୍ଡିଆର ନିର୍ବାଚିତ ଉପସଭାପତି ସୟଦ ଅସୀମା ଅଲିଙ୍କୁ କାର୍ଯ୍ୟନିର୍ବାହୀ କମିଟିର ବୈଠକ ସମ୍ପର୍କରେ ଲିଙ୍କ ପ୍ରଦାନ କରିବାକୁ ଗତବର୍ଷ ଜାନୁଆରୀ ୧୭ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହକି ଇଣ୍ଡିଆ ଅଲିଙ୍କୁ ଲିଙ୍କ ଦେଇ ନ ଥିଲା। ଯାହା ଫଳରେ ଅଦାଲତ ଅବମାନନା ଅଭିଯୋଗ ଆଣି ଅଲି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ପିକେ କୌରବଙ୍କ ଜଣିକିଆ ଖଣ୍ଡପୀଠ ଏହାର ବିଚାର କରି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS